
ISSN No. : 2583-147X (P)

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE

ଜୁଲାଇ ୨୦୨୨

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ*
*ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଅଷ୍ଟମ ବର୍ଷର ଚତୁର୍ଥ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ଌ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।<br>କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଙ୍, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 8, July 2022, Issue No. IV
ISSN NO. 2583-147X(P)
**RNI No. : ODIODI/2015/64435**
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
ଡକ୍ଟର ପାବକ କାନୁନ୍‌ଗୋ
ଡକ୍ଟର ମନ୍ଦାକିନୀ ଦାସ
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ଆଲୋଚକଙ୍କ ଦୃଷ୍ଟିରେ 'ସବୁଜ'
– ବିକେଶ ସାହୁ ୦୭

ବାଥୁଡ଼ି ସଂପ୍ରଦାୟର କାନ୍ଦଣା ଗୀତ
– ଡକ୍ଟର ରାଜା କୁମାର ନାଏକ ୧୬

କ୍ଲାସିକ୍ ସାହିତ୍ୟ ପରିପ୍ରେକ୍ଷୀରେ 'ଅନ୍ଧମୁହାଁଣୀ'
– ପରୀକ୍ଷିତ ଭୋଇ ୨୦

ସ୍ୱପ୍ନ ଗାନ୍ଧୀଜୀଙ୍କର : ଆମେ ତାଙ୍କର ସିପାହୀ
– ଅଶ୍ୱିନୀ କୁମାର ସେଠୀ ୨୫

ସତ୍ୟ, ଅହିଂସା ଓ ସହିଷ୍ଣୁତା ମନ୍ତ୍ରରେ ଅଭିସିକ୍ତ ଗାନ୍ଧୀ
– ମୀରା ବେଉରା ୨୭

ତୁଳନାତ୍ମକ ଆଲୋକରେ ରାଧାମୋହନ ଗଡ଼ନାୟକଙ୍କ 'ମୌସୁମୀ'
– ଡକ୍ଟର ମଧୁଛନ୍ଦା ନାୟକ ୨୯

'ସମର୍ପଣ' ଓ 'ସମ୍ମୋହନ'ର ଅଦୃଶ୍ୟ ଝୋଟିଚିତା :
ଛନ୍ଦାଚରଣଙ୍କ କବିତା
– ଡ. ଆଲୋକ ବରାଳ ୩୫

ପରିପୂର୍ଣ୍ଣ ଜୀବନପାତ୍ର ଓ ଚେତନାର ଉତ୍ତରିତ ପଥ :
ବୈକୁଣ୍ଠନାଥଙ୍କ 'ଯାତ୍ରାସଙ୍ଗୀତ'
– ଡ. ବିଦ୍ୟୁତପ୍ରଭା ରାଉତ ୪୦

କଥାକାର ପ୍ରଦୀପ ଦାଶଙ୍କ ଉପନ୍ୟାସରେ ପ୍ରତିଫଳିତ ପ୍ରାକୃତିକ ବିପର୍ଯ୍ୟୟ
– କାମିନୀ ଦେହୁରୀ ୪୫

## PRACHEE MONTHLY ADVT. TARIFF

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


## ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................
ଠିକଣା ....................................................... ପିନ୍‌କୋର୍ଡ଼ ....................................
ମୋବାଇଲ୍ ନମ୍ବର ........................................ ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ...................................
ବ୍ୟାଙ୍କ୍.......................................... ସ୍ଥାନ..................................................
ତାରିଖ....................................... ଦସ୍ତଖତ...............................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X(P), Vol.- 8, Issue No. IV, July 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଆଲୋଚକଙ୍କ ଦୃଷ୍ଟିରେ 'ସବୁଜ'

**ବିକେଶ ସାହୁ**

ସାହିତ୍ୟ ମାଧ୍ୟମରେ ହିଁ ଗୋଟିଏ ଜାତିର ଜୀବନ, ଜିଜ୍ଞାସା, କଳା, ସଂସ୍କୃତି ଓ ଆଦର୍ଶଗତ ମୂଲ୍ୟବୋଧର ପ୍ରତିଫଳନ ସମ୍ଭବପର ହୋଇଥାଏ । ସମୟ ସହ ପରିବର୍ତ୍ତିତ ସଭ୍ୟତା, ମୂଲ୍ୟବୋଧ ଓ ମାନସିକତା ଏକ ଜାତୀୟ ସାହିତ୍ୟର ମୂଳପିଣ୍ଡ ଭାବେ ପିଢ଼ି ପରେ ପିଢ଼ି ତାକୁ ବଞ୍ଚେଇ ରଖେ । ତେଣୁ ସାହିତ୍ୟର ମୂଲ୍ୟ ସ୍ୱତନ୍ତ୍ର । ଏକ ଜାତୀୟ ସାହିତ୍ୟର ଗତି ସବୁବେଳେ ଏହାର ସାମାଜିକ, ସାଂସ୍କୃତିକ, ରାଜନୈତିକ ଘଟଣା ପ୍ରବାହ ଓ ସ୍ଥିତି ଉପରେ ନିଜକୁ ଠିଆ କରାଏ । ତା'ର ବଦଳୁଥିବା ମୂଲ୍ୟବୋଧ ଓ ଆଦର୍ଶ ହୁଏ ସାହିତ୍ୟର ଅନ୍ତରାତ୍ମା । ସେହି ଦୃଷ୍ଟିରୁ ଓଡ଼ିଆ ସାହିତ୍ୟର ପ୍ରଲମ୍ବିତ ପ୍ରବାହରେ 'ସବୁଜସାହିତ୍ୟ'ର ସ୍ୱତନ୍ତ୍ରତା ମଧ୍ୟ ଅନସ୍ୱୀକାର୍ଯ୍ୟ । ସୂଚନାଯୋଗ୍ୟ ଯେ, ଓଡ଼ିଆ ସାହିତ୍ୟର ଆଲୋଚକ ଓ ଇତିହାସକାରମାନେ ୧୯୨୧ରୁ ୧୯୩୫ ମସିହା ମଧ୍ୟରେ ଉକ୍ତ ସାହିତ୍ୟ ଧାରାର ସୀମା ନିର୍ଣ୍ଣୟକରି ଏହି ସମୟଖଣ୍ଡକୁ 'ସବୁଜ ଯୁଗ', 'ସବୁଜ ଯୁଗାଭାଷ', 'ସବୁଜ ଚେତନା', 'ସବୁଜ ଧାରା' ଆଦି ବିଭିନ୍ନ ଭାବେ ନିଜର ମତ ଉପସ୍ଥାପନା କରିଆସିଛନ୍ତି । କିନ୍ତୁ ଅଦ୍ୟାବଧି ସବୁଜ ସାହିତ୍ୟକୁ ନେଇ ଯେତେସବୁ ଆଲୋଚନା ଦୃଷ୍ଟିଗୋଚର ହୁଏ, କୌଣସିଟିରେ ଉକ୍ତ ବିଷୟକୁ ନେଇ ଏକ ସ୍ପଷ୍ଟ ଓ ଯୁକ୍ତିସଙ୍ଗତ ମତ ଉପଲବ୍ଧ ହେଲାଭଳି ପରିଲକ୍ଷିତ ହୁଏ ନାହିଁ । ଯାହା ଓଡ଼ିଆ ସାହିତ୍ୟ ପାଇଁ ଏକ ବିଡମ୍ବନା । ତେବେ ଉକ୍ତ ଆଲୋଚନାରେ ପୂର୍ବାଲୋଚିତ ସମସ୍ତ ଆଲୋଚନାର ସମୀକ୍ଷାତ୍ମକ ଉପସ୍ଥାପନା ସହ ସ୍ୱକୀୟ ବିଚାରବୋଧର ଉପସ୍ଥାପନା ସଂଶ୍ଲିଷ୍ଟ କରାଗଲା । ସୂଚନାଯୋଗ୍ୟ ଯେ ଉକ୍ତ ଆଲୋଚନାରେ ସବୁଜ ସାହିତ୍ୟର କବି କିମ୍ବା ଲେଖକମାନଙ୍କୁ ନେଇ କୌଣସି ଉପସ୍ଥାପନା ଉଲ୍ଲେଖ କରାଯିବ ନାହିଁ, ବରଂ ଯଥାସାଧ ଚେଷ୍ଟା କରାଯାଇଛି ସବୁଜ ସାହିତ୍ୟ ସମ୍ପର୍କିତ ମତାନୈକ୍ୟର ଉପସ୍ଥାପନା ସହ ଏକ ସୁକ୍ଷମ ସମାଧାନ ନିମନ୍ତେ । ତେଣୁ ଆଲୋଚ୍ୟ ପ୍ରସଙ୍ଗ ଦୃଷ୍ଟିରୁ ଆଲୋଚନାଟିକୁ ଗତିଶୀଳ କରାଯିବାର ପ୍ରଯତ୍ନ କରାଯାଇଛି ।

ଆଲୋଚନାର ସୁବିଧା ଓ ସ୍ୱଚ୍ଛତା ଦୃଷ୍ଟିରୁ ସମୁଦାୟ ଅଲୋଚନାକୁ ତିନୋଟି ପର୍ଯ୍ୟାୟରେ ଗତିଶୀଳ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ସବୁଜସାହିତ୍ୟ ଆଧାରିତ ସ୍ୱତନ୍ତ୍ର ଆଲୋଚନା ପୁସ୍ତକ ଆଧାରିତ ଆଲୋଚନା ସ୍ଥାନିତ ହେବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଆ ସାହିତ୍ୟର ଇତିହାସକାରମାନଙ୍କର ମତକୁ ଆଧାର କରି ଏହାକୁ ବିଶ୍ଲେଷଣ କରାଯାଇଛି । ଅନୁରୂପ ଭାବେ ଅନ୍ତିମ ବା ତୃତୀୟ ପର୍ଯ୍ୟାୟରେ ବିଭିନ୍ନ ଆଲୋଚନା ପୁସ୍ତକରେ ସ୍ଥାନିତ ସବୁଜସାହିତ୍ୟ ଆଧାରିତ ପ୍ରବନ୍ଧ ଓ ପତ୍ରପତ୍ରିକାରେ ସ୍ଥାନିତ ଆଲେଖ୍ୟ ଆଧାରରେ ଏ ସମ୍ପର୍କିତ ଦୃଷ୍ଟିକୋଣର ବିଚାର କରାଯାଇଛି ।

॥ ୨ ॥

ସବୁଜ ସାହିତ୍ୟ ସମ୍ପର୍କିତ ହାତଗଣତି ଆଲୋଚନା ପୁସ୍ତକମାନଙ୍କ ମଧ୍ୟରେ ପ୍ରଥମେ ଦୃଷ୍ଟିକୁ ଆସେ ମୁରାରୀମୋହନ ଜେନାଙ୍କ 'ସବୁଜ ଯୁଗ ଓ ବୈକୁଣ୍ଠନାଥ' (୧୯୫୫) ଶୀର୍ଷକ ପୁସ୍ତକ । ଯଦିଓ ଏହି ପୁସ୍ତକର ପ୍ରକାଶନ ପୂର୍ବରୁ କିଛି ପତ୍ରିକାରେ ସବୁଜସାହିତ୍ୟ ସମ୍ପର୍କିତ ଆଲୋଚନା ଦେଖିବାକୁ ମିଳେ ଯାହା ପରବର୍ତ୍ତୀ ସମୟରେ ଆଲୋଚିତ, କିନ୍ତୁ ସେସବୁ ସେତେ ବଳିଷ୍ଠ ମନେ ହୁଏନାହିଁ । ଆଲୋଚକ ମୁରାରୀମୋହନ ଜେନା ଉକ୍ତ ଆଲୋଚନା ଗ୍ରନ୍ଥରେ" ସବୁଜ ଯୁଗ କାହିଁକି ?" ଶୀର୍ଷକ ଏକ ପରିଚ୍ଛେଦ ସ୍ଥାନିତ କରିବା ସହ ଅନ୍ୟ ଏକ ପରିଚ୍ଛେଦରେ ସବୁଜ ଯୁଗର ବୈଶିଷ୍ଟ୍ୟ ଉପରେ ଆଲୋଚନା କରିଛନ୍ତି । ଲକ୍ଷ୍ୟ କରିବାର ବିଷୟ ହେଉଛି, ଉକ୍ତ ଆଲୋଚନା ପୁସ୍ତକର ଶୀର୍ଷକ ସେ ସବୁଜଯୁଗ ବୋଲି ଉଲ୍ଲେଖ କରିଥିଲେ ମଧ୍ୟ ତାଙ୍କ ଆଲୋଚନାର ପ୍ରତି ଛତ୍ରେ ବିରୋଧାଭାଷର ସ୍ୱର ସ୍ପଷ୍ଟ ବାରିହୋଇ ପଡ଼େ । ଏକ ବର୍ହିଆଗତ ସଂସ୍କୃତି ବା ସାହିତ୍ୟ ଚେତନା ଭାବେ ସେ ଆଲୋଚନାର ଅନେକତ୍ର ଏହାକୁ ଆକ୍ଷେପ କରିଛନ୍ତି । ଆଲୋଚନାର ଅଦ୍ୟ ପର୍ଯ୍ୟାୟରେ ଏହାର ଆଭାଷ ଆମେ ପାଇପାରିବା । ଯଥା- "ସବୁଜ ଯୁଗ ବା ସବୁଜ ସାହିତ୍ୟର ମଞ୍ଜି ଏ ମାଟିର ନିଜସ୍ୱ ନୁହେଁ । ମଞ୍ଜିଟି

ପରଦେଶୀ ଯଦିଓ, ତଥାପି ଏ ଦେଶର ଦେଶୀୟ ପାଣି ପବନର ଚାଟୁଳ ସ୍ନେହ ସରାଗରେ ଉପରକୁ ମୁଣ୍ଡଟେକି ଉଠିଲା । ସେତେବେଳକାର ମୁଖ୍ୟତଃ ପାଞ୍ଚଜଣ ମାଳି ଏ ଦେଶ ସାହିତ୍ୟ ବଗିଚାରେ କଳିକତି ମଞ୍ଜି ପୋତି ତାର ଫୁଲର ଗନ୍ଧ, ଫଳର ସ୍ୱାଦକୁ ଏ ଦେଶର ନରନାରୀଙ୍କୁ ସୁଙ୍ଘାଇବାର ଓ ଚଖାଇବାର ପ୍ରୟାସରେ ଯେଉଁ ରଙ୍ଗୀନ୍ ମାତାଲ ସ୍ୱପ୍ନ ଦେଖିଲେ ତାହା ଏବେ ଭାବି ବସିଲେ ନିଜକୁ ମାତାଲ ହେବାକୁ ପଡ଼େ । ମାତାଲ ହେବାର ମତଲବ୍ ହେଉଛୁ ଯେ, ସେ ପାଞ୍ଚଜଣ ମାଳି ନିଜ ମାଟିର ମଞ୍ଜି ନିଜ କ୍ଷେତରୁ ଉତ୍ପନ୍ନ ହୋଇ ନିଜ ଆମାରରେ ଥାଉ ଥାଉ ପରଦେଶୀ ମଞ୍ଜି ପ୍ରତି ଲୋଭ ଦଳେଇ ସେ ମଞ୍ଜିକୁ ଖୁବ୍ ଶସ୍ତା ସୁବିଧାରେ ଗୋଟେଇ ଆଣି ଏ ମଧ୍ୟରେ ପୋତିଲେ କାହିଁକି ?" (ସବୁଜ ଯୁଗ ଓ ବୈକୁଣ୍ଠନାଥ - ମୁରାରୀମୋହନ ଜେନା । ପୃ ୧-୨) କହିବା ବାହୁଲ୍ୟ ଯେ ଏ ଶେଷ ପ୍ରଶ୍ନଟି ହିଁ ସୂଚେଇ ଦିଏ ସବୁଜ ସାହିତ୍ୟର ସାଧକମାନଙ୍କ ପ୍ରତି ତାଙ୍କ ମାନସିକତା ଓ ଗ୍ରହଣଶୀଳତାକେତେ ! ସେହିପରି କବି ସଚ୍ଚି ରାଉତରାୟ ବାଜି ରାଉତ କବିତାଗ୍ରନ୍ଥର ସବୁଜ ବିରୋଧୀ କବିତାର (ଆରେ ପଳାୟନ ପନ୍ଥୀ..) ଅଂଶକୁ ଆଧାର କରି ନିଜର ମନ୍ତବ୍ୟ ପ୍ରକାଶ କରିବା ସହ ବଙ୍ଗଳା ସାହିତ୍ୟର ପ୍ରଭାବ, ସାମୟିକ ସାହିତ୍ୟିକ ପରିମଣ୍ଡଳ ଉପରେ ସୂଚନା ଓ ସବୁଜ ସାହିତ୍ୟର ଗତିଧାରା ସମ୍ପର୍କିତ ଅବଧାରଣା ପ୍ରଦାନ କରିଛନ୍ତି । ଯାହା ସବୁଜ ସାହିତ୍ୟକୁ ବଙ୍ଗଳା ପ୍ରଭାବିତ ଏକ ଦୁର୍ବଳ ଓ ନୈରାଶ୍ୟ ନିପୀଡୀତ ସାହିତ୍ୟ ଧାରା ଭାବେ ପ୍ରତିଷ୍ଠା ଦେବାରେ ପକ୍ଷ ସ୍ୱୀକାର କରେ । ତାଙ୍କ ଆଲୋଚନାରେ ଅନେକତ୍ର ସେ ସବୁଜ ଗୋଷ୍ଠୀଙ୍କୁ ରାଧାନାଥଙ୍କ ପରିପନ୍ଥୀ ଭାବେ ଗ୍ରହଣ କରିବା ସହ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ସେ ସବୁଜ ସାହିତ୍ୟର କିଛି ବୈଶିଷ୍ଟ୍ୟ ଉପରେ ମଧ୍ୟ ଉପସ୍ଥାପନା କରିଛନ୍ତି । ଯହିଁରେ ସେ ଓଡିଆ ସାହିତ୍ୟ ପ୍ରତି ସବୁଜ ସାହିତ୍ୟର ଅବଦାନ (ପତ୍ରିକା ପ୍ରକାଶନ, ଗଦ୍ୟ ଲେଖାକୁ ପ୍ରାଧାନ୍ୟ, ନୂତନ ଲେଖକଙ୍କ ପାଇଁ ସୁଯୋଗ ସୃଷ୍ଟି ଆଦି)କୁ ସ୍ୱୀକାର କରନ୍ତି । ଏତଦ୍ ବ୍ୟତୀତ ସବୁଜ ସାହିତ୍ୟର ବିଫଳତା ସମ୍ପର୍କରେ ସେ ଯାହା ମତ ଦିଅନ୍ତି ତାହା ନିଶ୍ଚୟ ଉଲ୍ଲେଖନୀୟ ମନେ ହୁଏ । ତାଙ୍କ ମତରେ– "ସବୁଜଯୁଗ କାହିଁକି ? ଶିରୋନାମାରେ ବିଶେଷ ଭାବେ ନିନ୍ଦା ଓ ଘୃଣା କରଯାଇଛି ? ଏଠାରେ ମୁଁ ପରିଷ୍କାର ରୂପେ କହି ଦେବାକୁ ଚାହେଁ ସବୁଜ ପନ୍ଥୀଙ୍କର ଭାଷାଗତ ଦୁର୍ବଳତା, ପଳାୟନବାଦୀତା, ଅସ୍ପଷ୍ଟତା, କାମଳ ପ୍ରେମର ବହୁଳ ପ୍ରଚାର ପ୍ରଭୃତି ବଳିଷ୍ଠ ଦୋଷଗୁଡିକ ଏପରି ଭାବେ ଜୀବନ୍ତ ଓ ଜଳ ଜଳ ହୋଇଉଠିଛି ଯେ, ଏମାନଙ୍କ ଯାହାକିଛି ବୈଶିଷ୍ଟ୍ୟ ଥାଉନା କାହିଁକି ତାକୁ ଘୋଡାଇ ପକାଇଛି ଓ ଏମାନଙ୍କର ୧୪ ବର୍ଷର କର୍ମମୟ ଜୀବନକାଳ ମଧ୍ୟରେ ଜୀଅନ୍ତା ସମାଧି ଦେବା ପାଇଁ ଆଗଭର ହୋଇଛି ।"(ସବୁଜ ଯୁଗ ଓ ବୈକୁଣ୍ଠନାଥ-ମୁରାରୀମୋହନ ଜେନା । ପୃ ୩୯) ତେବେ ଆଲୋଚନାର ଅନ୍ତିମ ପର୍ଯ୍ୟାୟରେ ସେ ଉପସ୍ଥାପନା କରିଥିବା ଏ ମତରୁ ହିଁ ଉକ୍ତ ଆଲୋଚନାର ପ୍ରକୃତ ଉଦ୍ଦେଶ୍ୟ ଓ ମୂଲ୍ୟାଙ୍କନ ନିହିତ ।

ପରବର୍ତ୍ତୀ ସମୟରେ ବିଭୁଦତ୍ତ ମିଶ୍ର ତାଙ୍କ 'ସବୁଜ ଯୁଗ ଓ କାବ୍ୟ ସଞ୍ଚୟନ ସମୀକ୍ଷା' (୧୯୬୪) ପୁସ୍ତକରେ ଅତି ସଂକ୍ଷେପରେ ସବୁଜସାହିତ୍ୟ ସମ୍ପର୍କିତ ନିଜର ମତ ଉଲ୍ଲେଖ କରିବା ସହ ସମସାମୟିକ ସାହିତ୍ୟିକ ପରିବେଶ ଉପରେ ଆଲୋଚନା କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେ ସବୁଜ ସାହିତ୍ୟକୁ ଏକ ଯୁଗ ଭାବେ ସ୍ୱୀକୃତି ଦେବା ପାଇଁ ନିଜର ଯୁକ୍ତି ଉପସ୍ଥାପନ କରନ୍ତି । ତାଙ୍କ ମତରେ- "ସବୁଜସାହିତ୍ୟ ସାଧନାର ପରିବେଶ ଓ ପରିସର ଏତେ ସୀମିତ ଓ ସଂକ୍ଷିପ୍ତ ସେ ଏହାକୁ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ସମୀଚୀନ ନୁହେଁ; ବରଂ ଏହାକୁ ଏକ 'ଉପଯୁଗ' ବୋଲି ନାମିତ କରାଯାଇପାରେ । କିନ୍ତୁ ଯଦି କେହି ଯଥାର୍ଥରେ ସମୟ ଓ ଲେଖକମାନଙ୍କ ସଂଖ୍ୟା ପ୍ରତି ଦୃଷ୍ଟି ନଦେଇ ଏହାର ନୂତନତ୍ୱ ଓ ସାହିତ୍ୟ-କ୍ଷେତ୍ରରେ ବୈଶିଷ୍ଟ୍ୟ ଏବଂ ମୌଳିକ-ସ୍ଥାନ ପ୍ରତି ଦୃଷ୍ଟିପାତ କରନ୍ତି, ତେବେ ଏହାକୁ ସ୍ୱତନ୍ତ୍ର ଯୁଗ ବୋଲି କହିବାର ଯୁକ୍ତିଯୁକ୍ତତା ଓ ସାରବତ୍ତା ସମ୍ପର୍କରେ କୌଣସି ସନ୍ଦେହର ଅବକାଶ ରହିବ ନାହିଁ ।' (ସବୁଜ ଯୁଗ ଓ କାବ୍ୟସଞ୍ଚୟନ ସମୀକ୍ଷା - ବିଭୁଦତ୍ତମିଶ୍ର- ପୃ-୫) ଯଦିଓ ସବୁଜ ସାହିତ୍ୟର ବ୍ୟାପକ ଆଲୋଚନା ସେ ଉକ୍ତ ପୁସ୍ତକରେ କରି ନାହାନ୍ତି; ତଥାପି ସବୁଜ ସାହିତ୍ୟ ସମ୍ପର୍କରେ ଏକ କ୍ରିୟାଶୀଳ ଅଭିବ୍ୟକ୍ତି ଉକ୍ତ ଆଲୋଚନାରୁ ସହଜଲଭ୍ୟ ।

୧୯୭୦ ମସିହାରେ ମୁରାରି ମୋହନ ଜେନାଙ୍କ 'ଓଡ଼ିଆ ସାହିତ୍ୟରେ 'ସବୁଜ ଯୁଗ' ଶୀର୍ଷକ ଏକ ପୁସ୍ତକ ଓଡ଼ିଶା ବୁକ୍ ଷ୍ଟୋର ଦ୍ୱାରା ପ୍ରକାଶିତ ହୁଏ । କିନ୍ତୁ ଏହି ପୁସ୍ତକରେ କୌଣସି ନୂତନତା ଦୃଷ୍ଟି ଗୋଚର ହୁଏ ନାହିଁ । ଆଲୋଚକଙ୍କ ପୂର୍ବ ପ୍ରକାଶିତ 'ସବୁଜ ଯୁଗ ଓ ବୈକୁଣ୍ଠନାଥ' ଶୀର୍ଷକ ଆଲୋଚନା ପୁସ୍ତକର ଏହା ବାମନ ରୂପ ମାତ୍ର । ଏହି ଆଲୋଚନା ଗ୍ରନ୍ଥରେ ଆଲୋଚକ 'ସବୁଜ ଯୁଗ ଓ ବୈକୁଣ୍ଠନାଥ'ରେ ସ୍ଥାନିତ ହୋଇଥିବା ଅନ୍ତିମ ପରିଚ୍ଛେଦ ଅର୍ଥାତ କବିତା ବିଚାର ପ୍ରସଙ୍ଗକୁ ବାଦ୍ ଦେଇ ଗ୍ରନ୍ଥଟିର ଶୀର୍ଷକରେ ପରିବର୍ତ୍ତନ କରିଛନ୍ତି ମାତ୍ର । ତେଣୁ ଏହାର ପୁନଃ ଆଲୋଚନାର କୌଣସି ମୂଲ୍ୟ ଥିଲା ଭଳି ଅନୁଭବ ହୁଏ ନାହିଁ ।

ଓଡ଼ିଆ ସମାଲୋଚନା ସାହିତ୍ୟର କ୍ଷେତ୍ରରେ ଆଲୋଚକ ନତ୍ୟାନନ୍ଦ ଶତପଥିଙ୍କ 'ସବୁଜରୁ ସାଂପ୍ରତିକ'(୧୯୭୯) ଆଲୋଚନା ପୁସ୍ତକ ଏକ ସ୍ୱତନ୍ତ୍ର ସ୍ଥାନର ଦାବିଦାର । ଯଦିଓ

ଆଲୋଚକଙ୍କ କଳା ବିଭୂଷଣ ଉପାଧି ନିମିତ୍ତ ପ୍ରସ୍ତୁତ ନିବନ୍ଧ, ତଥାପି ଏହି ଆଲୋଚନା ପୁସ୍ତକରେ ଆଲୋଚକଙ୍କ ଗଭୀର ଅନୁଶୀଳନ ଓ ସମୀକ୍ଷାତ୍ମକ ଦୃଷ୍ଟିକୋଣ ଉକ୍ତ ଅଲୋଚନାକୁ ନୂତନ ପରିଚୟ ଦେଇଥାଏ । ଉକ୍ତ ଆଲୋଚନା ଗ୍ରନ୍ଥରେ ଆଲୋଚକ ସବୁଜ ସାହିତ୍ୟ ଉପରେ ନିଜର ଯୁକ୍ତିଶୀଳ ଅଭିମତ ସହ ସ୍ୱତନ୍ତ୍ର ଭାବେ ସବୁଜ ସାହିତ୍ୟ ଉପରେ ନିଜର ବିଚାର ବ୍ୟକ୍ତ କରିଛନ୍ତି । ଗ୍ରନ୍ଥ ଆରମ୍ଭରେ ସେ 'ସବୁଜ ଏକ ଯୁଗ ନା ଯୁଗଭାସ ?' ପ୍ରସଙ୍ଗରେ ତାଙ୍କ ମତ ଉଲ୍ଲେଖନୀୟ ମନେହୁଏ । ଯଥା – ଛାତ୍ର ଜୀବନରୁ ମୋ ମନରେ ସ୍ୱତଃ ଏ ପ୍ରଶ୍ନ ଉତ୍‌ଥାପିତ- "ସବୁଜ କ'ଣ ନିର୍ଦ୍ଦିଷ୍ଟ ଏକ ସାହିତ୍ୟ ଯୁଗ ? ନା ଏକ ଯୁଗଭାସ ?" ମାତ୍ର ପାଞ୍ଚଜଣ ତରୁଣ ଛାତ୍ର କଲେଜରେ ପାଠ ପଢ଼ିଲା ବେଳେ ବନ୍ଧୁତା ସୂତ୍ରରେ ଏକାଠି ହୋଇଥିଲେ । ସେମାନଙ୍କ ମଧ୍ୟରୁ ପୁଣି ତନିଜଣ ଭବିଷ୍ୟତରେ କବି ଭାବେ ପ୍ରତିଷ୍ଠିତ ହେଲେ । ସେମାନଙ୍କ ଭିତରେ ହୁଏତ ରୁଚିଗତ କିଛି ମନର ମେଳ ଥିଲା । ସେମାନେ ଏକାଠି ବସି ଦେଶ ବିଦେଶର ସାହିତ୍ୟ ବିଷୟରେ ଛାତ୍ର ସୁଲଭ ମନ ଓ ଅନୁସନ୍ଧିତ୍ସା ନେଇ ଆଲୋଚନା କରୁଥିଲେ । ମାସ ଦୁଇଟି ବର୍ଷ (୧୯୨୧-୨୩) ପାଇଁ ସେମାନଙ୍କର ସହାବସ୍ଥାନ, ତା'ପରେ ଅନ୍ନଦା ଶଙ୍କର ବି.ଏ. ପଢ଼ିବା ପାଇଁ ପାଟଣା ଚାଲିଗଲେ, ଅଥଚ ସେ ଥିଲେ ଏ ବନ୍ଧୁତାର ମୁଖ୍ୟ ସୂତ୍ରଧର । ସେଇ ବର୍ଷ ଶରଚନ୍ଦ୍ର ମୁଖାର୍ଜୀ ମଧ୍ୟ ଉଚ୍ଚଶିକ୍ଷା ପାଇଁ ପାଟଣା କଲେଜ ଆସିଥିଲେ । ଅନ୍ୟ ତିନିଜଣ ବନ୍ଧୁ କାଳିନ୍ଦୀ ଚରଣ, ହରିହର ଓ ବୈକୁଣ୍ଠନାଥ କଟକର ରେଭେନ୍ସା କଲେଜରେ ହିଁ ଅଧ୍ୟୟନ କଲେ । ୧୯୨୨-୨୬, ଏହିବର୍ଷ ମଧ୍ୟରେ ଅନ୍ନଦା ଶଙ୍କରଙ୍କର ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ଆଗମନ ଓ ନିଷ୍କ୍ରମଣ । ତେଣୁ ତାଙ୍କ ସାଧନା ଅତ୍ୟନ୍ତ ସୀମିତ । ସୃଷ୍ଟି ମଧ୍ୟରେ ମାତ୍ର ହାତଗଣତି ବାର ତେରଟି କବିତା, ପ୍ରବନ୍ଧ ସର୍ବମୋଟ ବାଇଶିଟି, ଗଳ୍ପ ଗୋଟିଏ ଏବଂ 'ବାସନ୍ତୀ' ଉପନ୍ୟାସରେ ତିନୋଟି ପରିଚ୍ଛେଦ । ଏହାପରେ ଅନ୍ନଦାଶଙ୍କର ବୋଧହୁ ଏସବୁ ଦିନ ପାଇଁ ଓଡ଼ିଆ ସାହିତ୍ୟରୁ ବିଦାୟ ନେଇ ବଙ୍ଗଳା ସାହିତ୍ୟରେ ମନୋନିବେଶ କରିଛନ୍ତି ଓ ପ୍ରଭୁତ ସିଦ୍ଧିର ମଧ୍ୟ ଅଧିକାରୀ ହୋଇଛନ୍ତି । କାଳିନ୍ଦୀ ଚରଣଙ୍କ ସୃଷ୍ଟି ଯେପରି ପରିବ୍ୟାପ୍ତ, ତାଙ୍କ ଚେତନାରେ ସେହିପରି ବହୁ ପରିବର୍ତ୍ତନର ସୂତ୍ରପାତ ହୋଇଅଛି । ୧୯୨୦ରୁ ତାଙ୍କ କାବ୍ୟ ଜୀବନର ପ୍ରାରମ୍ଭ ହୋଇ ୧୯୩୨ – ୩୩ ବେଳକୁ ତାହା ଭିନ୍ନ ରୂପ ଗ୍ରହଣ କରିଛି । ବୈକୁଣ୍ଠନାଥ କାବ୍ୟ ଜଗତରୁ ଗଦ୍ୟର ଧୂସର ରାସ୍ତାକୁ ପଳାୟନ କରି ନାହାନ୍ତି ସତ; କିନ୍ତୁ ୧୯୩୨-୩୩ ପରେ ତାଙ୍କ କାବ୍ୟ ପ୍ରୟାସରେ ବହୁ ବାସ୍ତବବାଦୀ ପରିବର୍ତ୍ତନ ଆସିଛି । ସବୁଜ କବିତା' (୧୯୩୧) ଠାରୁ 'କାବ୍ୟ ସଞ୍ଚୟନ' (୧୯୪୩) ପର୍ଯ୍ୟନ୍ତଏହି କାବ୍ୟମାନସର ପରିବର୍ତ୍ତନ ଅତି ସ୍ପଷ୍ଟ ଭାବେ ଲକ୍ଷ୍ୟ କରିହେବ । ଅନ୍ୟ ଦୁଇଜଣ ଶ୍ରୀହରହର ଓ ଶରତଚନ୍ଦ୍ରଙ୍କ କବିତା ଉଲ୍ଲେଖଯୋଗ୍ୟ ନୁହେଁ-ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ । ସମସାମୟିକ ପତ୍ରପତ୍ରିକା 'ଉତ୍କଳ ସାହିତ୍ୟ', 'ମୁକୁର', ସହକାର ଓ ସେମାନଙ୍କ ହାତଲେଖା ପତ୍ରିକା 'ଅବକାଶ', 'ଶକ୍ତିସାଧନା' ବା ପ୍ରକାଶିତ ମାସିକ ଯୁଗବୀଣା' (୧୯୩୩), ସବିତା (ମାତ୍ର ଗୋଟିଏ ସଂଖ୍ୟା ପ୍ରକାଶିତ) ଏ ବନ ସବୁଜ ସାହିତ୍ୟ ସମିତି ଆନୁକୂଲ୍ୟରେ ପ୍ରକାଶିତ 'ସବୁଜ କବିତା'ରେ ଏ ଦୁଇଜଣ ସବୁଜ ବନ୍ଧୁଙ୍କ କବିତା ତାରୁଣ୍ୟର ସାମୟିକ ଉଚ୍ଛ୍ୱାସ ଭାବେ ଅତ୍ୟନ୍ତ ସୀମିତ । ସେମାନଙ୍କ କାବ୍ୟ ଜୀବନର ପ୍ରାରମ୍ଭ ମାତ୍ର ଅଛି; କିନ୍ତୁ ତାହା ବିକାଶ ଓ ପରିଣତିର ସ୍ୱପ୍ନ ଦେଖି ପାରି ନାହିଁ । ଏହାହିଁ ସବୁଜ ବନ୍ଧୁମାନଙ୍କ (୧୯୨୦-୩୨ ମଧ୍ୟରେ) ସୃଷ୍ଟିର ଏକ ସଂକ୍ଷିପ୍ତ ସୂଚୀପତ୍ର । ତେଣୁଏହା ଏକ ସାହିତ୍ୟ ଯୁଗର ସ୍ୱାକ୍ଷର ନା ଅନାଗତ ଯୁଗର ଏକ ମସୀଦୀପ୍ତ ସଂକେତ ମାତ୍ର ?" (ସବୁଜରୁ ସାଂପ୍ରତିକ – ନିତ୍ୟାନନ୍ଦ ଶତପଥୀ । ପୃ ୧-୨) ଏ ବିସ୍ତୃତ ଅଭିମତ ଉପସ୍ଥାପନାର ଉଦ୍ଦେଶ୍ୟ ହେଉଛି ତାଙ୍କ ସବୁଜ ସାହିତ୍ୟ ପ୍ରତି ବିଚାରକୁ ଉପସ୍ଥାପନ କରିଏହା ଭିତରେ ଥିବା ସଂଶୟ ଓ ପ୍ରଶ୍ନର ପ୍ରତ୍ୟକ୍ଷ କରିବା । ଉପରୋକ୍ତ ଉଦ୍ଧୃତିରୁ ଆଲୋଚକ ମନ୍ତବ୍ୟ ଯଦିଓ ସ୍ପଷ୍ଟ ହୁଏ ନାହିଁ, ତଥାପି ସେ ଯେ ସବୁଜ ସାହିତ୍ୟକୁ ଏକ ଯୁଗ ଭାବରେ ଗ୍ରହଣ କରିବା ମତର ସପକ୍ଷରେ ନାହାନ୍ତି ଏହା ସ୍ପଷ୍ଟ ଅନୁମିତ । ଏହା ବ୍ୟତୀତ ଉକ୍ତ ଆଲୋଚନା ଗ୍ରନ୍ଥରେ ଆଲୋଚକ ପ୍ରାକ୍-ସବୁଜ ସାହିତ୍ୟିକ ପରିବେଶ, ସମସାମୟିକ ସାହିତ୍ୟିକ ପରିବେଶ ସହ ସବୁଜ ସାହିତ୍ୟର ବିଭିନ୍ନ ସ୍ରଷ୍ଟାଙ୍କ ସୃଜନ ଆକଳନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି । କିନ୍ତୁ ବିଡମ୍ବନାର ବିଷୟ ସବୁଜ ସାହିତ୍ୟ ଏକ ଯୁଗ ନା ଯୁଗଭାସ ସେ ବିଷୟରେ କୌଣସି ସ୍ପଷ୍ଟ ମତ ଉଲ୍ଲେଖ କରିବା ଦୃଷ୍ଟିକୁ ଆସେ ନାହିଁ । ତଥାପି ସବୁଜ ସାହିତ୍ୟ ଆଲୋଚନା କ୍ଷେତ୍ରରେ ଏହାର ଭୂମିକା ଯେ ଅନସ୍ୱୀକାର୍ଯ୍ୟ ଏହା କହିବା ବାହୁଲ୍ୟ ମାତ୍ର ।

ଏହା ପରେ ପରେ ସବୁଜ ସାହିତ୍ୟର ଆଲୋଚନା ଧାରାକୁ କିଛିକାଂଶରେ ପୁସ୍ତକରେ ଶରତ ଚନ୍ଦ୍ର ମୁଖାର୍ଜୀଙ୍କ 'ସବୁଜ ସାହିତ୍ୟ ପରିକ୍ରମା' ଆଲୋଚନା ଗ୍ରନ୍ଥ । ଏହା ଦୁଇଟି ଭାଗରେ ଉପଲବ୍ଧ ହୁଏ । ଏହାର ପ୍ରକାଶକାଳ ମଧ୍ୟ ଯଥାକ୍ରମେ ୧୯୮୪ ଓ ୧୯୮୫ ମସିହା । ପ୍ରଥମ ଭାଗରେ ଆଲୋଚକ ସମୁଦାୟ ଦଶଗୋଟି ପରିଚ୍ଛେଦର ଉପସ୍ଥାପନା କରିଥିଲେ ହେଁ ଚାରୋଟି ପରିଚ୍ଛେଦରେ ହିଁ ସବୁଜ ସାହିତ୍ୟର ଆଭିମୁଖ୍ୟ ଓ ବୈଶିଷ୍ଟ୍ୟ ଉପରେ ଆଲୋଚନା ଦୃଷ୍ଟିକୁ ଆସେ । କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ୧୯୩୩ ମସିହାରେ ପ୍ରକାଶିତ 'ସାହିତ୍ୟିକା' ପୁସ୍ତକର 'ଆଧୁନିକ ସାହିତ୍ୟର ଯାଥାର୍ଥ୍ୟ'

ପ୍ରବନ୍ଧର ଅଂଶ ଉପସ୍ଥାପନା ସହ ସେ ସବୁଜ ସ୍ରଷ୍ଟାମାନଙ୍କ ଆଦର୍ଶ ଓ କ୍ଷୁଦ୍ରଗଳ୍ପ, ଖଣ୍ଡ କବିତା, ଉପନ୍ୟାସ, ନାଟକକୁ ଆଧାରକରି ସେ ଅଲୋଚନାକୁ ଗତିଶୀଳ କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ସେ ସବୁଜ ଗୋଷ୍ଠୀଙ୍କ ସାହିତ୍ୟ ସୃଷ୍ଟି ପ୍ରତି ଥିବା ବ୍ୟାକୁଳତା ଓ ବିହ୍ୱଳତାକୁ ସେ ସ୍ୱୀକୃତି ଦେଇ ଅଛନ୍ତି ଉକ୍ତ ଆଲୋଚନାରେ । ସେ ଯଦିଓ ସବୁଜ ସାହିତ୍ୟ ବଙ୍ଗଳା ପ୍ରଭାବିତ ନୁହଁ ବୋଲି ସଂପୂର୍ଣ୍ଣ ଭାବେ ସ୍ୱୀକାର କରି ନାହାନ୍ତି, ତଥାପି ସେ ପ୍ରତ୍ୟକ୍ଷରେ ସବୁଜସାହିତ୍ୟକୁ ଉତ୍କଳମାଟି, ପାଣି ଓ ପବନ ସହ ଯୋଡି ଏହାର ଉତ୍କଳୀୟତା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି । ସେ ନିଜର ଯୁକ୍ତି ଉପସ୍ଥାପନ କରି କୁହନ୍ତି- "ସବୁଜ ଆବାହନ କଳ୍ପନା-ବିଳାସରେ ପରିସମାପ୍ତି ନୁହେଁ, ତାହାର ପ୍ରତି ଛତ୍ରରେ ବାସ୍ତବତାର ଆଭିମୁଖ୍ୟ ସୁତୀବ୍ର ସମୁଜ୍ଜ୍ୱଳ, ପ୍ରତି ଶବ୍ଦରେ ପ୍ରାଣର ସ୍ପନ୍ଦନ ଶବ୍ଦାୟମାନ, ସବୁଜ କବିତା ସ୍ୱୟଂସିଦ୍ଧ, ଚିର ନୂତନ, ତେଣୁ ତାହାର ସଂଶୋଧନ ନାହିଁ ।" (ସବୁଜ ସାହିତ୍ୟ ପରିକ୍ରମା-ଶରତ ଚନ୍ଦ୍ର ମୁଖାର୍ଜୀ । ପୃ ୨୫) ଉକ୍ତ ମତ ହିଁ ପ୍ରମାଣିତ କରେ ସବୁଜଗୋଷ୍ଠୀ ଓ ସାହିତ୍ୟ ପ୍ରତି ତାଙ୍କର ଉଦାରତା ଓ ଗ୍ରହଣଶୀଳତା । ଉକ୍ତ ଆଲୋଚନା ପୁସ୍ତକରେ ସେ ଆହୁରି ମଧ୍ୟ ସବୁଜ ସାହିତ୍ୟ ସମିତି, ସବୁଜ ଓ ଏହାର ପ୍ରକାଶନ ଉପରେ ବିଶେଷ ଆଲେଖ୍ୟ ପ୍ରଦାନ କରିଛନ୍ତି । ସବୁଜ କବି ଗୋଷ୍ଠୀଙ୍କ ବିଭିନ୍ନ ଉଦ୍ୟମ ଓ ସାହିତ୍ୟିକ ପରିମଣ୍ଡଳ ଉପରେ ତାଙ୍କର ବିଚାରବୋଧ ନିଶ୍ଚିତ ଭାବେ ସବୁଜ ସାହିତ୍ୟର ମନନୀୟତାର ପରିଚାୟକ । ଅନୁରୂପ ଭାବେ ସେ ଏହାର ଦ୍ୱିତୀୟ ଭାଗରେ ମଧ୍ୟ ସବୁଜ ସମିତି ପୂର୍ବବର୍ତ୍ତୀ ସବୁଜଗୋଷ୍ଠୀର ସାହିତ୍ୟ ରଚନା ଉପରେ ଧାରଣା ଦେବା ସହ ପ୍ରାଚୀ ସମିତି ସହ ଏହାର ସମନ୍ୱୟ, 'ସବୁଜ ସାହିତ୍ୟ ସମ୍ବନ୍ଧରେ ଆଲୋଚନା' ଶୀର୍ଷକ ସମୁଦାୟ ଚାରିଟି ଭାଗରେ ଆଲୋଚନା କରି ଏହାକୁ ମାନବବାଦୀ ଦୃଷ୍ଟିକୋଣ ସହ ଯୋଡିଛନ୍ତି । ଏହା ବ୍ୟତୀତ ଏହି ପର୍ଯ୍ୟାୟରେ ସେ ଅନେକ ଅଭିମତର ଉପସ୍ଥାପନା ସହ ପର୍ଯ୍ୟାୟକ୍ରମେ ଜାଗରଣ ପତ୍ରିକାରେ ପ୍ରକାଶିତ ସୁରେଶ ମହାପାତ୍ରଙ୍କ "ସବୁଜ ସାହିତ୍ୟ ଉନ୍ମେଷ ଓ ଉତ୍ତରଣ" ଓ ଆଲୋଚକ ନିତ୍ୟାନନ୍ଦ ଶତପଥୀଙ୍କ ସବୁଜ ସାରଥି କବି ଅନ୍ନଦା ଶଙ୍କର : ଦ୍ୱନ୍ଦ ଓ ନିର୍ବାସନ" ଶୀର୍ଷକ ପ୍ରବନ୍ଧକୁ ମଧ୍ୟ ଉକ୍ତ ଆଲୋଚନା ଗ୍ରନ୍ଥରେ ସଂଲଗ୍ନ କରିଛନ୍ତି । ସାମଗ୍ରିକ ଆଲୋଚନା ପରିଧିକୁ ଯଦି ବିଶ୍ଳେଷଣ କରାଯାଏ ତେବେ ଓଡ଼ିଆ ସାହିତ୍ୟର ଇତିହାସରେ ଏକ ସବୁଜ ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ଦିଗରେ ଏହା ସର୍ବପ୍ରଥମ ପ୍ରୟାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ସବୁଜଗୋଷ୍ଠୀଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ଆଲୋଚକ ଯଥାସାଧ୍ୟ ଚେଷ୍ଟା କରିଛନ୍ତି । ତେବେ ପ୍ରକାଶ୍ୟ ଯେ ଆଲୋଚକ କୌଣସି ସ୍ଥାନରେ ସବୁଜ ସାହିତ୍ୟକୁ ଏକ ଯୁଗ ଭାବେ ଉଲ୍ଲେଖ କରିଥିବା ମୋର ଦୃଷ୍ଟିଗୋଚର ହୋଇନାହିଁ । ଏ କ୍ଷେତ୍ରରେ ଆଲୋଚକ ନୀରବତା ଅବଲମ୍ବନ ପୂର୍ବକ ସବୁଜ ଗୋଷ୍ଠୀର ସାହିତ୍ୟକୁ ଆଧାର କରି ସେ ଉକ୍ତ ଆଲୋଚନା ଗ୍ରନ୍ଥ ଦ୍ୱୟରେ ନିଜର ବିଚାର ବ୍ୟକ୍ତ କରିଛନ୍ତି ।

ସେହିପରି ସବୁଜସାହିତ୍ୟର ଆଲୋଚନା ପ୍ରସଙ୍ଗରେ ଦୁର୍ଗା ଚରଣ କୁଅଁରଙ୍କ 'କବି ବୈକୁଣ୍ଠନାଥ ପଟ୍ଟନାୟକ'(୧୯୮୮) ପୁସ୍ତକରେ ମଧ୍ୟ କିଛିକାଂଶରେ ସବୁଜ ସାହିତ୍ୟ ସମ୍ପର୍କିତ ଆଲୋଚନା ଓ ଅଭିମତ ସନ୍ନିହିତ । ସେ ଉକ୍ତ ଆଲୋଚନାରେ ସବୁଜ ସାହିତ୍ୟକୁ ଏକ ଗୋଷ୍ଠୀବାଦୀ ସାହିତ୍ୟ ଭାବେ ଗ୍ରହଣ କରିବା ସହ ଓଡ଼ିଆ ସାହିତ୍ୟରେ ଏହାର ଅବଦାନ ରହିଥିବା କଥାକୁ ବିନା ପ୍ରତିବାଦରେ ଗ୍ରହଣ ମଧ୍ୟ କରିଛନ୍ତି । ଏ କ୍ଷେତ୍ରରେ ସେ ମତ ଦେଇ କହିଛନ୍ତି- "ଓଡ଼ିଆ ସାହିତ୍ୟରେ ଦେଖା ଦେଇଥିବା ସବୁଜ ଆନ୍ଦୋଳନର ମୂଳ ଉତ୍ସ ଯେ ବଙ୍ଗଳାରେଏହା ଅସ୍ୱୀକାର କରିବା ଦ୍ୱାରା ସତ୍ୟର ଅପଳାପ ହେବ । ଇନ୍ଦ୍ରଧନୁ ଅଳ୍ପ ସମୟ ପାଇଁ ଆକାଶରେ ତା'ର ବର୍ଣ୍ଣଛଟା ପ୍ରକାଶକରି ଉଭେଇ ଯିବା ଭଳି ସବୁଜ କବିଗଣ ଅଳ୍ପକାଳ ପାଇଁ ଓଡ଼ିଶାର କାବ୍ୟକୁଞ୍ଜକୁ ସେମାନଙ୍କର ଅପୂର୍ବ ସ୍ୱର ଝଙ୍କାରରେ ମୁଖରିତ କରି ଗୋଷ୍ଠୀଚ୍ୟୁତ ହୋଇ ଯେ ଯାହାର ପଥ ଧରିଥିଲେ । କିନ୍ତୁ ସେମାନଙ୍କ କବିତାର ଗୀତିମୟତା, ଲଳିତ ଶବ୍ଦ ବିନ୍ୟାସ, ଯୌବନର ଉଦ୍ଦାମତା ଓ ସ୍ୱପ୍ନବିଳାସ ପରବର୍ତ୍ତୀ ଓଡ଼ିଆ କାବ୍ୟ ଧାରାକୁ ଯେ ବହୁ ଭାବେ ପ୍ରଭାବିତ କରିଛି ଏଥିରେ କୌଣସି ସନ୍ଦେହ ନାହିଁ ।"(କବି ବୈକୁଣ୍ଠନାଥ ପଟ୍ଟନାୟକ- ଦୁର୍ଗା ଚରଣ କୁଅଁର । ପୃ ୧୬) ଅର୍ଥାତ ସବୁଜସାହିତ୍ୟ ଯଦିଓ ବଙ୍ଗଳା ସାହିତ୍ୟ ପ୍ରଭାବରେ ପ୍ରଭାବିତ, ତଥାପି ଓଡ଼ିଆ ସାହିତ୍ୟର ବିକାଶକ୍ରମରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷିତ ।

॥ ୩ ॥

ଓଡିଆ ସାହିତ୍ୟର ଇତିହାସକାରମାନେ ମଧ୍ୟ ସବୁଜ ସାହିତ୍ୟକୁ ଉପେକ୍ଷା କରିଯାଇ ପାରିନାହାନ୍ତି । ସଂକ୍ଷେପରେ ହେଲେ ମଧ୍ୟ ସେମାନେ ସବୁଜସାହିତ୍ୟ ଉପରେ ନିଜ ବିଚାର ବ୍ୟକ୍ତ କରିଛନ୍ତି । ଯାହାର ସ୍ୱତନ୍ତ୍ର ଆଲୋଚନା କରାଯିବାର ଆବଶ୍ୟକତା ରହିଛି ବୋଲି ମୋର ଧାରଣା । ତେଣୁଏହି ପର୍ଯ୍ୟାୟରେ ଓଡିଆ ସାହିତ୍ୟରେ ଅଦ୍ୟାବଧି ପ୍ରକାଶିତ ହୋଇ ଓଡିଆ ଆଲୋଚକ ମଣ୍ଡଳରେ ନିଜର ସ୍ୱତନ୍ତ୍ର ସ୍ଥାନ ସଂରକ୍ଷିତ କରିଥିବା ଓଡିଆ ସାହିତ୍ୟର ଇତିହାସ ଓ ଇତିହାସକାରମାନଙ୍କର ମତକୁ ଉପସ୍ଥାପନା କରାଗଲା । ଅବଶ୍ୟ ସୂଚନାଯୋଗ୍ୟ ଯେ, ଏହି ପର୍ଯ୍ୟାୟରେ କେବଳ ସବୁଜ ସାହିତ୍ୟ ସମ୍ପର୍କିତ ଆଲୋଚନା ଗର୍ଭିତ ସାହିତ୍ୟର ଇତିହାସ ପୁସ୍ତକକୁ ସୁନିର୍ବାଚନ ପୂର୍ବକ ଗ୍ରହଣ କରାଯାଇଛି । ଯାହା

ଉକ୍ତ ଅଲୋଚନାକୁ ଆହୁରି ବଳିଷ୍ଠ କରିବା ସହିତ ସିଦ୍ଧାନ୍ତ ନିର୍ଣ୍ଣୟରେ କିଛିକାଂଶରେ ସହାୟକ ହୋଇପାରିବ ।

ଡ. ମାୟାଧର ମାନସିଂହଙ୍କ 'ଓଡିଆ ସାହିତ୍ୟର ଇତିହାସ'(୧୯୬୭)ରେ ଆଶାନୁରୂପ ସବୁଜସାହିତ୍ୟର ବ୍ୟାଖ୍ୟା ସେ କରିଥିବା ଦୃଷ୍ଟିକୁ ଆସେ । ଏହାବ୍ୟତୀତ ଏହା ଏକମାତ୍ର ଓଡିଆ ସାହିତ୍ୟର ଇତିହାସ ଯହିଁରେ ପ୍ରଥମକରି ସବୁଜସାହିତ୍ୟ ସମ୍ପର୍କରେ ଆଲୋଚନା ଗରଭିଭୂତ ହୋଇଥିବା ମୋର ମନେହୁଏ । ତେବେ ସ ଯାହାବି ହେଉ ନ କାହିଁକି ! ଆଲୋଚକ ମାୟାଧର ମାନସିଂହ କିଛିକାଂଶରେ ହେଲେ ମଧ୍ୟ ସବୁଜ ସାହିତ୍ୟ ପ୍ରତି ନିଜର ଅନୁରକ୍ତି ପ୍ରକାଶକରି ଏହାକୁ ସ୍ୱୀକାର କରିଛନ୍ତି । ଯଦିଓ ସେ ମଧ୍ୟ ଏହି ମତର ସ୍ୱୀକାର କରନ୍ତି ଯେ ସବୁଜସାହିତ୍ୟ ବଙ୍ଗଳା ପ୍ରଭାବିତ ଏକ ସାହିତ୍ୟ ଚେତନା । ଯେଉଁଠି ଉତ୍କଳୀୟତାର ସ୍ଥାନ ଅତି ସ୍ୱଳ୍ପ ଓ ଦୁର୍ବଳ । ତଥାପି ସେ ସବୁଜ ସାହିତ୍ୟର ନବୀନ ସମ୍ଭାବନାମାନଙ୍କୁ ସାଦରେ ଗ୍ରହଣ କରି କହିଛନ୍ତି – "ସବୁଜ ମାନେ ଓଡିଆ ଭାଷାରେ ନୂତନ ଛନ୍ଦ, ନୂତନ ସଙ୍ଗିତିକତା ପ୍ରବିଷ୍ଟ କରାଇଲେ, ଯାହା ଅଦ୍ୟକାଳର ବୈଦେଶିକ ଦ୍ୱେଷ ସତ୍ତ୍ୱେ, ବର୍ତ୍ତମାନ ଓଡିଆ ଭାଷା ସହିତ ଯେ ଅଙ୍ଗୀଭୂତ ହୋଇଗଲାଣି, ତାହା ମଣିବାକୁ ହେବ । ସବୁଜ ମାନେ ପ୍ରେମ, ନାରୀ ଓ ଜୀବନ ଇତ୍ୟାଦି ପ୍ରତି ଯେଉଁ ସଂସ୍କାର ଶୂନ୍ୟ, ସାହିତ୍ୟିକ ଚିତାକଳ୍ପ ପରିବେଷିତ କଲେ, ସେ ସମସ୍ତ ଆଜି ସାଧାରଣ ଓଡିଆ ବୁଦ୍ଧିଜୀବୀର ମାନସିକ ଛାଞ୍ଚର ସ୍ୱୀକୃତ ଅଂଶ । ପୁଣି ସବୁଜ ମାନେ ହିଁ ଓଡିଆ ଭାଷାରେ ପ୍ରଥମ କରି ଆନ୍ତର୍ଜାତିକ ବାତାବରଣ ସୃଷ୍ଟି କଲେ ।" (ଓଡ଼ିଆ ସାହିତ୍ୟର ଇତିହାସ– ମାୟାଧର ମାନସିଂହ । ପୃ ୩୭) ଅବଶ୍ୟ ସେ ତାଙ୍କ ଇତିହାସରେ ସବୁଜ ସାହିତ୍ୟକୁ ଏକ ଯୁଗ ଭାବେ କୌଣସି ସ୍ଥାନରେ ଉଲ୍ଲେଖି କରି ନାହାନ୍ତି । ପ୍ରାୟତଃ ସ୍ଥାନରେ ସେ କେବଳ 'ସବୁଜ', 'ସବୁଜ ମାନେ', 'ସବୁଜ ସାହିତ୍ୟ' ଆଦିର ଉଲ୍ଲେଖି ଦେଖାଯାଏ ।

ପରବର୍ତ୍ତୀ ସମୟରେ ଆଲୋଚକ ବିନାୟକ ମିଶ୍ର ତାଙ୍କ 'ଆଧୁନିକ ଓଡିଆ ସାହିତ୍ୟର ଇତିହାସ'(୧୯୬୮)ରେ ସବୁଜ ସମ୍ପର୍କିତ ସମ୍ୟକ ଆଲୋଚନା କରିଥିବା ଦୃଷ୍ଟିକୁ ଆସେ । ସେ ସବୁଜସାହିତ୍ୟର ସାଧକମାନଙ୍କୁ ସବୁଜପନ୍ଥୀ ଭାବେ ଉଲ୍ଲେଖି କରିବା ସହ ସେମାନେ ରବୀନ୍ଦ୍ରନାଥ ତଥା ବଙ୍ଗଳା ପ୍ରଭାବିତ ବୋଲି ମତ ଦିଅନ୍ତି । ଏହା ବ୍ୟତୀତ ସେ ସବୁଜ ସବୁଜ ସ୍ରଷ୍ଟାମାନଙ୍କର ସାହିତ୍ୟକୃତି ମାନଙ୍କର ସଂକ୍ଷିପ୍ତ ଆଲୋଚନା ମଧ୍ୟ ପ୍ରଦାନ କରିଛନ୍ତି ।

ଆହୁରି ମଧ୍ୟ ଆଲୋଚକ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ତାଙ୍କ 'ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ'(୧୯୭୫) ପୁସ୍ତକରେ ସବୁଜ ସାହିତ୍ୟକୁ 'ସବୁଜ ଧାରା' ଭାବେ ସ୍ୱୀକାର କରନ୍ତି । ଏହା ବ୍ୟତୀତ ସେ ଏହି କଥାକୁ ବି ସ୍ୱୀକାର କରନ୍ତି ଯେ ସବୁଜ ସାହିତ୍ୟ ବଙ୍ଗ ବାଣୀର ବୀଣା ନିକ୍କଣରେ ଝଙ୍କାର ତୋଳି ଏକ ଅବିମିଶ୍ର ଉତ୍କଳୀୟତା ପରିବର୍ତ୍ତେ ଏକ ନିର୍ଦ୍ଦିଷ୍ଟ ଧରଣର ଅନୁକରଣ ପ୍ରୀତିର ବଶବର୍ତ୍ତୀ ହୋଇଥିଲା । କିନ୍ତୁ ଏହା ବାଦ୍ ମଧ୍ୟ ଓଡିଆ ସାହିତ୍ୟ ପ୍ରତି ସବୁଜକାବ୍ୟଗୋଷ୍ଠୀର ଅବଦାନକୁ ସେ ଅସ୍ୱୀକାର କରିପାରି ନାହାନ୍ତି । ଏ କ୍ଷେତ୍ରରେ ତାଙ୍କର ବକ୍ତବ୍ୟ ଏହିପରି– "ଓଡିଆ ସବୁଜ-ସାହିତ୍ୟ ବଙ୍ଗବାଣୀର ବୀଣା ନିକ୍କଣରେ ଝଙ୍କୃତ ହୋଇଉଠିଥିବା ଏକ ଅବିସଂବାଦିତ ବିଷୟ । ଅବିମିଶ୍ର ଉତ୍କଳୀୟତା ପରିବର୍ତ୍ତେ ଏକ ନିର୍ଦ୍ଦିଷ୍ଟ ଧରଣର ଅନୁକରଣ ପ୍ରୀତି ଏହି କବିଦଳର ରଚନାକୁ ପରିପୁଷ୍ଟ କରିଥିବାର ଅଭିଯୋଗ ଏକାବେଳକେ ଦୁର୍ନିବାର ନୁହେଁ । ତଥାପି ଏକଥା ସ୍ୱୀକାର କରିବାକୁ ହେବ ଯେ, ସବୁଜଦଳର ସାହିତ୍ୟ ସାଧନା ସମସାମୟିକ ଓ ପରବର୍ତ୍ତୀ ଲେଖକ ଗୋଷ୍ଠୀଙ୍କୁ ବ୍ୟାପକ ପ୍ରେରଣା ଯୋଗାଇଥିଲା । ଏମାନଙ୍କ ଉଦ୍ୟମରେ ଓଡିଆ ସାହିତ୍ୟର କ୍ଷୀଣ ଧାରା ହୋଇଉଠିଥିଲା ବୈଚିତ୍ର୍ୟମଣ୍ଡିତ, ସାହିତ୍ୟର ପ୍ରକାଶଭଙ୍ଗୀ ହେଲା ବହୁମୁଖୀ, ରଚନାର ମୂଳ ପ୍ରେରଣା ହେଲା ମାନବିକତା । ଜାତୀୟ ଚିନ୍ତା ଓ ତୀକ୍ଷ୍ଣ ଅନୁଭୂତିର ସରସତା ହେତୁ ଏ ସାହିତ୍ୟ ହେଲା ବହୁ ଆଦୃତ । ଇତିହାସ ଓ ବାସ୍ତବତାର ମଧୁର ସମନ୍ୱୟରେ ଏମାନଙ୍କ ରଚନାବଳୀ ହେଲା ଅଧିକ ଗଣମୁଖୀ । ମାତ୍ର ଛନ୍ଦ ଏମାନଙ୍କ କବିତାର ହେଲା ପ୍ରଧାନ ଆକର୍ଷଣର ବିନ୍ଦୁ, 'ସବୁ' ହେଲା ନିତନ ସତେଜ ପ୍ରାଣସ୍ପନ୍ଦନର ଏକ ତରୁଣ ତରଙ୍ଗାୟିତ ପ୍ରବାହ । ଯୁବସୁଲଭ ଗଭୀର ଅନୁଭୂତିର ଆବେଗରେ ସବୁଜ ଧାରାର ସାହିତ୍ୟ ହେଲା ବଳିଷ୍ଠ ଜୀବନର ଦ୍ୟୋତକ ।" (ଓଡିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ– ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ । ପୃ–୨୦୧)

ଓଡିଆ ସାହିତ୍ୟରେ ଅନ୍ୟ ଜଣେ ବଳିଷ୍ଠ ସମାଲୋଚକ ସୁରେନ୍ଦ୍ର ମହାନ୍ତି ମଧ୍ୟ ତାଙ୍କ 'ଓଡିଆ ସାହିତ୍ୟର କ୍ରମବିକାଶ'(୧୯୭୮) ଗ୍ରନ୍ଥରେ ମାୟାଧର ମାନସିଂହ, ବିନାୟକ ମିଶ୍ର ଓ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟଙ୍କ ମତରେ ସହମତ ହେବା ଅନୁମାନ କରାଯାଇପାରେ । ସେ ସବୁଜସାହିତ୍ୟର କବିମାନଙ୍କୁ ଗୋଷ୍ଠୀ ଭାବେ ସ୍ୱୀକୃତି ଦେବା ସହ କେବଳ ତିନିଜଣ କବି (ଅନ୍ନଦା, କାଳିନ୍ଦୀ ଓ ବୈକୁଣ୍ଠ)କୁ ହିଁ ନିଜ ଆଲୋଚନାରେ ଗ୍ରହଣ କରନ୍ତି । ଯଦିଓ ସେ ସବୁଜଗୋଷ୍ଠୀଙ୍କ ଏକ ବିଶେଷ ଭୂମିକା ଓଡିଆ ସାହିତ୍ୟରେ ରହିଛି ବୋଲି ସ୍ୱୀକାର କରନ୍ତି ନାହିଁ, ତଥାପି ତାଙ୍କ ନିମ୍ନମତରୁ ସବୁଜ ସାହିତ୍ୟଗୋଷ୍ଠୀଙ୍କ ଅବଦାନ ଯେ ଓଡିଆ ସାହିତ୍ୟର ବିକାଶକ୍ରମରେ ରହିଛି ସେ ବିଷୟ ସ୍ପଷ୍ଟ ଅନୁମେୟ । ତାଙ୍କ ମତଟି ଏହିପରି– "ଗଦ୍ୟ ନ ହେଲେ ବି ଓଡିଆ କବିତାର କ୍ରମବିକାଶରେ, ସବୁଜ–ଗୋଷ୍ଠୀର କବିମାନଙ୍କର

ଏକ ନିଶ୍ଚିତ ଭୂମିକା ରହିଛି । ରାଧାନାଥ ଠାରୁ ସତ୍ୟବାଦୀ ଗୋଷ୍ଠୀର କବିମାନଙ୍କ ପର୍ଯ୍ୟନ୍ତ ଓଡିଆ କବିତା ଦ୍ରୁତ, ଉଲ୍ଲେଖଯୋଗ୍ୟ ଅଗ୍ରଗତି କରିଥିଲେ ବି, ସେ ପର୍ଯ୍ୟନ୍ତ କବିତାର ଯଥାର୍ଥ ପ୍ରାଣ ପ୍ରକାଶ ଘଟି ପାରି ନ ଥିଲା । ସମାଜ-ସଂସ୍କାର, ଅତୀତ ଇତିହାସର ରୋମନ୍ଥନ, ଦେଶପ୍ରେମ, ଜାତି ଗଠନ ଓ ହିତପୋଦେଶ ପ୍ରଚାର ପ୍ରଭୃତି ନାନା ଦାୟିତ୍ୱ ମଧ୍ୟରେ କବୀର କର୍ମଭୂମିର ସମ୍ଭୁତ ଗୋଟିଏ ଗୋଟିଏ ବିଶିଷ୍ଟ ମୂହୁର୍ତ୍ତ, ଆଲୋଡନ, ସ୍ପନ୍ଦନ ଓ ବେଦନା, କବି ଚେତନା ସହିତ ଏକୀଭୂତ ହୋଇ, କାବ୍ୟରୂପ ଧାରଣର ଅବକାଶ ପାଇନଥିଲା । କବିତା ଯେପରି ଆପେକ୍ଷିକ ଓ ଉଦ୍ଦେଶ୍ୟଧର୍ମୀ ହୋଇଉଠିଥିଲା । ସବୁଜଗୋଷ୍ଠୀର ପଳାୟନପନ୍ଥୀ ରହସ୍ୟବାଦ, ପରିଚ୍ଛନ୍ନ ସୌନ୍ଦର୍ଯ୍ୟବୋଧ, ସ୍ମୃତି-କାରୁଣ୍ୟ, ପ୍ରକୃତି ଚିତ୍ରଣରେ ଅଭିନବ ଦୃଷ୍ଟିଭଙ୍ଗୀ, ଆଶରୀରୀ ବାସଶରୀରୀ କୌଣସି ମାନସୀ-କନ୍ୟା ପାଇଁ ଅତୃପ୍ତ ରୋମାଣ୍ଟିକ ଆକୁଳତା, ପୁଣି ଛନ୍ଦ କ୍ଷେତ୍ରରେ ନାନା ଅଭିନବ ଅନୁଶୀଳନ ଓଡ଼ିଆ କବିତା କ୍ଷେତ୍ରରେ ଏକ ନୂତନ ହିଲ୍ଲୋଳ ସୃଷ୍ଟି କରିଥିଲା ।" (ଓଡ଼ିଆ ସାହିତ୍ୟର କ୍ରମବିକାଶ - ସୁରେନ୍ଦ୍ର ମହାନ୍ତି । ପୃ ୨୫୬-୨୫୭) ଏହି ଅଭିମତ ହିଁ ଯଥାର୍ଥରେ ପ୍ରମାଣିତ କରେ ସବୁଜଗୋଷ୍ଠୀ ପ୍ରତି ରହିଥିବା ଆଲୋଚକ ମହାନ୍ତିଙ୍କର ଦୃଷ୍ଟିଭଙ୍ଗୀ ଓ ଗ୍ରହଣଶୀଳତାକୁ ।

ସବୁଜସାହିତ୍ୟ ଧାରା ଯେ ବଙ୍ଗଳାର 'ସବୁଜପତ୍ର'ର ପ୍ରଭାବଏହି ମତକୁ ଆଲୋଚକ ପଠାଣି ପଟ୍ଟନାୟକ ମଧ୍ୟ ତାଙ୍କ 'ଓଡିଆ ସାହିତ୍ୟର ଇତିହାସ'(୧୯୭୮) ରେ ଉଲ୍ଲେଖ କରିଛନ୍ତି । ସେ ସବୁଜ ଯୁଗକୁ କୌଣସି ସାହିତ୍ୟ ଯୁଗ ବା ଧାରା ଭାବେ ଉଲ୍ଲେଖ ନ କରି ଏକ ଆନ୍ଦୋଳନ ଭାବେ ଗ୍ରହଣ କରିଛନ୍ତି । ଛନ୍ଦର ପରୀକ୍ଷା ନିରୀକ୍ଷା ଓ ନୂତନତ୍ୱର ପୂଜାରୀ ଭାବେ ସବୁଜଗୋଷ୍ଠୀଙ୍କୁ ସେ ସ୍ୱୀକୃତି ଦେବା ସହ ବଙ୍ଗଳା ସାହିତ୍ୟର ଅନ୍ଧ ଅନୁସରଣକୁ ତାଙ୍କ ଦୁର୍ବଳତା ଭାବେ ସେ ନିଜର ଯୁକ୍ତି ବାଢନ୍ତି ।

ଆଲୋଚକ ହେମନ୍ତ କୁମାର ଦାଶ ଓ ନିଶାମଣି ମିଶ୍ର ମଧ୍ୟ 'ଓଡ଼ିଆ ସାହିତ୍ୟରେ ଇତିହାସ ସମ୍ପର୍କରେ'- ଦ୍ୱିତୀୟ ଖଣ୍ଡ (୧୯୭୮) ରେ ସବୁଜ ସାହିତ୍ୟର ସ୍ଥିତିକୁ ସ୍ୱୀକୃତି ଦେବା ସହ ଏହାକୁ ଏକ ଗୋଷ୍ଠୀ ଭାବେ ବିବେଚନା କରିଛନ୍ତି । ଏହା ସହ ସେ ସୂଚନା ଦେଇଛନ୍ତି ଯେ ସବୁଜ ବଙ୍ଗଳା ସାହିତ୍ୟ ଓ 'ସବୁଜ ପତ୍ର'ର ଆଦର୍ଶରେ ଅନୁପ୍ରାଣିତ । ବିଶେଷ ଭାବେ କବି ରବୀନ୍ଦ୍ର ନାଥଙ୍କୁ ଏହି ଗୋଷ୍ଠୀ ନିଜର ଆଦର୍ଶ ଭାବେ ଗ୍ରହଣ କରିଥିବା ବିଷୟ ସେ ନିଜ ଆଲୋଚନାରେ ସ୍ପଷ୍ଟ କରିଛନ୍ତି । ଏହି ପରିପ୍ରେକ୍ଷରରେ ତାଙ୍କ ମତ ଏହିପରି- "...ଏଇ ସବୁଜଗୋଷ୍ଠୀଙ୍କୁ ରବୀନ୍ଦ୍ରଙ୍କର ଆଶୀର୍ବାଦ ଓଡିଶାର ତରୁଣଗୋଷ୍ଠୀ କବିମାନଙ୍କ ମନରେ କିଛି କମ୍ ପ୍ରତ୍ୟୟ ସୃଷ୍ଟିକରି ନଥିଲା । ତେଣୁ ଓଡିଶାରେ 'ସବୁଜଗୋଷ୍ଠୀ'ର ଜନ୍ମ ହେଲା । ଯାହା ଦେଖାଯାଉଛି, ନୂତନ କିଛି ଗଢି, ତାହାରି ମଧ୍ୟରେ ଆତ୍ମ ଅନ୍ୱେଷଣର ତୀବ୍ର ଆକୃତି ତଥା ତାରୁଣ୍ୟର ଉଚ୍ଛ୍ୱାସ ପ୍ରବଣତା ମଧ୍ୟରୁ ସବୁଜଗୋଷ୍ଠୀର ସୃଷ୍ଟି । ଓଡିଶାରେ ଏହି ଗୋଷ୍ଠୀର ସ୍ଥିତିକାଳ ହେଉଛି ଅତ୍ୟନ୍ତ ସଂକ୍ଷିପ୍ତ ଅର୍ଥାତ ୧୯୨୧ରୁ ୧୯୩୫ ମସିହା ପର୍ଯ୍ୟନ୍ତ ସମୟକୁ ସବୁଜ କବିତାର ସମୟ ବୋଲି କୁହାଯାଇପାରେ । ରୋମାଣ୍ଟିକ ଚେତନା ଏମାନଙ୍କ ସାହିତ୍ୟ କ୍ଷେତ୍ରରେ ଆତ୍ମପ୍ରକାଶ କରିବା ପୂର୍ବରୁ ଓଡ଼ିଆ ସାହିତ୍ୟରେ ଥିଲା ଏବଂ ଏମାନଙ୍କ ପରେ ମଧ୍ୟ ରହିଲା । ତେବେ ସେମାନେ ଯେଉଁ 'ନବ ରହସ୍ୟବାଦ'କୁ କାବ୍ୟ କ୍ଷେତ୍ରରେ ପ୍ରବେଶ କରାଇଲେ ତାହା ଦୀର୍ଘକାଳ ଧରି ଓଡ଼ିଆ ସାହିତ୍ୟରେ ରହି ଆସୁଛି ।" (ଓଡ଼ିଆ ସାହିତ୍ୟରେ ଇତିହାସ ସମ୍ପର୍କରେ - ହେମନ୍ତ କୁମାର ଦାଶ ଓ ନିଶାମଣି ମିଶ୍ର । ପୃ ୬୧-୬୨) ପ୍ରତ୍ୟକ୍ଷରେ ହେଲେ ମଧ୍ୟ ସବୁଜଗୋଷ୍ଠୀ ଓଡ଼ିଆ ସାହିତ୍ୟକୁ ଏକ ନୂତନ ଦିଶା ଦେବାରେ ସାମାନ୍ୟ ଭୂମିକାର ଅଧିକାରୀ ହୋପାରିଛନ୍ତି । ତାହା ଆଲୋଚକଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଅନୁମେୟ ।

ଏହି ପରିପ୍ରେକ୍ଷୀରେ ଓଡିଆ ସାହିତ୍ୟର ଇତିହାସକାର ସୁରେନ୍ଦ୍ର କୁମାର ମହାରଣାଙ୍କ ମତ ଉଲ୍ଲେଖନୀୟ । ସେ ତାଙ୍କ ଓଡ଼ିଆ ସାହିତ୍ୟର ଇତିହାସରେ ସବୁଜଗୋଷ୍ଠୀଙ୍କ ସାହିତ୍ୟକୁ ସବୁଜସାହିତ୍ୟ ଭାବେ ଗ୍ରହଣ କରିବା ସହ ଏହାକୁ ଏକ ଯୁଗର ସ୍ୱୀକୃତି ନ ଦେବା ପଛରେ ଥିବା ପ୍ରକୃତ କାରଣ ସମ୍ବନ୍ଧରେ ନିଜର ଯୁକ୍ତି ବାଢ଼ିଛନ୍ତି । ତାଙ୍କ ମତରେ- 'ସବୁଜସାହିତ୍ୟ'ର ସ୍ୱଚ୍ଛକାଳୀନ ବ୍ୟାପ୍ତି ( ୧୯୨୧ - ୩୫ )କୁ କେହି କେହି 'ସବୁଜ ଯୁଗ' ନାମରେ ନାମିତ କରନ୍ତି । ସବୁଜ ସଖା ମଧ୍ୟରୁ କେତେକଙ୍କ ଲେଖାରେ 'ସବୁଜଯୁଗ' ବାରମ୍ବାର ପ୍ରଯୁକ୍ତ ହୋଇଛି । ମାତ୍ର ଏହି ସ୍ୱଳ୍ପକାଳକୁ ଏକ ଯୁଗ ବୋଲି ଗ୍ରହଣ କରିବା ପଶ୍ଚାତ୍‌ରେ ବିଶେଷ ଯୁକ୍ତି ଥିଲା ଭଳି ମନେହୁଏ ନାହିଁ । ଏହି ସମୟ ସୀମା ମଧ୍ୟରେ ଗୋଦାବରୀଶ ମହାପାତ୍ର, ମାୟାଧର ମାନସିଂହ, ରାଧାମୋହନ ଗଡ଼ନାୟକ ପ୍ରମୁଖ ବହୁ କବି ଓ କଥାକାର ଲେଖନୀ ଚାଳନା କରିଥିଲେ ମଧ୍ୟ ସେମାନେ ସବୁଜ ଚେତନାଠାରୁ ଦୂରରେ ରହି ବେଶ୍ ପ୍ରତିଷ୍ଠା ଅର୍ଜନ କରି ପାରିଛନ୍ତି । ସବୁଜଗୋଷ୍ଠୀ ଗଦ୍ୟ ରଚନା ଦିଗରୁ ଫକୀରମୋହନ, ଗୋପାଳଚନ୍ଦ୍ର ପ୍ରହରାଜ ପ୍ରମୁଖ ଗଦ୍ୟସ୍ରଷ୍ଟାମାନଙ୍କୁ ଅତିକ୍ରମ କରିପାରି ନାହାନ୍ତି । କାବ୍ୟଜଗତରେ ସତ୍ୟବାଦୀ ସାହିତ୍ୟର ପ୍ରଭାବ ମଧ୍ୟ ଶଂସିତକାଳର କାର୍ଯ୍ୟାନୁଚିନ୍ତାରୁ ତିରୋହିତ ହୋଇପାରି ନାହିଁ । କୁନ୍ତଳାକୁମାରୀ, ଗୋଦାବରୀଶ ମହାପାତ୍ର ଇତ୍ୟାଦିଙ୍କ କାର୍ଯ୍ୟାନୁଚିନ୍ତା ଏହାର ସତ୍ୟତା ପ୍ରତିପାଦନ କରେ । ତେଣୁ ଶଂସିତକାଳର କବିଗଣଙ୍କୁ 'ଯୁଗ ପ୍ରବର୍ତ୍ତକ' ନ କହି ଯୁଗାନୁସାରୀ କହିବା ଏକାନ୍ତ ଯୁକ୍ତିଯୁକ୍ତ ।"(ଓଡିଆ ସାହିତ୍ୟର

ଇତିହାସ – ସୁରେନ୍ଦ୍ର କୁମାର ମହାରଣା । ପୃ ୪୧୯) ଆଲୋଚକଙ୍କ ମତରୁ ସବୁଜସାହିତ୍ୟ ପ୍ରତିଷ୍ଠାଙ୍କ ସ୍ୱଷ୍ଟ ମତ ବାରି ହୋଇପଡେ ।

ସେହିପରି ଆଲୋଚକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ'(୧୯୯୩)ରେ ମଧ୍ୟ ସବୁଜ ସାହିତ୍ୟ ପ୍ରତି ଆଲୋଚକଙ୍କ ଉଦାରତା ଓ ଗ୍ରହଣଶୀଳତାର ପରିଚୟ ମିଳେ । ସେ ସବୁଜଗୋଷ୍ଠୀଙ୍କ ସାହିତ୍ୟକୁ କେବଳ 'ସବୁଜସାହିତ୍ୟ' ଭାବେ ଗ୍ରହଣ କରି ନିଜର ଯୁକ୍ତି ଉପସ୍ଥାପନା କରିଛନ୍ତି । ସମୟର ସୀମିତତା ମଧ୍ୟରେ ସବୁଜଗୋଷ୍ଠୀଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଅବଦାନକୁ ଆଲୋଚକ ଉପେକ୍ଷା କରିନାହାନ୍ତି । ଏ ପରିପ୍ରେକ୍ଷୀରେ ତାଙ୍କ ବକ୍ତବ୍ୟ ଏହିପରି- "ଏହି ସବୁଜ ଚିନ୍ତାଧାରା ପନ୍ଦର ବର୍ଷ ଧରି ଓଡ଼ିଆ ସାହିତ୍ୟରେ ବହୁ ହଟଚମଟ ସୃଷ୍ଟି କରିଥିଲା । ପ୍ରତିବାଦୀ ସାହିତ୍ୟର ଉନ୍ମେଷ ସଙ୍ଗେ ସଙ୍ଗେ ଏହି ଚିନ୍ତାଧାରା କ୍ରମଶଃ ଫିକା ପଡିଯାଇ ବିଲୟ ଭଜିଲା । ... ତଥାପି ଏହି ସୀମିତ ସମୟସୀମା ମଧ୍ୟରେ ସେମାନେ ଯେଉଁ ଅମୂଲ୍ୟ ରତ୍ନ ଓଡ଼ିଆ ସାହିତ୍ୟକୁ ପ୍ରଦାନ କରିଗଲେ, ତାହା ତାଙ୍କୁ ନିଶ୍ଚିତ ଭାବରେ ଅମର କରି ରଖିବ ।"(ଓଡ଼ିଆ ସାହିତ୍ୟର ଇତିହାସ-କୃଷ୍ଣଚନ୍ଦ୍ର ପ୍ରଧାନ । ପୃ ୨୩୫)

ଅନୁରୂପ ଭାବେ ଆଲୋଚକ ପ୍ରେମାନନ୍ଦ ମହାପାତ୍ର ମଧ୍ୟ ତାଙ୍କ ଓଡିଆ ସାହିତ୍ୟର ଇତିହାସରେ ସବୁଜ ସାହିତ୍ୟ ସମ୍ପର୍କରେ ଆଲୋଚନା କରି ସବୁଜ ଲେଖକମାନଙ୍କୁ ଏକ ଗୋଷ୍ଠୀ ଓ ତାଙ୍କ ସାହିତ୍ୟକୁ ସବୁଜ ସାହିତ୍ୟ ଭାବେ ମତ ଉପସ୍ଥାପନା କରନ୍ତି । କିନ୍ତୁ ତାଙ୍କ ଆଲୋଚନାରୁ ଜଣାଯାଏ ଯେ ସେ ମଧ୍ୟ ସବୁଜସାହିତ୍ୟକୁ ଏକ ଯୁଗଭାବେ ସ୍ୱୀକୃତି ଦେବା ମତରେ ଏକମତ ନୁହନ୍ତି ।

॥ ୪ ॥

ଏହି ପର୍ଯ୍ୟାୟର ଆଲୋଚନାରେ ଓଡିଆ ପତ୍ରପତ୍ରିକା ଓ ଭିନ୍ନ ଆଲୋଚନା ଗ୍ରନ୍ଥରେ ସ୍ଥାନିତ ନିବନ୍ଧକୁ ଭିତ୍ତିକରି ସବୁଜସାହିତ୍ୟ ସମ୍ପର୍କିତ ଆଲୋଚକମାନଙ୍କ ମତ ଉପରେ ଏକ ଆକଳନ କରିବାର ପ୍ରୟାସ କରାଯାଇଛି । ପୂର୍ବରୁ ସୂଚେଇ ଦେବା ଉଚିତ ହେବ ଯେ ଏହି ପର୍ଯ୍ୟାୟରେ କିଛି ସହଜଲବ୍ଧ ପତ୍ରିକା ଓ ଆଲୋଚନା ଗ୍ରନ୍ଥକୁ ଗ୍ରହଣ କରିବାକୁ ଆମ୍ଭେ ବାଧ୍ୟ ହେଇଛୁ । ତଥାପି ଅଧିକରୁ ଅଧିକ ଉପାଦାନ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଯଥାସାଧ୍ୟ ଚେଷ୍ଟା କରାଯାଇଛି ।

ଏହି ପର୍ଯ୍ୟାୟରେ ପ୍ରଥମେ ସ୍ମରଣ କରାଯାଇପାରେ ସହକାର ୧୩ ଭାଗ, ଏକାଦଶ ସଂଖ୍ୟା ୧୯୩୨ ମସିହାରେ ପ୍ରକାଶିତ ମାୟାଧର ମାନସିଂହଙ୍କ 'ପରଧର୍ମ' ପ୍ରବନ୍ଧ । ଉକ୍ତ ପ୍ରବନ୍ଧରେ ଆଲୋଚକ ସବୁଜ ପ୍ରଭାବିତ ଓଡିଆ ସାହିତ୍ୟକୁ ତୀବ୍ର ସମାଲୋଚନା କରିଛନ୍ତି । ଏ ପ୍ରସଙ୍ଗରେ ସେ ସବୁଜକବି ଗୋଷ୍ଠୀଙ୍କୁ ମଧ୍ୟ ବାଦ ଦେଇ ନାହାନ୍ତି । ଯଦିଓ ପୂର୍ବରୁ ତାଙ୍କ ଓଡିଆ ସାହିତ୍ୟର ଇତିହାସରେ ସବୁଜସାହିତ୍ୟ ପ୍ରତିତାଙ୍କ ଦୃଷ୍ଟିକୋଣ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି । ତେବେ ଉକ୍ତ ଆଲୋଚନାରେ ତାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟର ଅବଧାରଣ କରାଯାଇପାରେ । ତାଙ୍କ ମନ୍ତବ୍ୟଟି ନିମ୍ନ ପ୍ରକାର– 'ସବୁଜ-କବିତା' ନାମକ କବିତା ଗ୍ରନ୍ଥରେ ଗୋଟିଏ କବିତା ଛଡ଼ା ଏ ପ୍ରକାର କବିତା ଦୂରେ ଥାଉ ବରଂ ବିପରୀତ ଭାବରେ କବିତା ସ୍ଥାନ ପାଇଅଛି । ଏପରି ସ୍ଥଳେ ଏହି ନାମରେ ସମିତି ଓ କବିତା ପୁସ୍ତକ ମସ୍ତକହୀନ ଅନୁକରଣର ଫଳ ଛଡ଼ା ଆଉ କ'ଣ ହୋଇପାରେ ?" ('ପରଧର୍ମ' -ମାୟାଧର ମାନସିଂହ । ପୃ ୧୭୪)

ପୂର୍ବରୁ କୁହାଯାଇଛି ଯେ ସବୁଜ ସାଧକମାନେ ନିଜକୁ ସବୁଜ ପଞ୍ଚସଖା ଭାବେ ଓ ସବୁଜକୁ ଏକ ଯୁଗ ଭାବେ ଅନେକତ୍ର ଉଲ୍ଲେଖ କରିଛନ୍ତି । 'ସବୁଜସାହିତ୍ୟ ସମିତି' ପ୍ରତିଷ୍ଠା ହେବା ପରେ ବୈକୁଣ୍ଠନାଥ ପଟ୍ଟନାୟକ ମାର୍ଚ୍ଚ ୧୯୩୩ ମସିହା 'ଯୁଗବୀଣା'ରେ ସବୁଜ ଯୁଗର ଆଦର୍ଶ ଓ କାର୍ଯ୍ୟକାରିତା ଉପରେ ନିଜର ମତ ରଖିଥିଲେ । ତାଙ୍କ ମତରେ – "ଏକ ଅଭିନବ ପରିବର୍ତ୍ତିତ ସୃଷ୍ଟିର ବୀଣା ଆଜି ବିଶ୍ୱ ସାହିତ୍ୟରେ ପ୍ରତ୍ୟେକ ପୃଷ୍ଠାକୁ ମହୀୟାନ କରିଅଛି । ଏ ଯୁଗର ପ୍ରଧାନ ପୁରୋଧା ରାମ୍ୟାଁରୋଲା, ରବୀନ୍ଦ୍ରନାଥ, ବାରଟ୍ରାଣ୍ଡର ସେଲ ପ୍ରଭୃତି ମନୀଷୀମାନଙ୍କର ଶାଶ୍ୱତ ସୃଷ୍ଟି ସଙ୍ଗୀତ ଆମ୍ଭମାନଙ୍କର ଏଇ ମାଟିର ସଭ୍ୟତାକୁ ଅଭିନବ ସଜ୍ଜାରେ ଭୂଷିତକରି ଆଲୋକମୟ ପଥରେ ସ୍ଥାପିତ କରିଅଛି । ସେହି ମହାଭାବର ବିଶାଳ ତରଙ୍ଗ ଜୀର୍ଣ୍ଣ ପୃଥିବୀର ପ୍ରତିକୂଳ ସ୍ୱର୍ଶ କରିବା ସ୍ୱାଭାବିକ ।" ('ଯୁଗବୀଣା'-ବୈକୁଣ୍ଠନାଥ ପଟ୍ଟନାୟକ । ପୃ ୬୭) ବାସ୍ତବରେ ଏହା ଗ୍ରହଣ କରିବାକୁ ହେବ ଯେ ସବୁଜ ସାହିତ୍ୟସାଧକମାନେ ନୂତନ ଭାବର ସନ୍ଧାନୀ । ଓଡିଆ ସାହିତ୍ୟରେ ସେମାନେ ନୂତନତାର ବାର୍ତ୍ତାବହ ।

ପୁଣି ସେହି ବର୍ଷ ଯୁଗବୀଣାର ଜୁଲାଇ ମାସ ପ୍ରଥମ ବର୍ଷ ଅଷ୍ଟମ ସଂଖ୍ୟାରେ ଅନନ୍ତ ପ୍ରସାଦ ପଣ୍ଡାଙ୍କ 'ଓଡିଆ ସାହିତ୍ୟର ବର୍ତ୍ତମାନ ଅବସ୍ଥା' ପ୍ରବନ୍ଧରେ ସବୁଜସାହିତ୍ୟର ଉଦ୍ୟମ ଓ ସାହିତ୍ୟର ବିଭିନ୍ନ ବିଭାବର ଉନ୍ନତି କ୍ଷେତ୍ରରେ ଥିବା ଯୋଗଦାନକୁ ସ୍ୱୀକାର କରିଛନ୍ତି । ସେହିପରି ୧୯୩୫ ମସିହାରେ 'ସବୁଜସାହିତ୍ୟ'ର ପ୍ରକାଶନ କାର୍ଯ୍ୟ ବନ୍ଦ ହୋଇଗଲା । ଏହାପରେ ଦୀର୍ଘ କୋଡିଏ ବର୍ଷ ପରେ ୧୯୫୫ ମସିହାରେ 'ଉତ୍କଳ ସାହିତ୍ୟ'ରେ କାଳିନ୍ଦୀ ଚରଣ ପାଣିଗ୍ରାହୀ ଏକ ଧାରାବାହିକ ପ୍ରବନ୍ଧ ୫ଟି ସଂଖ୍ୟାରେ 'ସବୁଜସ୍ୱପ୍ନ' ସମ୍ବନ୍ଧରେ ଲେଖି ସବୁଜଗୋଷ୍ଠୀର ଆଭିମୁଖ୍ୟ କ'ଣ ଥିଲା, ତାହାର ଗୋଟିଏ ନିଖୁଣ ଚିତ୍ର ଦେଇଥିଲେ । ପ୍ରତିକୂଳ

ପରିସ୍ଥିତିରେ ସବୁଜ ସାହିତ୍ୟର ଭୂମିକାକୁ ସେ ଏହି ପ୍ରବନ୍ଧରେ ସ୍ୱୀକାର କରନ୍ତି ।

ଏହାପରେ ୧୯୭୦ ମସିହା ଅଗଷ୍ଟ ୮ ତାରିଖ 'ପ୍ରଜାତନ୍ତ୍ର' ପୃଷ୍ଠାରେ 'ଓଡିଆ ସାହିତ୍ୟରେ ଆଧୁନିକ ଚେତନା' ଶୀର୍ଷକ ସବୁଜସାହିତ୍ୟର ସମୀକ୍ଷା ପ୍ରକାଶିତ ହୋଇଥିବାର ଲକ୍ଷ୍ୟ କରାଯାଏ । ଏହି ପ୍ରବନ୍ଧରେ ଲେଖକ ବାଳଗୋପାଳ ପୁରୋହିତ ସବୁଜ ସ୍ରଷ୍ଟାମାନଙ୍କ କୃତି ଉଲ୍ଲେଖ ପୂର୍ବକ ସେମାନଙ୍କୁ ନୂତନ ସାହିତ୍ୟ ସୃଷ୍ଟିର ଆବାହକ ଭାବେ ଉଲ୍ଲେଖ କରନ୍ତି ।

ଅନୁରୂପ ଭାବେ 'ଉତ୍କଳ ସାହିତ୍ୟ ସମାଜର ହୀରକ ଜୟନ୍ତୀ ୧୯୭୨ରେ ଏକ ସ୍ମରଣିକା ପ୍ରକାଶିତ ହୋଇଥିଲା । ଏଥିରେ ଔପନ୍ୟାସିକ ଗୋପୀନାଥ ମହାନ୍ତି ସବୁଜସାହିତ୍ୟ ସମ୍ପର୍କରେ ଯେଉଁ ମତ ଉପସ୍ଥାପନ କରନ୍ତି ତାହା ନିଶ୍ଚୟ ଉଲ୍ଲେଖନୀୟ । ତାଙ୍କ ମତ ଏହିପରି- "ସାହିତ୍ୟ ସୃଷ୍ଟିର ଅଦ୍ୟ ଜୀବନରେ ବଙ୍ଗଳାକୁ ଓଡିଆରେ ପ୍ରବେଶ କରାଇବା 'ସବୁଜଗୋଷ୍ଠୀ'ର ଏକମାତ୍ର ସାଧାରଣ ବିଶେଷତ୍ୱ ଏତିକି ବୋଲି ଜଣାପଡେ । ... ସବୁଜଯୁଗ ବୋଲି ଓଡ଼ିଆ ସାହିତ୍ୟରେ ପ୍ରକୃତରେ କେବେ କିଛି ନଥିଲା ।" (ଉତ୍କଳ ସାହିତ୍ୟ ସମାଜ ହୀରକ ଜୟନ୍ତୀ ସ୍ମରଣିକା- ଗୋପୀନାଥ ମହାନ୍ତି, ୧୯୭୨) ଉକ୍ତ ସ୍ମରଣିକାରେ ଆଲୋଚକ ବୈଷ୍ଣବ ଚରଣ ସାମଲ ମଧ୍ୟ ସବୁଜ ସାହିତ୍ୟକୁ 'ସବୁଜ ଚେତନା' ଭାବେ ଗ୍ରହଣକରି ନିଜର ମତବ୍ୟକ୍ତ କରିଛନ୍ତି । ତାଙ୍କ ମତରେ- "ବିଂଶ ଶତାବ୍ଦୀର ଦଶକରେ ବଙ୍ଗଳା ସାହିତ୍ୟରେ ଯେତେବେଳେ 'କଲ୍ଲୋଲଯୁଗ' ଏବଂ ହିନ୍ଦୀ ସାହିତ୍ୟରେ 'ଛାୟାବାଦୀ ଯୁଗ', ଓଡ଼ିଆ ସାହିତ୍ୟରେ ସେତେବେଳେ ଦେଖାଦେଇଛି 'ସବୁଜଚେତନା' । ଗୋଟିଏ ଦିଗରେ ଜାତୀୟବାଦୀ ମାନବବାଦ ଏବଂ ଅନ୍ୟ ପଟରେ ତରୁଣସୁଲଭ ସବୁ ମାନବବାଦର ପରିକଳ୍ପନା । ଏହି ଚେତନାଦୀପ୍ତ ମାନବବାଦର ରୋମାଣ୍ଟିକ ଭାବ ପ୍ରଣୋଦିତ ପରିକଳ୍ପନା । ୱାର୍ଡସ୍ୱାର୍ଥ, କଲେରିଜ୍, ବାଇରନ୍, କୀଟସ୍ ପ୍ରଭୃତ କବିମାନେ ଯେପରି ରୋମାଣ୍ଟିକ୍ ମାନବବାଦର ଜୟଗାନ କରିଥିଲେ, ଓଡ଼ିଆ ସାହିତ୍ୟରେ ସବୁଜଯୁଗୀୟ ତରୁଣ କବିମାନେ ଠିକ୍ ଅନୁରୂପ ସ୍ୱରରେ ମାନବ ବନ୍ଦନା କରିଛନ୍ତି ।" (ଉତ୍କଳ ସାହିତ୍ୟ ସମାଜ ହୀରକ ଜୟନ୍ତୀ ସ୍ମରଣିକା - ବୈଷ୍ଣବ ଚରଣ ସାମଲ, ୧୯୭୨) ଯାହା ସବୁଜ ସାହିତ୍ୟର ମୂଲ୍ୟ ନିର୍ଦ୍ଧାରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।

ସେହିପରି 'ଜାଗରଣ' ପତ୍ରିକାର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଏକ ବିଶେଷ ଅଙ୍କ ଓଡିଆ ପତ୍ରିକା କ୍ଷେତ୍ରରେ ସୁପରିଚିତ ଶ୍ରୀଯୁକ୍ତ ସର୍ବେଶ୍ୱର ଦାସ, ଜେନାମଣି ନରେନ୍ଦ୍ର କୁମାର, ଶ୍ରୀ ସୀତାକାନ୍ତ ମହାପାତ୍ର, ଶ୍ରୀ ରମାକାନ୍ତ ରଥ ଓ ଶ୍ରୀଯୁକ୍ତ ଗୋପବନ୍ଧୁ ପଟ୍ଟନାୟକଙ୍କ ସଂପାଦକତ୍ୱରେ ପ୍ରକାଶିତ ହୋଇଥିଲା ଓ ସେଥିରେ ସୁରେଶ ମହାପାତ୍ରଙ୍କ 'ସବୁଜ ସାହିତ୍ୟ : ଉନ୍ମେଷ ଓ ଉତ୍ତରଣ' ଶୀର୍ଷକ ଏକ ପୂର୍ଣ୍ଣାଙ୍ଗ ପ୍ରବନ୍ଧ ସ୍ଥାନିତ ହୋଇଥିଲା । ଏହି ପ୍ରବନ୍ଧରେ ଆଲୋଚକ ସବୁଜ ସାହିତ୍ୟ ଉପରେ ଏକ ସବୁଜ ସାହିତ୍ୟର ସ୍ୱତନ୍ତ୍ରତା ଓ ଅବଦାନ ସପକ୍ଷରେ ଯୁକ୍ତି ବାଢିଥିବା ଜଣାଯାଏ ।

୧୯୭୯ ମସିହା ନବଲିପି ପ୍ରଥମ ବର୍ଷ ତୃତୀୟ ସଂଖ୍ୟା (ଏପ୍ରିଲ-ମେ'-ଜୁନ) ବିଷୁବ ବିଶେଷାଙ୍କର ପୃଷ୍ଠା ୪୦ରେ ସବୁଜସାହିତ୍ୟର ଇତିହାସରେ ସବୁଜ କ'ଣ ଏକ ସାହିତ୍ୟ ଯୁଗ - ନା ଏକ ଉଚ୍ଛ୍ୱାସପୂର୍ଣ୍ଣ ସାମୟିକ ଅଭିବ୍ୟକ୍ତି ? ଶୀର୍ଷକ ପ୍ରବନ୍ଧ ସ୍ଥାନିତ ହୋଇଥିବାର ସୂଚନା ମିଳେ । କିନ୍ତୁ ଏହା ମିଳିପାରି ନାହିଁ । ତେଣୁ ଏ କ୍ଷେତ୍ରରେ ଆମେ ନୀରବ ।

ତେବେ ଏ ପରିପ୍ରେକ୍ଷୀରେ ରାଘବାନନ୍ଦ ନାୟକ ତାଙ୍କ 'ସବୁଜ କବିତାର ଧାରା' ପ୍ରବନ୍ଧରେ ସବୁଜସାଧକମାନେ ନିଜକୁ ସବୁଜବାଦୀ ବୋଲି ପ୍ରଚାର କରିବା ବିଷୟକୁ ଅସ୍ୱୀକାର କରନ୍ତି । ଏହାସହ ସବୁଜ ସାହିତ୍ୟର ଗୁରୁତ୍ୱକୁ ସ୍ୱୀକାର କରି କହିଛନ୍ତି- "ଏହି ତରୁଣ ଯୁବକମାନେ ପ୍ରଥମେ ନିଜକୁ ସବୁଜବାଦୀ ବୋଲି ପ୍ରଚାରକରି ନଥିଲେ । ଅନ୍ନଦା ଶଙ୍କର 'ଶ୍ରୀସବୁଜ' ଛଦ୍ମ ନାମରେ ଉତ୍କଳ ସାହିତ୍ୟରେ ସାମୟିକ ଭାବେ ଲେଖୁଥିଲେ । ମାତ୍ର ଏମାନେ 'ସବୁଜପାତ୍'କୁ ଆଦର୍ଶକାରୀ ଲେଖନୀ ଚାଳନା କରିଥିଲେ ମଧ୍ୟ ଏମାନଙ୍କୁ ଏକାଠି କରିବାର କାରଣ ରବୀନ୍ଦ୍ର ଆଦର୍ଶ ନୁହେଁ ବନ୍ଧୁତ୍ୱ । ... ପରବର୍ତ୍ତୀ କାଳରେ କେତେକ ସମାଲୋଚକ ଓ ପାଠକ ଏହାର ନୂତନତ୍ୱରେ ଆକର୍ଷିତ ହୋଇ ଏମାନଙ୍କୁ ସବୁଜଦଳ ବୋଲି ଆଖ୍ୟା ଦେଲେ ।" ('ସବୁଜ କବିତାର ଧାରା'- ରାଘବାନନ୍ଦ ନାୟକ, ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା (ସଂ) । ପୃ ୧୦୨) ଏଠାରେ ଆଲୋଚକଙ୍କ ଯୁକ୍ତି ଗ୍ରହଣୀୟ ମନେହୁଏ ।

ଯଦିଓ ଓଡ଼ିଆ ଆଲୋଚନା ସାହିତ୍ୟରେ ସବୁଜ ସାହିତ୍ୟ ସମ୍ପର୍କରେ ଆଶାନୁରୂପ ଆଲୋଚନା ହୋଇନାହିଁ । ତଥାପି ସବୁଜ ସାହିତ୍ୟ ଓଡ଼ିଆ ସାହିତ୍ୟର ଇତିହାସରେ ନିଜର ସ୍ଥିତି ଜାହିର କରି ଆସିଛି ଏବଂ ଆସୁଥିବ ମଧ୍ୟ । ଯାହା ଆଲୋଚ୍ୟ ପର୍ଯ୍ୟାୟରୁ ସ୍ପଷ୍ଟ ପ୍ରମାଣିତ ହୁଏ ।

॥ ୫ ॥

ତେବେ ବର୍ତ୍ତମାନ ପୁଣିଥରେ ସେହି ପ୍ରଶ୍ନ-'ସବୁଜ କ'ଣ ଏକ ସାହିତ୍ୟ ଯୁଗ ?', ସବୁଜ ସାହିତ୍ୟରେ କ'ଣ ଉତ୍କଳୀୟତା ନିହିତ ? ଓଡିଆ ସାହିତ୍ୟର ଇତିହାସରେ ସବୁଜ ସାହିତ୍ୟର ସ୍ଥାନ କେଉଁଠି ? ଅବଶ୍ୟ ଏ ପ୍ରଶ୍ନ ପୂର୍ବରୁ ଅନେକ ଆଲୋଚକଙ୍କ ଦ୍ୱାରା

ଉତ୍‌ଥାପିତ । ତେବେ ଯଦି ଏହାର ସମାଧାନ ବିଷୟରେ ବିଚାର କରାଯାଏ ତେବେ ଉପରୋକ୍ତ ସମସ୍ତ ଆଲୋଚନା ଓ ଆଲୋଚକମାନଙ୍କର ବିବିଧ ମନ୍ତବ୍ୟରୁ ଏହା ସିଦ୍ଧାନ୍ତ ହୁଏ ଯେ ସବୁଜ କଦାପି ଏକ ସାହିତ୍ୟ ଯୁଗହୋଇ ନ ପାରେ । ଏହା ଏକ ଯୁଗାଭାସ ମାତ୍ର । ତେଣୁ ଏହାକୁ 'ସବୁଜସାହିତ୍ୟ' ଭାବେ ଗ୍ରହଣ କରିବା ଯୁକ୍ତିସଙ୍ଗତ ମନେ ହୁଏ । ଯାହା ଉପରୋକ୍ତ ଆଲୋଚନାରେ ସଂଖ୍ୟାଧିକ ଆଲୋଚକ ନିଜର ମନ୍ତବ୍ୟରେ ଏହାର ପୁଷ୍ଟି କରିବା ସହ ତାଙ୍କ ଯୁକ୍ତି ମଧ୍ୟ ଉପସ୍ଥାପନ କରିଛନ୍ତି । ତେବେ ସବୁଜ ସାହିତ୍ୟରେ ଉତ୍କଳୀୟତା ପ୍ରସଙ୍ଗରେ ମଧ୍ୟ ଅନୁରୂପ ସିଦ୍ଧାନ୍ତ ନିର୍ଣ୍ଣୟ କରାଯାଇପାରେ । ଏହି ସମୟର ସାହିତ୍ୟ ଭାବୋଚ୍ଛ୍ୱାସର ସାହିତ୍ୟ । ବାସ୍ତବ ଜୀବନଠୁ ଅନେକ ଦୂରରେ ସାହିତ୍ୟିକମାନଙ୍କର କଳ୍ପରାଜ୍ୟ । ଯଦିଓ ପରବର୍ତ୍ତୀ ସମୟରେ ପ୍ରଗତିବାଦୀ ଚେତନାର ଉଦ୍ରେକ ଏହାକୁ ନୂତନ ମୋଡ ଦେଇଛି । ତା'ବାହାରେ ମଧ୍ୟ ସବୁଜ ସାହିତ୍ୟ ପାଇଁ ଯେଉଁ ସମୟସୀମା ନିର୍ଦ୍ଧାରିତ ସେହି ସମୟସୀମା ମଧ୍ୟରେ ଓଡିଶାର କୀର୍ତ୍ତି ଓ ଜାତୀୟ ସଂହତିର ଲେଶମାତ୍ର ଚିତ୍ର ଦେଖିବାକୁ ମିଳେ ନାହିଁ । ତେଣୁ ସବୁଜ ସାହିତ୍ୟର ସାହିତ୍ୟିକ ମୂଲ୍ୟ ଓ ନୂତନତ୍ୱକୁ ଯଦିଓ ଅସ୍ୱୀକାର କରାଯାଇ ନପାରେ, ତଥାପି ଏହାର ବଙ୍ଗଳା ପ୍ରଭାବିତ କାଳ୍ପନିକ ସାହିତ୍ୟ ସୃଷ୍ଟି ଭିତରେ ବାସ୍ତବତାକୁ ଭୃକ୍ଷେପ କରାଯିବା ବିଷୟକୁ ମଧ୍ୟ ଉପେକ୍ଷା କରାଯାଇ ନପାରେ । ସେହି ଦୃଷ୍ଟିରୁ ଓଡିଆ ସାହିତ୍ୟର ଦୀର୍ଘ ପ୍ରବାହରେ ସବୁଜ ସାହିତ୍ୟ ଏକ ଶାଖା ନଦୀ ସାଦୃଶ୍ୟ ଓଡିଆ ସାହିତ୍ୟର ଚିରସ୍ରୋତା ସ୍ରୋତସ୍ୱତୀକୁ ଜଳଦାନ ପୂର୍ବକ ଏହାକୁ ପୁଷ୍ଟକରି ଏହା ଭିତରେ ନିମଗ୍ନ ହୋଇଛି । କହିବା ବାହୁଲ୍ୟ ସବୁଜ ସାହିତ୍ୟର ନୂତନ ଚିନ୍ତା, ଛନ୍ଦର ନୂତନ ପ୍ରୟୋଗ, ଗଦ୍ୟ ସାହିତ୍ୟ ସୃଷ୍ଟିରେ ଗୁରୁତ୍ୱ ସହ ପ୍ରକାଶନ ଓ ପ୍ରସାରଣ ଜନିତ ଅଗ୍ରଗତି ଓଡିଆ ସାହିତ୍ୟକୁ ନୂତନ ଦିଶା ନିର୍ଦ୍ଦେଶ କରିଛି- ଯାହା ବିନା କୌଣସି ଦ୍ୱନ୍ଦ୍ୱରେ ଘୋଷଣା କରାଯାଇପାରେ ।

**ସହାୟକଗ୍ରନ୍ଥସୂଚୀ :**


୧) କୁଅଁର, ଦୁର୍ଗାଚରଣ, କବି ବୈକୁଣ୍ଠ ନାଥ ପଟ୍ଟନାୟକ, ପ୍ରଥମ ପ୍ରକାଶ । ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର; ୧୯୮୮

୨) ଜେନା, ମୁରାରୀ ମୋହନ, ସବୁଜଯୁଗ ଓ ବୈକୁଣ୍ଠନାଥ, ପ୍ରଥମ ମୁଦ୍ରଣ; ୧୯୫୫

୩) ଦାଶ, ହେମାନ୍ତ କୁମାର ଓ ମିଶ୍ର ନିଶାମଣି, ଓଡ଼ିଆ ସାହିତ୍ୟରେ ଇତିହାସ ସମ୍ପର୍କରେ, ସାଥୀ ମହଲ, ବିନୋଦ ବିହାରୀ କଟକ; ୧୯୭୮

୪) ଦାସ, ସୁଶ୍ରୀ ସନ୍ଧ୍ୟା, ସବୁଜକବିତା : ସ୍ରଷ୍ଟା ଓ ସୃଷ୍ଟି, ଉତ୍କଳ ବିଶ୍ୱବିଦ୍ୟାଳୟରେ କାଳ ବିଭୂଷଣ ଉପାଧି ନିମନ୍ତେ ପ୍ରସ୍ତୁତ ଗବେଷଣା ନିବନ୍ଧ; ୧୯୯୮

୫) ନାୟକ, ରାଘବାନନ୍ଦ, 'ସବୁଜ କବିତାର ଧାରା', ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା (ସଂ), ପ୍ରଥମ ମୁଦ୍ରଣ । ଓଡ଼ିଆ ସାହିତ୍ୟ ଏକାଡେମୀ, ଭୁବନେଶ୍ୱର; ୧୯୬୨

୬) ମିଶ୍ର, ବିଭୁଦତ୍ତ, ସବୁଜଯୁଗ ଓ କାବ୍ୟ ସଞ୍ଚୟନ ସମୀକ୍ଷା, ପ୍ରଥମ ପ୍ରକାଶ । ଗ୍ରନ୍ଥ ମନ୍ଦିର, କଟକ-୨; ୧୯୬୪

୭) ମୁଖାର୍ଜୀ, ଶରତଚନ୍ଦ୍ର, ସବୁଜ ସାହିତ୍ୟ ପରିକ୍ରମା, ପ୍ରଥମ ପ୍ରକାଶ । ଶ୍ରୀମତୀ ଗାୟତ୍ରୀ ମୁଖାର୍ଜୀ, କାଠଗଡା ସାହି, କଟକ-୧; ୧୯୮୪

୮) ଶତପଥୀ, ନିତ୍ୟାନନ୍ଦ, ସବୁଜରୁ ସାଂପ୍ରତିକ, ଦ୍ୱିତୀୟ ସଂସ୍କରଣ । ଗ୍ରନ୍ଥ ମନ୍ଦିର, କଟକ-୨; ୧୯୮୫



କଳାଭୂଷଣ ଅଧ୍ୟାୟୀ

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X(P), Vol.- 8, Issue No. IV, July 2022
Bastabatara Pariprakash Prachee
*Peer Reviewed and Referred Research Journal*

# ବାଥୁଡ଼ି ସଂପ୍ରଦାୟର କାନ୍ଦଣା ଗୀତ

## ଡକ୍ଟର ରାଜା କୁମାର ନାଏକ

ଲୋକଗୀତ ହେଉଛି ଲୋକ ସାହିତ୍ୟର ବଳିଷ୍ଠ ଉପାଦାନ । ଏହା କେଉଁ ଆବାହମାନ କାଳରୁ ପ୍ରଚଳିତ ହୋଇ ଆସୁଛି, ତାର ସମୟ ନିର୍ଦ୍ଧାରଣ କରିବା କଷ୍ଟଦାୟକ । ଲୋକଗୀତ ଲିଖିତ ସାହିତ୍ୟଠାରୁ ବହୁ ପୁରାତନ । ଲୋକଗୀତର ସ୍ରଷ୍ଟା ହେଉଚନ୍ତି ସାଧାରଣ ଜନତା । ସାଧାରଣ ଜନତା ପର୍ବପର୍ବାଣୀରେ, ଶୋକସମୟରେ, ଉତ୍ସବରେ, ଖେଳକୁଦରେ ଓ କାମଦାମ ସମୟରେ ଉତ୍ସାହ ସୃଷ୍ଟି କରିବାକୁ ଏକକ ଭାବେ ବା ମିଳିତଭାବେ ଯେଉଁ ସବୁଗୀତ ମୁହେଁ ମୁହେଁ ରଚନା କରିଥାନ୍ତି ଏବଂ ଯେଉଁଗୁଡ଼ିକ ରଚିତ ହେବା ଦିନଠୁଁ ଆଜି ପର୍ଯ୍ୟନ୍ତ ମୁଖେ ମୁଖେ ପ୍ରଚଳିତ ହୋଇ ଆସୁଛି, ତାହା ଲୋକଗୀତ । ଲୋକଗୀତକୁ ବିଷୟ ବସ୍ତୁ ଦୃଷ୍ଟିରୁ ମୁଖ୍ୟତଃ ଛଅଭାଗରେ ବିଭକ୍ତ କରାଯାଇପାରେ । ଯଥା- କର୍ମ ମୂଳକ, ନୀତିନିୟମ ସଂପର୍କିତ, ଧର୍ମ ମୂଳକ, ବୁଦ୍ଧିମୂଳକ, ନାରୀ ଜୀବନୀମୂଳକ ଓ ଅନ୍ୟାନ୍ୟ ଗୀତ । ନାରୀ ଜୀବନୀମୂଳକ ଗୀତ ମଧ୍ୟରେ କାନ୍ଦଣାଗୀତ ଅନ୍ୟତମ ।

ଆଗକାଳରେ କାନ୍ଦଣା ଏକ ସ୍ୱତନ୍ତ୍ର ଅନୁଷ୍ଠାନ ରୂପେ ସ୍ୱୀକୃତି ଲାଭ କରିଥିଲା । ଝିଅ ସାଙ୍ଗସାଥି, ଜେଜେମା, ମାଆ, ଖୁଡ଼ି, ଭାଉଜଙ୍କ ଠାରୁ ଅବସର ସମୟରେ କାନ୍ଦଣା ଗୀତ ଶିଖୁଥିଲା । ତାକୁ ମନେରଖି ବିବାହ ସମୟରେ କାନ୍ଦିବା ଥିଲା ବିଧିବଦ୍ଧ ପରଂପରା । କାନ୍ଦଣା ଗୀତରେ ଶାଶୁଘରର କଷଣ, ନିର୍ଯ୍ୟାତନା, ଅସହାୟତା, ଗାଁ ସାଙ୍ଗସାଥି, ଆତ୍ମୀୟସ୍ୱଜନ ଠାରୁ ଦୂରେଇ ଯିବା କଥା ମନେପକାଇ ଠିଆ କାନ୍ଦିଥାଏ । ଏ ପ୍ରଥା ବାଥୁଡ଼ି ସଂପ୍ରଦାୟର ଜନମାନସଙ୍କ ନିକଟରେ ମଧ୍ୟ ପ୍ରକଟିତ ହୋଇଥାଏ ।

ଓଡ଼ିଶାରେ ବାଷଠି ପ୍ରକାରର ଜନଜାତି ସଂପ୍ରଦାୟର ଲୋକ ବସବାସ କରି ଆସୁଛନ୍ତି । ସେମାନଙ୍କ ମଧ୍ୟରେ ବାଥୁଡ଼ି ଜନଜାତି ଅନ୍ୟତମ । ଏହି ବାଥୁଡ଼ି ଜନଜାତି ମୟୂରଭଂଜ, କେନ୍ଦୁଝର ଓ ବାଲେଶ୍ୱର ନୀଳଗିରି ଅଞ୍ଚଳରେ ବସବାସ କରନ୍ତି । ଏହି ଜାତି ସଂସ୍କୃତି ସଂପନ୍ନ ଜାତି । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମୟ ଖଣ୍ଡରେ ବିଭିନ୍ନ ପ୍ରକାର ରୀତିନୀତି ଅନୁସୃତ ହୋଇଥାଏ ଏବଂ ପାରଂପାରିକ ରୀତିରେ ତତ୍‌ଜନିତ ଭିନ୍ନ ଭିନ୍ନ ଲୋକଗୀତମାନ ଗାନ କରାଯାଇଥାଏ । ତନ୍ମଧ୍ୟରୁ ଅନ୍ୟତମ ଉଲ୍ଲେଖନୀୟ ଗୀତ ହେଉଛି କାନ୍ଦଣା ଗୀତ । ଏହାର ଅନ୍ତସ୍ୱର କରୁଣ ରସାପ୍ଲୁତ । ଅନ୍ୟ ସଂପ୍ରଦାୟ ପରି ବାଥୁଡ଼ି ସଂପ୍ରଦାୟର ଲୋକମାନ ବିବାହ ସମୟରେ କେତେକ ବିଧିବିଧାନ ପାଳନ କରିଥାନ୍ତି । ଝିଅ ବିବାହ ବେଦୀରେ ଓ ବାପଘରୁ ଶାଶୁଘରକୁ ଯିବା ସମୟରେ ତାର ଅତୀତ ଜୀବନର ସମସ୍ତ କଥାକୁ ମନେପକାଇ କାନ୍ଦିଥାଏ । ମାଆଘରର ସ୍ନେହ, ଆଦର,ସାଙ୍ଗସାଥିଙ୍କର ପ୍ରେମ ଭଲପାଇବା, ଜନ୍ମମାଟିର ବାଟ-ଘାଟ, ତୋଟା-ମାଳ, ବାପା,ମାଆ, ଭାଇ,ଭାଉଜ, ମାମୁଁ-ମାଇଁ,ଆତ୍ମୀୟ ସ୍ୱଜନ,ଜ୍ଞାତି ସହୋଦର ସମସ୍ତଙ୍କୁ ପଛରେ ପକାଇ ଝିଅଟି ଚାଲିଯାଏ ଏକ ଅପରିଚିତ ପରିବେଶ, ଅଚିହ୍ନା ସ୍ୱାମୀ ଓ ଅଜଣା ଶାଶୁଘର ବଳୟ ମଧ୍ୟକୁ । ଏକ ଅଚିହ୍ନା ପରିବେଶ ଓ ଅଚିହ୍ନା ମଣିଷଙ୍କ ଭିତରେ ତାର ଭବିଷ୍ୟତ ଜୀବନ କପରି କାଟିବ ସେଥିପାଇଁ ତା ହୃଦୟ କନ୍ଦରରୁ କୋହ ଉଠେ । ସେହି କାନ୍ଦଣା ଉପସ୍ଥିତ ଥିବା ସମସ୍ତ ଆତ୍ମୀୟସ୍ୱଜନଙ୍କୁ ଅଶ୍ରୁଳ କରିଦିଏ । କାନ୍ଦିବା ବେଳେ ସବୁକଥା ମନେପକାଇ ଯାହାସବୁ ବଖାଣି ଯାଏ, ସେସବୁ ରୂପ ନିଏ କାନ୍ଦଣା ଗୀତରେ ।

ଭାରତୀୟ ସଂସ୍କୃତିରେ ଷୋଡ଼ଷ ସଂସ୍କାର ମଧ୍ୟରୁ ବିବାହ ଅନ୍ୟତମ । ବାଥୁଡ଼ି ସଂପ୍ରଦାୟରେ ଗୁଆଭଙ୍ଗା (ଲଗ୍ନଧରା ବା ଲଗ୍ନ ଧାର୍ଯ୍ୟ) ଠାରୁ ଝିଅର କାନ୍ଦଣା ଆରମ୍ଭ ହୋଇଥାଏ । ତା'ପରେ ଆସେ କନିଆ ମଗା, କୋଇଲି ବୁଡ, ବାହାଘର ଇତ୍ୟାଦିଠାରୁ ଝିଅ ବିଦାୟ ପର୍ଯ୍ୟନ୍ତ ବିବାହର ପ୍ରତ୍ୟେକ ସୋପାନରେ ଝିଅ ନିଜର ଆତ୍ମୀୟ ସଜନଙ୍କ ନିକଟରେ କାନ୍ଦିଥାଏ । ଗେଲବସରରେ ବଢ଼ିଥିବା ଝିଅ ଯେଉଁ ମାଆ ଦଶମାସ-ଦଶଦିନ ଗର୍ଭରେ ଧାରଣ କରି ସ୍ନେହ ଆଦରରେ ଜନ୍ମଦେଇ ଏନ୍ତୁଡିଶାଳରୁ ବିବାହ ପର୍ଯ୍ୟନ୍ତ କୋଳେଇ କାଖେଇ ବଡ଼ କରିଥାଏ ତାକୁ ଛାଡି ଗଲାବେଳେ ଝିଅ ସେହି ସ୍ନେହମୟୀ ମାତାଙ୍କ ନିକଟରେ ନିଜର କୋହ ସମ୍ଭରଣ କରି ନପାରି ରାହାଧରି କାନ୍ଦିଥାଏ । ତା କାନ୍ଦଣାରେ ରହିଥାଏ ମାଆ ଓ ଝିଅ ମଧ୍ୟରେ ସ୍ନେହ ମମତାର ଚିତ୍ର । ବାଥୁଡ଼ି ସଂପ୍ରଦାୟର କାନ୍ଦଣା ଗୀତରେ ମଧ୍ୟ ମାଆ, ଝିଅର ଅନାବିଳ ସ୍ନେହ ମମତାର ଚିତ୍ର ଦେଖିବାକୁ ମିଳେ ।

ମୁଁ ଖେଳୁଥିଲି ତମ କୋଳରେ ମୋ, ମାଅ
କେଉଟ ଜାଲରେ ମୀନ ‘ଳିଲା ମୋ, ମାଅ
ଜଳ ଖେଳା ନୀଳା ତାର ସରିଲା ମୋ, ମାଅ
ପବନ ବଢଇ ବତାସ ହେଇ ମୋ, ମାଆ
ମୁଁ ବଢିଥିଲି ତୋ ସିନିହ ପାଇ ମୋ, ମାଅ
କୃଷ୍ଣ ମାୟାକଲେ ଗୋପୀଙ୍କ ପାଇଁ ମୋ, ମାଆ
ବାପା ମାୟା କଲେ ମୋହରି ପାଇଁ ମୋ, ମାଆ ।

ମା ନିକଟରେ ଝିଅ ନିଜର ଅନ୍ତର ବେଦନା ଜଣାଇ ସାରିଲା ପରେ ବାପାଙ୍କ ନିକଟରେ ନିଜର ଅନ୍ତର କଥା ଜଣାଇ କାନ୍ଦିଥାଏ । କାରଣ ବର୍ଷ ବର୍ଷର ସ୍ନେହ ମମତାକୁ ତୁଟାଇ ବାପଘର ଛାଡ଼ିବାର ଦୁଃଖ ଏବଂ ଅନ୍ୟ ପଟେ ଅଜଣା ଅଜ୍ଞାତ ପରିବାରକୁ ଚିରଦିନ ପାଇଁ ଯିବାର ଭୟ ତା ହୃଦୟକୁ ଆନ୍ଦୋଳିତ କରିଥାଏ । ତେଣୁ ସେ ବାପାଙ୍କ ନିକଟରେ ଅଭିମାନ କରି କାନ୍ଦିଥାଏ ।

ଯାହା ଘରେ ନାହିଁ ସଂଜ ବଇଠା ମୋ,ବାପା
ତା ଘରେ କଲ କି ଟୁଣ୍ଡ ଅଇଁଠା ମୋ, ବାପା
ଯା ଘରେ ନାହିଁ ବନ୍ଧା ପାହୁଳ ମୋ, ବାପା
ସେଇ ଘରେ ଯାଇ ବାଂଧିଲ ଯୁଳ ମୋ, ବାପା
ବାତା କାଛି ଦେଇ ରୁଅ ଖଂଜିବ ମୋ,ବାପା
ଝିଅ କାଢି ଦେଇ ବୋହୂ ଆଣିବ ମୋ, ବାପା
ନେଉଟିଆ ଶାଗ ତେଲରେ ଭଜା ମୋ ବାପା
ପାଇବ ତ ବୋହୂ ହାତର ମଜା ମୋ ବାପା ।

ବାପାଙ୍କ ନିକଟରେ ନିଜ ମନକଥା କାନ୍ଦଣା ଗୀତ ମାଧ୍ୟମରେ ଝିଅ ନିଜ ବାବକୁ ପ୍ରକାଶ କଲା ପରେ ସେ କାକାଙ୍କ ପାଖରେ ନିଜର ଅନ୍ତର ଦେଦନାକୁ ଜଣାଇଥାଏ । କାକାଙ୍କ ନିକଟରେ ନିଜର ଅନ୍ତର କଥା କହିବାକୁ ଯାଇ କହିଥାଏ ।

ଘର ଛାଆଣୀରେ ବାଉଁଶ ବତା ମୋ, କାକା
ତମ ଝିଅ ହେନେ ସିନା କାଟିତା ମୋ,କାକା
ଯେତେ ହେନେ ମୁଇଁ (ତମ) ଭାଇର ଝିଅ ମୋ କାକା
ଦାଣ୍ଡ ବାରି ଧୂଳି ଉଡେଇ ଦିଅ ମୋ, କାକା
ନାଲିଆ ରଙ୍ଗର ‘ୁଲ ପଳାଶ ମୋ, କାକା
ଭାଇ ଝିଅ ବୋଲି ହୀନ ମଣୁଛ, ମୋ,କାକା
ତମ ଝିଅ ଯଦି ହୋଇଥାନ୍ତି ମୋ, କାକା
ଯାହା ଅଳି କଲେ ତାହା ନିଅନ୍ତି ମୋ, କାକା ।

ଏତତ୍ ବ୍ୟତୀତ ଝିଅକୁ ଧନୀ ଘର ଦେଖି ବିବାହ ଦେଉଥିବା ଚିତ୍ର ମଧ୍ୟ କାନ୍ଦଣାଗୀତରେ ପ୍ରକଟିତ ହୋଇଥାଏ । ଝିଅ କାକାଙ୍କ ନିକଟରୁ ବିଦାୟ ନେବା ସମୟରେ ସେ କାନ୍ଦି କାନ୍ଦି ନିଜ ଭାବନାକୁ ପ୍ରକାଶ କରିବାକୁ ଯାଇ ନିଜ ଅନ୍ତରର କୋହକୁ କାନ୍ଦଣା ମାଧ୍ୟମରେ ପ୍ରକାଶ କରିଥାଏ ।

ଚାଳରେ ଗେଞ୍ଜିଲି ଗଞ୍ଜେଇ ମଞ୍ଜି ମୋ, କାକା
ଧନୀ ଘର ବୋଲି ଦେଉଛ ଗେଞ୍ଜି ମୋ, କାକା
ଧନୀ ଯେତେ ବେଳେ ନିଧନ ହେବ ମୋ, କାକା
ସାତ ଅଇତଳେ କନ୍ଦାଇଥିବ ମୋ, କାକା
ସାତ ଅଇତଳେ କାନ୍ଦିବ ନାଇଁ ମୋ, କାକା
ଦେଖିବ ଜୀବନ ରଖିବି ନାଇଁ ମୋ, କାକା ।

ଝିଅ କାକାଙ୍କ ପାଖରୁ ଅଭିମାନ ଭରା ନିଜ ଅନ୍ତର ଆତ୍ମାର ଦୁଃଖ ବଖାଣିବା ପରେ ସେ ଖୁଡ଼ିଙ୍କ ପାଖକୁ ଯାଏ । କାରଣ ଖୁଡ଼ିଙ୍କ ପାଖରେ ଛୋଟରୁ ବଡ଼ ହେବା ପର୍ଯ୍ୟନ୍ତ ଯେଉଁ ସ୍ନେହ-ମମତା, ଅଳି-ଅର୍ଦ୍ଦଳି କରିଥାଏ, ତାକୁ ମନେ ପାକାଇ ଖୁଡ଼ିଙ୍କ ନିକଟରେ ନିଜ ଦୃଦୟର ଭାବକୁ ପ୍ରକାଶ କରିବାକୁ ଯାଇ କାନ୍ଦିଥାଏ ।

ହାତୀ ଅଳିଦଳି କୁଞ୍ଜ ନଟାରେ ମୋ, ଖୁଡ଼ି
ମୁଇଁ ଅଳିଦଳି ତମ କୋଳରେ ମୋ, ଖୁଡ଼ି
ହାତୀ ପଳେଇନେ ନଟାଟା ଖାଲି ମୋ, ଖୁଡ଼ି
ମୁଇଁ ପଳେଇନେ କୋଠାଟା ଖାଲି ମୋ, ଖୁଡ଼ି
ହାତୀ ଅଳିଥିଲା ଖାଇବା ପାଇଁ ମୋ, ଖୁଡ଼ି
ମୋର ଅଳିଥିଲା ରହିବା ପାଇଁ ମୋ, ଖୁଡ଼ି
ଥାଳି ‘ିଙ୍ଗିଦେନେ ନଇରେ ଯିବ ମୋ, ଖୁଡ଼ି
କାଲିଠୁ କୋଠାରେ କିଏ ଚାଲିବ ମୋ, ଖୁଡ଼ି
ଚାଲିନେ ଚାଲିବ ମୋଠାଣୁ ସାନ ମୋ, ଖୁଡ଼ି
ଆଉ କି ପାଇବି ତମ ସୁଆଗ ମୋ, ଖୁଡି ।

କେବଳ ଯେ ଝିଅ ଖୁଡ଼ିଙ୍କ ପାଖରେ ଅଳିଅର୍ଦ୍ଦଳି କରିଥାଏ ତା' ନୁହେଁ, ଖୁଡ଼ୀଙ୍କ ପଣତକାନି ଛୋଟରୁ ବଡ଼ ପର୍ଯ୍ୟନ୍ତ କିଭଳି ଆଶ୍ରୟ ଦେଇଥାଏ ତାକୁ ମନେପକାଇ ଖୁଡିଙ୍କ ପାଖରେ ପୁଣି କାନ୍ଦେ ।

ଶୁନୁଶୁନି ଶାଗ କାକର ବୋଳେ ମୋ, ଖୁଡ଼ୀ
ରଖିଥଲ କାନି ପଣତ ତଳେ ମୋ ଖୁଡ଼ୀ
ବଢାଇ ଥିଲ ରଙ୍ଗ ଡାଲାରେ ମୋ, ଖୁଡ଼ୀ
ଭସାଇ ଦେଲ କି ପୁଷ୍ପ ବେଳାରେ ମୋ ଖୁଡ଼ୀ ।

ଝିଅ କେବଳ ବାପା, ମାଆ, କାକା ଓ ଖୁଡ଼ୀଙ୍କ ପାଖରେ ନିଜର ମନର କଥାକୁ ପ୍ରକାଶ କରିଥାଏ ତା ନୁହେଁ, ସେ ଭାଇ,ଭାଉଜଙ୍କ ପାଖରେ ମଧ୍ୟ ମନରକଥାକୁ କାନ୍ଦଣା ମାଧ୍ୟମରେ ପ୍ରକାଶ କରିଥାଏ ।ଭାଇଙ୍କ ନିକଟରେ ନିଜର ଅଳି କରିବାକୁ ଯାଇ ରାହା ଧରି କାନ୍ଦିପକାଏ ।

ଗଉଣୀ ଗଣଣୀ ଧାନ ଗଣଣୀ ମୋ, ଭାଇ
ମୁଁ ତୁମର ସାନ ଭଉଣୀ ମୋ,ଭାଇ
ଭଉଣୀ ଭାଇ ପାସେ କରଇ ଅଳି ମୋ, ଭାଇ

ଶାଶୁ ଶଶୁର ସ୍ୱାମୀ ଭଲ ନକଲେ ଆଣିବଯାଇ ମୋ,ଭାଇ
ତୁମ ଘରୁ ମୁହିଁ ହେଲି ପାଆରି ମୋ, ଭାଇ
ତୁମେ ହୀନ କଲେ ହେବି କାହାର ମୋ ଭାଇ ।

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଭାଇ ଭଉଣୀର ଅନାବିଳ ସଂପର୍କ କେତେ ନିବିଡ଼ । ଉଉଣୀକୁ ବିବାହ ଦେଲା ପରେ ଯଦି ଶାଶୁ, ଶଶୁର ସ୍ୱାମୀ ହୀନଚକ୍ଷୁରେ ବା (ଘୃଣା ଚକ୍ଷୁରେ) ଦେଖନ୍ତି ତେବେ ତାର ଏକ ମାତ୍ର ସାହା ଭରସା ଭାଇ । ତେଣୁ କାନ୍ଦଣା ମାଧ୍ୟମରେ ତାର ଦୁଃଖ, ଯନ୍ତ୍ରଣାର କଥା ପ୍ରକାଶ କରିଥାଏ ।

ପୁନଶ୍ଚ ପରିଚିତ ପରିବେଶ ଓ ନିଜ ପରିବାରର ସ୍ନେହ ମମତାର ବନ୍ଧନକୁ ପଛରେ ପକାଇ ଅନ୍ୟତ୍ର ଜୀବନ ଜୀଇଁବା ପାଇଁ ଝିଅ ଅନିଚ୍ଛା ପ୍ରକାଶ କରେ । ତଥାପି ଭାଗ୍ୟକୁ ଆଦରି ନେଇ ତାକୁ ଶାଶୁ ଘରକୁ ଯିବାକୁ ପଡ଼େ । ବାପଘର ଛାଡ଼ି ଶାଶୁ ଘରକୁ ବିଦାୟ ନେବା ସମୟରେ ସେ ନିଜ ଭାଉଜ ଉପରେ କରିଥିବା ଅନ୍ୟାୟ, ଅତ୍ୟାଚାର କଥାକୁ ମନେପକାଇ ଭାଉଜଙ୍କ ନିକଟରେ କ୍ଷମାମାଗେ । କାରଣ ବାପ ଘରେ ଝିଅର କର୍ତ୍ତୃତ୍ୱ ବୋହୂଠାରୁ ଅଧିକ ତେଣୁ ଭାଉଜ ନିକଟରୁ ବିଦାୟ ନେଇ ଗଲା ବେଳେ ସେ ଅଳି କରିବସେ ।

ଚାଳରେ ଗେଞ୍ଜିଲି ଦଲଦୀ ଗୁଣ୍ଡା ମୋ, ଭାଉଜ
ଅଢେଇ ଦିନ ଲାଗି ମୁହିଁ ଉସୁଣ୍ଡା ମୋ, ଭାଉଜ
ମୁହଁ ଉସୁଣ୍ଡା କରିବ ନାହିଁ ମୋ, ଭାଉଜ
ଭଗାରୀ ନଣନ୍ଦ ରହିବ ନାଇଁ ମୋ,ଭାଉଜ
ଗରିଆରେ ପାଣି ଢଳାଉଥିଲି ମୋ, ଭାଉଜ
ତୁମ ସୁନା ଝିଅ ଖେଳାଉ ଥିଲି, ମୋ ଭାଉଜ
ଭଗାରୀ ନଣନ୍ଦ ବାହାରି ଗଲା, ମୋ ଭାଉଜ ।

ଏଥିରୁ ଭାଉଜ ନଣନ୍ଦର ସଂପର୍କ ଏବଂ ଭାଉଜ ପ୍ରତି କରିଥିବା ଭୁଲ ପାଇଁ ସେ ଅନୁତାପ କରୁଥିବା ଚିତ୍ର ପ୍ରକଟିତ ହୋଇଥାଏ ।

ଝିଅ ବିଦାୟ ନେବା ସମୟରେ ନିଜ ବଡ଼ନାନୀ ବା ବଡ଼ ଭଉଣୀଙ୍କ ନିକଟରେ ପରସ୍ପର ମଧ୍ୟରେ ଥିବା ରାଗରୁଷା, ସ୍ନେହ-ମମତା ଓ ଭଲ ପାଇବା କଥାକୁ ମନେ ପକାଇ ସେ ବଡ଼ ଭଉଣୀ ବା ନାନୀ ନିକଟରେ ନିଜର ଅନ୍ତର କଥା କାନ୍ଦଣା ମାଧ୍ୟମରେ ପ୍ରକାଶ କରିଥାଏ । କାରଣ ଥରେ ବାପଘରୁ ବିଦାୟ ନେଇ ଚାଲିଗଲା ପରେ ସେ କହା ସହିତ ନିଜର ପୂର୍ବ ରାଗରୁଷାକୁ କହିବ ତେଣୁ ବିଦାୟ ନେବା ପୂର୍ବରୁ ନିଜ ମନକଥା ପ୍ରକାଶ କରିଦେଇ ଯାଇଥାଏ ।

ଅଦାଳ ନିପିଲି ନାଲି ଲୁଣ୍ଡାରେ, ମୋ ନାନୀ
କଳି ନାଗୁ ଥିଲେ କେତେ ପରକାରେ, ମୋ ନାନୀ
ଯେ କଳି ନାଗିଛୁ ମନରେ ଅଛି, ମୋ ନାନୀ
ତାକୁ କି ପାରିବି କେଭେ ମୁରୁଛି, ମୋ ନାନୀ ।

ସାଧାରଣତଃ ବାଥୁଡ଼ି ସଂପ୍ରଦାୟରେ ଜେଜେବାପାଙ୍କୁ ଦାଦା ଓ ଜେଜେମାଙ୍କୁ ନାନା କହିଥାନ୍ତି । ଦାଦା, ନାନା ଓ ନାତୁଣୀର ସଂପର୍କ ଅନାବିଳ । ଦାଦା,ନାନା ଓ ନାତୁଣୀ ଅବସର ସମୟରେ ସଦାସର୍ବଦା ଥଟ୍ଟାମଜା ଓ ଗ୍ଲେଲ୍ଲ ବସରରେ ସମୟ ଅତିବାହିତ କରିଥାନ୍ତି । ଝିଅ ଦାଦା ଓ ନାନାଙ୍କ ପାଖରୁ ବିଦାୟ ନେଲା ବେଳେ ସେହି ପୂର୍ବ ସ୍ମୃତିକୁ ମନେପକାଇ ତା ଆଖିରୁ ଲୋତକ ଝରି ଯାଇଥାଏ । ପୂର୍ବ କଥାକୁ ମନେ ପକାଇ ଝିଅ ନନା ପାଖରେ ଅଳି କରି ବସେ ।

ଗଡ଼ି ଗଡ଼ି ଗଲା ପାଚିଲା ବେଲ, ମୋ ନାନା
ତୁମ ସାଥେ ମୋର ଘଡ଼ିଏ ଗେଲ, ମୋ ନାନା
ତୁମ ସାଥେ ଗେଲ ଖୁସି ସରିତ ଗଲା, ମୋ ନାନା
ତୁମ ଗେଲ୍ଲା ନାତୁଣୀ ବାହାରି ଗଲା, ମୋ ନାନା ।

ନାନା ନିକଟରେ ନିଜର ପୂର୍ବ ସ୍ମୃତିକୁ ମନେପକାଇ ଝିଅ କାନ୍ଦିଲା ପରେ ସେ ଚାଲି ଆସିଥାଏ ନିଜ ଅତି ଆପଣାର ଅଳି ଅର୍ଦ୍ଦଳୀ, ଭଲମନ୍ଦ ବୁଝୁଥିବା ଦାଦାଙ୍କ ପାଖକୁ । ଉଭୟ ଉଭୟଙ୍କୁ ଅନାବିଳ ଭଲପାଉଥିବା ଚିତ୍ର କାନ୍ଦଣା ଗୀତ ମାଧ୍ୟମରେ ଝିଅ ପ୍ରକାଶ କରିଥାଏ ।

ବାଡ଼ି ପଛ ଆଡେ କୁଡ଼ିଲି ଅଦା, ମୋ ଦାଦା
ନାତୁଣୀ ବୋଲି କରୁଥିଲ ଶରଦା, ମୋ ଦାଦା
ଦାଦା ବୋଲି ଆଉ କିଏ ଡାକିବ, ମୋ ଦାଦା
ନାତୁଣୀ ଦାଦା ବୋଲି ହାଦୁରୀ ହେବ, ମୋ ଦାଦା ।

ଦାଦା,ନାନା ପାଖରେ ଝିଅ ଯେଭଳି ନିଜର ମନର ବ୍ୟଥ୍ୟାକୁ ପ୍ରକାଶ କରିଥାଏ ଠିକ୍ ସେହି ଭଳି ଅଜା ଆଇଙ୍କ ପାଖରେ ମଧ୍ୟ ନିଜର ମନର ବ୍ୟଥ୍ୟାକୁ କାନ୍ଦଣା ମାଧ୍ୟମରେ ପ୍ରକାଶ କରିଥାଏ ।

ବାଡ଼ିରେ ମାଡ଼ିଛି କାକୁଡି ନଟା, ମୋ ଆଇ
କରୁଥିଲ ମୋତେ ସ୍ନେହ ମମତା, ମୋ ଆଇ
ତୁମ ସ୍ନେହ ମମତା ଭୁଲି ପାରିବି ନାହିଁ, ମୋ ଆଇ
ସାପ ଛାଡେ ନାହିଁ ପଥର ଘରକୁ, ମୋ ଆଇ
ମନ ଛାଡେ ନାହିଁ ତୁମପାଖରୁ, ମୋ ଆଇ ।

ଏଥିରେ ଆଇର ନାତୁଣୀ ପ୍ରତି ରହିଥିବା ଭଲପାଇବା, ସ୍ନେହ-ମମତା କଥା ପ୍ରକଟିତ ହୋଇଛି । ବିଦାୟ କାଳରେ ସେ ଅଜାଙ୍କୁ ଦେଖିଲା ମାତ୍ରେ ସେ ଭୋ ଭୋ ହୋଇ କାନ୍ଦିଉଠେ । କାରଣ ଅଜା ନାତୁଣୀର ଥଟ୍ଟାମଜା ତା ହୃଦୟରେ ଜମାଟ ବାନ୍ଧି ରହିଥାଏ । ସେହି ସ୍ମୃତି ଅଜାକୁ ଦେଖି ପୁଣି ଚେଇଁ ଉଠେ, ତେଣୁ ପଛକଥାକୁ ମନେ ପକାଇ କାନ୍ଦିଥାଏ ।

ବାଡି ପଛପଟେ ନଗାଲି ମଲ୍ଲି, ମୋ ଅଜା
ଡାକି ଦେଉଥିଲ ନାତୁଣୀ ବୋଲି, ମୋ ଅଜା
ଅଜା ପାସେ ନାତୁଣୀ କରଇ ଅଳି, ମୋ ଅଜା
ତୁମ ହସଖୁସି ପାରୁନି ଭୁଲି, ମୋ ଅଜା ।

ଝିଅ ଛୋଟରୁ ବଡ଼ ହୋଇଥାଏ ନିଜ ଗ୍ରାମରେ । ଗ୍ରାମର ମଉସା,ମାଉସୀ ଓ ପୀଉସୀଙ୍କ ପାଖରେ ମଧ୍ୟ ନିଜ ଅନ୍ତରର ଭାବାନାକୁ ପ୍ରକାଶ କରିଥାଏ । ଏତେ ଦିନର ସ୍ନେହ ମମତାର ବନ୍ଧନକୁ ଛିନ୍ନ କରି ଅପରିଚିତ ସ୍ଥାନକୁ ଯିବା ସମୟରେ ତା ହୃଦୟର ଦୁଖଃ ଦ୍ୱିଗୁଣିତ ହୋଇ ଉଠେ । ତେଣୁ ବିଦାୟ ସମୟରେ ଗାଁର ମାଆ ମାଉସୀଙ୍କ ପାଖରୁ ଭବିଷ୍ୟତର ଆଶୀର୍ବାଦ କାମନା କରି କାନ୍ଦି ଉଠେ ।

ଘରୁ ବାହାରିନେ ବାଜିବ ରୁଅ, ମୋ ମାଆ ମାଉସୀ
ଆଜି ଠୁ ଯାଉଛି ତମ ବଡ଼ ଝିଅ, ମୋ ମାଆ ମାଉସୀ
କେତେ ଗେହ୍ଲା କରିଥିଲ ବଢେଇ, ମୋ ମାଆ ମାଉସୀ
ଅଇନ କୁଳକୁ ଦେଲ ପଠେଇ, ମୋ ମାଆ ମାଉସୀ
ସାନ ଝିଅ ତମ ଚମ୍ପା କେଶରୀ, ମୋ ମାଆ ମାଉସୀ
ତାକୁ ଦେଖି ମନେ ଦେବ ପାସୋରୀ, ମୋ ମାଆ ମାଉସୀ
ପୁରୁବ ସିନିହ ଟିକକ ଥାଉ, ମୋ ମାଆ ମାଉସୀ
ଏହି ଆଶୀର୍ବାଦ ମା ମାଗୁଛି ମୁହଁ, ମୋ ମାଆ ମାଉସୀ ।

ଅନେକ ଦିନର ସାଙ୍ଗ ସାଥୀ ଯାହା ସହିତ ସାରା ଅତୀତଟା ହସି-ଖେଳି, ନାଚି-କୁଦି ଆସିଛି, ଆଜି ସେଇ ଅନ୍ତରଙ୍ଗ ସାଙ୍ଗସାଥୀମାନଙ୍କଠାରୁ ଦୂରେଇ ଯାଉଛି । ସାଙ୍ଗ ସାଥୀଙ୍କୁ ଛାଡ଼ିଯିବାର ଯନ୍ତ୍ରଣା ହୃଦୟକୁ ବ୍ୟଥିତ କରୁଛି । ନିଜ ଅନ୍ତରଙ୍ଗ ସାଙ୍ଗସାଥିଙ୍କୁ ଛାଡ଼ି ଯାଉଥିବାରୁ ଅଭିମାନରେ କାନ୍ଦି ଉଠିଛି ତା ହୃଦୟ ।

ନଈ କୂଳେ କୂଳେ ପିତା ବେଲେଇ, ମୋ ସାଙ୍ଗ
କେତେ ହସ ଖେଳ ହେଉ ଥିଲେଇ, ମୋ ସାଙ୍ଗ
ତୁମ ହସ ଖେଳ ପୁରି ରହିଛି, ମୋ ସାଙ୍ଗ
ମୋ ହସ ଖେଳ ସରିଯାଉଛି, ମୋ ସାଙ୍ଗ ।

ଏହାଛଡା ସାଙ୍ଗସାଥି ଗହଣରେ ପୂର୍ବର ରାଗ-ରୁଷା,କଳି-ଗୋଳ, ଯାନି-ଯାତ୍ରା,ନାଚ-ଗୀତ ଦେଖିଯିବା ସମୟରେ ଯଦି କିଛି ଭୁଲ କରିଥାଏ, ବିଦାୟ ନେବା ପୂର୍ବରୁ ସାଙ୍ଗସାଥିଙ୍କ ପାଖରେ କାନ୍ଦଣା ମାଧ୍ୟମରେ ପ୍ରକାଶ କରିଥାଏ ।

ସରିଗଲା ମୋର ତମ ସାଙ୍ଗ ମେଳ, ମୋ ସାଙ୍ଗ
କରୁଥିଲେ କେତେ କଳିତ କରାଳ, ମୋ ସାଙ୍ଗ
ରଜ ଦୋଳିଗୀତ ଯାନି ଯାତରା, ମୋ ସାଙ୍ଗ
ଚାଙ୍ଗୁ ନାଚରେ ସେ ନୃତ୍ୟ ପସରା, ମୋ ସାଙ୍ଗ
ସେ ବେଳରେ ଯଦି କିଛି ଭୁଲ କରିଛି, ମୋ ସାଙ୍ଗ
ସବୁ ଦେବ ସାଙ୍ଗ ମନରୁ ପୋଛି, ମୋ ସାଙ୍ଗ ।

ଏହା ବ୍ୟତୀତ ବହୁ ଅନ୍ତରଙ୍ଗ ସାଇପୋଡିଶା, ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନଙ୍କ ନିକଟରେ ଝିଅଟି ବିଦାୟ ସମୟରେ ଯେଉଳି କାନ୍ଦିଥାଏ,ତାହା ଅତ୍ୟନ୍ତ ଦୁଃଖଦାୟକ ଓ ଲୋତକ ପୂର୍ଣ୍ଣ ଅଟେ । ଶେଷରେ ଏତିକି କୁହାଯାଇପାରେ ଉପଯୁକ୍ତ କାନ୍ଦଣା ଗୀତ ମାଧ୍ୟମରେ ବାଥୁଡ଼ି ସଂପ୍ରଦାୟର ବହୁ ଅକୁହା କଥା ପ୍ରକାଶ ପାଇଛି । ସମୟ ଥିଲା ବାଥୁଡ଼ି ସଂପ୍ରଦାୟର କାନ୍ଦଣାଗୀତ ଏକ ସୁଦୃଢ ପରଂପରା ଥିଲା ତାହା ଏବେ ମଧ୍ୟ ଲୁପ୍ତ ନହୋଇ ବଂଚି ରହିଛି । ମାତ୍ର କାନ୍ଦଣାଗୀତର ସ୍ୱରୂପ ଟିକକ ବଦଳି ଯାଇଛି । ବର୍ତ୍ତମାନ ଗାଁଉଲୀ ଜୀବନ ବା ପଲ୍ଲୀଜୀବନ ଆଧୁନିକ ସହରୀ ଜୀବନରୁ ମୁକ୍ତ ନୁହେଁ । ଆଧୁନିକ ଗାଁଉଲୀ ଝିଅ ବର୍ତ୍ତମାନ ପୂର୍ବପରି ଆଉ କାନ୍ଦଣା ଶିଖୁ ନାହିଁ, ଶିଖିଲେ ମଧ୍ୟ ତାକୁ ବିବାହ ସମୟରେ ରାହା ଧରି ବୋଲୁ ନାହିଁ । ବାଥୁଡି ସଂପ୍ରଦାୟର ଉଚ୍ଚଶିକ୍ଷିତ ଝିଅଗଣ ବିହାହ ସମୟରେ କାନ୍ଦିବାକୁ ପୁରୁଣାକାଳିଆ ପରଂପରା ମନେ କରୁଛନ୍ତି । ତଥାପି ବର୍ତ୍ତମାନ ମଧ୍ୟ ବାଥୁଡି ସଂପ୍ରଦାୟରେ କାନ୍ଦଣା ଗୀତ ବଂଚି ରହିଛି ।

**ସହାୟକ ଗ୍ରନ୍ଥସୂଚୀ :**


୧- ଓଡ଼ିଶା ସାହିତ୍ୟ ଏକାଡେମୀ(ସଂ), ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସାହିତ୍ୟ, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ ୨୦୦୪ ।

୨- ନାୟକ ଶରତ ଚନ୍ଦ୍ର, ମୟୂରଭଂଜ ସଂସ୍କୃତିରେ ବାଥୁଡି ଜନଜାତି, ମେଘାସନୀ ପ୍ରକାଶନୀ, ବାରିପଦା, ପ୍ରଥମ ସଂସ୍କରଣ ୨୦୧୯ ।

୩- ପସାୟତ ଚିତ୍ରସେନ, ଆଦିବାସୀ ମୌଖିକ ସାହିତ୍ୟ ପରଂପରା, (ସଂ) ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ ୨୦୧୬ ।

୪- ରାଜକିଶୋର ନାୟକ, ଶରତ ଚନ୍ଦ୍ର ନାଏକ , ବାଥୁଡି ଜାତିର ଅଜ୍ଞାତ ଅଧ୍ୟାୟ, ବାଥୁଡି ସାଂସ୍କୃତିକ ସମାଜ, କେନ୍ଦୁଝର ।

୫- ରବିନ୍ଦ୍ର ମୋହନ ସେନାପତି, ଓଡ଼ିଶାର ଆଦିବାସୀ, ବିଦ୍ୟାଭାରତୀ, କଟକ, ପ୍ରଥମ ସଂସ୍କରଣ, ୨୦୦୬ ।



ଆସିଷ୍ଟାଣ୍ଟ ପ୍ରଫେସର,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩

ISSN -2583-147X(P), Vol.- 8, Issue No. IV, July 2022
Bastabatara Pariprakash Prachee
*Peer Reviewed and Referred Research Journal*

# କ୍ଲାସିକ୍ ସାହିତ୍ୟ ପରିପ୍ରେକ୍ଷୀରେ 'ଅନ୍ଧମୁହାଁଣୀ'

**ପରୀକ୍ଷିତ ଭୋଇ**

"ସବୁ କିଛି ଅନୁଭୂତି ସବୁକିଛି ବାସ୍ତବ ।

ଛୋଟ ଛୋଟ ପିଲା କେମିତି ହଇରାଣ ହେଉଛନ୍ତି, ସେ ସମ୍ପର୍କରେ ଅନ୍ଧମୁହାଁଣୀ ଉପନ୍ୟାସ ଲେଖିଛି ।"(ଦେବ୍ରାଜ ଲେଙ୍କା)

ଦେବ୍ରାଜ ଲେଙ୍କା ସ୍ୱାଧୀନତା ପରବର୍ତ୍ତୀ ସମୟର ଜଣେ କାଳଜୟୀ ସ୍ରଷ୍ଟା । ସେ ଆଜି ପର୍ଯ୍ୟନ୍ତ ଯେଉଁ ଉପନ୍ୟାସଗୁଡ଼ିକ ରଚନା କରିଛନ୍ତି, ସେଗୁଡ଼ିକ ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ଭିନ୍ନଭିନ୍ନ ଦିଗ ଦେଖାଇଛି । ତାଙ୍କର ପ୍ରତ୍ୟେକ ଉପନ୍ୟାସ ମାନବୀୟ ହୃଦୟର କରୁଣଶିକ୍ତ ଜୀବନକୁ ଉଦ୍‌ଘାଟନ କରିଥାଏ । ଉପନ୍ୟାସର ଚରିତ୍ରଗୁଡ଼ିକ ବଞ୍ଚିବାର ଅଦମ୍ୟ ଚେଷ୍ଟା କରନ୍ତି । ସ୍ନେହ, ପ୍ରେମ, କରୁଣା ଓ ଦୟାର ସାଗରରେ ସମସ୍ତେ ଜୁଡୁବୁଡୁ ହୋଇଛନ୍ତି । ତାଙ୍କ ୧୮ଟି ଉପନ୍ୟାସ ମଧ୍ୟରୁ କେତେ ଖଣ୍ଡ ପରୀକ୍ଷାଧର୍ମୀ ଉପନ୍ୟାସଗୁଡ଼ିକ ହେଉଛି 'ଜୀବନରଙ୍ଗ' (୧୯୭୦), 'ଖେଳ' (୧୯୭୬), 'ଜୋକର' (୧୯୮୦), 'ପ୍ରେମନଗରର ଅନେକ କଥା' (୧୯୮୧), 'ଧୂର ପୃଥିବୀର ତରା' (୨୦୦୨), 'ଅନ୍ୱେଷା ଅନୁକ୍ଷଣ' ଓ 'ଲାଗା ଚୁନେରୀ ମେ ଦାଗ (୨୦୧୦) ଇତ୍ୟାଦି । ଉପନ୍ୟାସ କ୍ଷେତ୍ରରେ ପାଦ ଦେବାକ୍ଷଣି ଦେବ୍ରାଜ ଲେଙ୍କା ରଚନାର ପରୀକ୍ଷାନିରୀକ୍ଷା କରିବା ଆରମ୍ଭ କରି ଦେଇଥିଲେ । ସେଥିମଧ୍ୟରୁ ସୃଷ୍ଟି 'ଅନ୍ଧମୁହାଁଣୀ' (୧୯୭୭) ଉପନ୍ୟାସ ପାଠକର ଦରଦଭରା ଦ୍ୱନ୍ଦ୍ୱ ଓ ଉତ୍କଣ୍ଠାରେ ପରିପୂର୍ଣ୍ଣ । ସାଂପ୍ରତିକ ସମାଜର ବାସ୍ତବ ରୂପକୁ ଔପନ୍ୟାସିକ ଲେଙ୍କା ଗଭୀର ଅନୁଭବ କରିଛନ୍ତି । ଉପସ୍ଥାପନା ଶୈଳୀ, ବିଷୟବସ୍ତୁର ଘନଘଟା ଓ ଭାଷା ବିନ୍ୟାସର ସ୍ୱତନ୍ତ୍ରତା ବାରି ହୋଇପଡ଼େ । ଜୀବନର ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି 'ଅନ୍ଧମୁହାଁଣୀ' ଉପନ୍ୟାସରେ ଉଙ୍କିମାରିଛି । ଦେବ୍ରାଜ ଲେଙ୍କା ମନର ନିବୃତ୍ତ ସ୍ତରରେ ଥିବା ସନ୍ତୁଳିତ ରୂପକୁ ସୂର୍ଯ୍ୟାଲୋକ ଆଡ଼କୁ ଟାଣିଆଣିବା ପାଇଁ ପ୍ରଚେଷ୍ଟା କରି ସଫଳ ହୋଇଛନ୍ତି ।

ସାମାଜିକ ସମସ୍ୟାର ଜ୍ୱଳନ୍ତ ଉଦାହରଣ ରାନୁ ଓ କଲ୍ୟାଣୀ ଚରିତ୍ର ଦ୍ୱୟରେ ଦେଖିବାକୁ ପାଉଁ । ମଣିଷର ଅବଚେତନ ମନର ଗହୀର କଥା ଓ ନିଃସହାୟ ପ୍ରାଣର ସଂଗୁପ୍ତ ଭାବନା ବୁଝିବା ପରେ ପାଠକ ଅଶ୍ରୁଳୋତକ ହୋଇଯାନ୍ତି । ରାନୁର ଆତ୍ମା ପିଜୁଳି ଗଛର ସମ୍ପର୍କକୁ ଔପନ୍ୟାସିକ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ଏହାଛଡ଼ା ଶିକ୍ଷିତ ଭିତରେ ଅଶିକ୍ଷିତର ଗୁଣ ଠାବ କରିଛନ୍ତି । ସରଳ, ଭଦ୍ର, ଶିକ୍ଷିତ ଦେଖାଯାଉଥିବା ଡାକ୍ତର ମନସୁଖ ବାବୁ ନୀରିହ-ସରଳ ରାନୁକୁ ଶାରୀରିକ ମାନସିକ ନିର୍ଯାତନା ଦେଇଛି । ରାନୁ ସଂସ୍କୃତିସଂପନ୍ନା, ସହନଶୀଳ, ଦେବୀତ୍ୱର ପ୍ରତିମା ଭାବରେ ଛିଡ଼ା ହୋଇଛି । ରାନୁ ଉପରେ ଅତ୍ୟାଚ୍ଚର ହେଉଛି କିନ୍ତୁ ସେଥିପ୍ରତି ତା'ର ଭ୍ରୁକ୍ଷେପ ନାହିଁ । ସେସବୁକୁ ନିଜ କର୍ମ ବୋଲି ମାନିନିଏ । ଆମ ସମାଜରେ ଯିଏ ଗରିବ ସେ ସବୁବେଳେ ଅତ୍ୟାଚ୍ଚରିତ ଓ ଲାଞ୍ଛିତ । ତା'ର କୌଣସି ପ୍ରକାରର ସାହାରା ନାହିଁ । ପାଟି ଫିଟାଇଲେ ବିପଦ, ପାଟି ନ ଫିଟାଇଲେ ବି ବିପଦ । ଏହା ଭିତରେ ନାରୀ ହୋଇଥିଲେ ଆହୁରି ପାପ ? ଯେମିତି ବାପା-ମା' ଛେଉଣ୍ଡ ରାନୁର ଭାଗ୍ୟ ମୃତ୍ୟୁରୁ ଆସି କଲ୍ୟାଣୀ ହାତରେ ନିହତ ହୋଇଛି । ଏଥିପାଇଁ ରାନୁକୁ ତା'ର ବାପା-ମା' ବିପ୍ରଚରଣଙ୍କ ହାତକୁ ଟେକି ଦେଇଥିଲେ କି ? ବିପ୍ରଚରଣ ଶିକ୍ଷିତା କରାଇବେ ଏବଂ ନିଜ ଝିଅ ଭାବି ରଖିବେ । କିନ୍ତୁ ପରିଣତିରେ ରାନୁ ବିପ୍ରଚରଣଙ୍କ ସ୍ନେହ, ପ୍ରେମ, ମମତା ବାତ୍ସଲ୍ୟରୁ ବଞ୍ଚିତ ହୋଇ ବଢ଼ି ଉଠିଲା ଅଳିଆ ଗଦାର ଗଛପରି । ତଥାପି ରାନୁ କେବେ ମଉଳିଯାଇ ନାହିଁ, ଆହୁରି ଅନେକ ଗୁଣରେ ତେଜିୟାନ ଓ ସୁନ୍ଦର ଦେଖାଯାଉଛି । ହୁଏତ ସେ ଶୋଷିତା, ନିଃସହାୟୀ ତଥାପି ସେ ସର୍ବଗୁଣସମ୍ପନ୍ନ ।

ଦେବ୍ରାଜ ଲେଙ୍କାଙ୍କ ଅନ୍ଧମୁହାଁଣୀର କଥାବସ୍ତୁ ଯଦିଓ ପୁରୁଣା କିନ୍ତୁ ତାକୁ ଉପନ୍ୟାସରେ ସ୍ଥାନ ଦେବା ଓଡ଼ିଆ ଉପନ୍ୟାସ ପାଇଁ ନୂତନ । ଏହା ଔପନ୍ୟାସିକଙ୍କ ପ୍ରାରମ୍ଭ ସ୍ତରର ଲେଖା ହେଲେ ମଧ୍ୟ ଅତି ରୋମାଞ୍ଚକ ହୋଇଛି । ପୂର୍ବରୁ କଥାକାର 'ଫକୀରମୋହନ ସେନାପତି, ବୈଷ୍ଣବ ଚରଣ ଦାସ, ଉପେନ୍ଦ୍ର କିଶୋର ଦାସଙ୍କ ଉପନ୍ୟାସର ବିଷୟଗୁଡ଼ିକ ଯେମିତି ଥିଲା, ଠିକ୍ ସେହିପରି ଦେବ୍ରାଜ ଲେଙ୍କାଙ୍କ 'ଅନ୍ଧମୁହାଁଣୀ'ର ବିଷୟବସ୍ତୁ ରହିଛି । କେବଳ ସମୟାନୁସାରେ ଗ୍ରାମୀଣ ଓ ସହରୀ ଜୀବନର ମିଶ୍ରଣ କଥା କୁହାଯାଇଛି । ରାନୁ ସମାଜ ବିବର୍ଜିତା, ଶୋଷିତା, ଧର୍ଷିତା ନାରୀ । ଜନ୍ମରୁ ବାପା-ମା' ଛେଉଣ୍ଡ । ବିପ୍ରଚରଣଙ୍କୁ ଛାଡ଼ିଦେଲେ ତା'ର ବୋଲି କେହି ନାହାନ୍ତି । କଲ୍ୟାଣୀ ଓ ନମିତା ରାନୁର ରୂପ ଗୁଣ ପାଖରେ ମଳିନ ପଡ଼ିଯାନ୍ତି । କେତେବେଳେ ଯେ ରାନୁ ସ୍କୁଲ ପାଠ ପଢ଼ା ଛାଡ଼ି ଦେଲା, ତାହା ଅକଳନୀୟ କାହାଣୀ । ନମିତା ଡାକ୍ତରାଣୀ ସାଜିଛି, ଯିଏ ରାନୁଠାରୁ କମ୍ ପାଠ ପଢୁଥିଲା । ଦିନେ ରାନୁ କ୍ଲାସରେ ପ୍ରଥମ ହେଉଥିଲା । କିନ୍ତୁ ସେସବୁ କଲ୍ୟାଣୀ ଘରେ ଚୁଲି ମୁହଁକୁ ଗଲା । ରାନୁକୁ କଲ୍ୟାଣୀ ଦଣ୍ଡେ ନ ଦେଖିଲେ ରାଗରେ ଦରାଣ୍ଡି ହୋଇଯାଏ । ରାନୁ ସେସବୁ ଭ୍ରୂକ୍ଷେପ କରେ ନାହିଁ । ତା' ପାଇଁ ସେଇ ଘର ସ୍ୱର୍ଗ, ତା'ର ଦୁନିଆଁ ଓ ସଂସାର । କଲ୍ୟାଣୀ ଘରେ କାମ କରିବା ପାଇଁ ବହୁ ଚାକର ଚାକରାଣୀ ଆସିଛନ୍ତି । କିନ୍ତୁ କେହି ଦଣ୍ଡେ ରହିପାରିନାହାନ୍ତି । ଏଭଳି ପରିସ୍ଥିତିରେ ରାନୁ ଛୁଆ ସମୟରୁ ରହିଛି । ରାନୁ ତା' ହେଲେ କ'ଣ ଚାକର ? ରାନୁ ଯଦି କଲ୍ୟାଣୀର ଝିଅ ହୋଇଥାନ୍ତି । ତେବେ ନମିତା ଭଳି ଡାକ୍ତରାଣୀ ହୋଇନଥିଲେ ବି ଆଉ କ'ଣ କରିଥାନ୍ତା ନିଶ୍ଚୟ । ଔପନ୍ୟାସିକ ଚଳନ୍ତି ସମୟର ସମାଜର ଚଳଣିକୁ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ କରିଛନ୍ତି । ଗାଁକୁ ଛାଡ଼ି ସହରାଭିମୁଖୀ ସମାଜ ଯେ କେତେ ଭୟାବହ, ତାହା ଏହି 'ଅନ୍ଧମୁହାଁଣୀ' ଉପନ୍ୟାସରୁ ଜଣାପଡ଼େ । ବିପ୍ରଚରଣ ସାଧାରଣତଃ ଗ୍ରାମର ପୁଅ । ସେ ଚାକିରୀ କରି ସହରରେ ରହିଲେ ବି କିଛି ପରିବର୍ତ୍ତନ ନାହିଁ । କିନ୍ତୁ କଲ୍ୟାଣୀ, ନମିତା ଓ ଅନିତା ସହରୀ ସଭ୍ୟତାକୁ ଆପଣେଇଛନ୍ତି । ସେମାନେ ବିପ୍ରଚରଣଙ୍କ ଅଜଣାତରେ ତାଙ୍କ ମନମୁତାବକ କାର୍ଯ୍ୟ କରନ୍ତି । ଏମିତି କି ସେମାନେ ସିନେମା ଯିବାଠାରୁ ଆରମ୍ଭ କରି ବିଭିନ୍ନ କ୍ଲବ୍‌ରେ ମଧ୍ୟ ଯୋଗ ଦିଅନ୍ତି । ତେଣୁ ଲୋକେ ବିପ୍ରଚରଣଙ୍କ ଘର କହିଲେ ରାନୁକୁ ହିଁ ସମସ୍ତେ ଜାଣନ୍ତି ।

ମଣିଷର ଜୀବନଧାରା, ନାରୀ ଜୀବନର ଯନ୍ତ୍ରଣାବୋଧ, ସାମାଜିକ ଅନ୍ଧବିଶ୍ୱାସ, ପ୍ରେମ ଓ ପ୍ରତାରଣା ପ୍ରଭୃତି ଚିତ୍ରକୁ ଜୀବନ୍ତ ଭାବେ ଲେଖକ ତାଙ୍କ ଉପନ୍ୟାସରେ ଫୁଟାଇଛନ୍ତି । ଦେବ୍ରାଜ ଲେଙ୍କା 'ସାହିତ୍ୟ'କୁ ଜୀବନ ଭାବରେ ଗ୍ରହଣ କରିଥିବାରୁ ତାଙ୍କ ଲେଖାଗୁଡ଼ିକର ସ୍ୱତନ୍ତ୍ରତା ବାରି ହୋଇପଡ଼େ । 'ଅନ୍ଧମୁହାଁଣୀ' ଉପନ୍ୟାସର କଥାବସ୍ତୁ ବାସ୍ତବତା ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ଏହି ଉପନ୍ୟାସରେ ଚରିତ୍ରମାନେ ଜୀବନ୍ତ । ତେଣୁ ସମସ୍ତେ ନିଜ ନିଜ ସ୍ୱାର୍ଥରେ ନ୍ୟସ୍ତ । ଏଠାରେ ଦୈହିକ ଓ ଆତ୍ମିକ ସୁଖର ସଂଘର୍ଷ ହୋଇଛି । ରାନୁ ପାଖରେ ମାନବିକତାର ଉଚିତ୍ ମୂଲ୍ୟ ଥିବାବେଳେ, ଡାକ୍ତର ମନସୁଖଠାରେ ଉତ୍କଟ ରୂପ ଧାରଣ କରିଥିବା ଯୌନତାକୁ ପାଉଁ । ଉପନ୍ୟାସରେ ମୁଖ୍ୟ ଚରିତ୍ର ବା କଥାବସ୍ତୁର ମୁଖ୍ୟାଂଶ କହିଲେ ରାନୁ ଓ କଲ୍ୟାଣୀକୁ ବୁଝାଏ । ନମିତା, ମନସୁଖ, ବିପ୍ରଚରଣ, ସୁବୋଧ ସାହାଯ୍ୟ କରିଥିବା ଚରିତ୍ର । ବିବାହ ଠିକ୍ ହୋଇଯାଇଛି ମନସୁଖ ସହିତ ନମିତାର । ତଥାପି ମନସୁଖ ବାବୁ ଆଧୁନିକ ଶିକ୍ଷାପ୍ରାପ୍ତ ବୁଦ୍ଧିମାନ ବ୍ୟକ୍ତି ଅସହାୟ ରାନୁ ଉପରେ ନଜର । ପ୍ରତିକ୍ଷଣରେ ରାନୁର କଥା ନ ହେଲେ କଲ୍ୟାଣୀର କଥା ବିଷୟବସ୍ତୁକୁ ଗୁରୁତ୍ୱ ବଢ଼ାଇଛି । ଉପନ୍ୟାସର ପରିସମାପ୍ତି ପର୍ଯ୍ୟନ୍ତ କଲ୍ୟାଣୀ ହିଁ ଜଣେ ରାନୁର ଭାଗ୍ୟବିଧାତା ସାଜିଛି । ସମାଜରେ ଦେଖାଦେଉଥିବା ଅବକ୍ଷୟତା ଲେଖକ ମନସୁଖ ଉପରେ ନ୍ୟସ୍ତ କରିଛନ୍ତି । କଥାବସ୍ତୁ ଆହୁରି ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି କେତୋଟି ଗୌଣ ଚରିତ୍ର ପାଇଁ । ମନସୁଖ ଚାକିରୀ କରୁଛି କିନ୍ତୁ ଚାକିରୀ ତା'ପାଇଁ ଖେଳଘର । ଅନେକ ନାରୀ ସହିତ ସଙ୍ଗମ କରିବା ହେଉଛି ତା'ର ଚିର ଲକ୍ଷ୍ୟ । ଉପନ୍ୟାସର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତେ ଖୁସି ଖୁସିରେ ରହିଥିବାବେଳେ ରାନୁ ଜୀବନ ଜନ୍ମରୁ ଦୁଃଖପୂର୍ଣ୍ଣ । ତା'ର ଦୁଃଖପୂର୍ଣ୍ଣ ଜୀବନ ହିଁ ଚିରସୁଖ ଏବଂ ଏହି କରୁଣ କାହାଣୀ ହିଁ ଅନ୍ଧମୁହାଁଣୀ ଉପନ୍ୟାସ । ସୁବୋଧ ବି ମନସୁଖ ପରି ଜଣେ ଶିକ୍ଷିତ ସ୍ୱାର୍ଥବାଦୀ ମଣିଷ । ସେ ନିଜ ଦୁଃଖ ସମୟରେ କାକୁତିବିନତୀ ହୋଇ ଗୋଡ଼ ତଳେ ପଡ଼ିଛି । ପରବର୍ତ୍ତୀ ସମୟରେ ଓ.ଏ.ଏସ୍. ଅଫିସର ହୋଇଛି । ଓ.ଏ.ଏସ୍. ଅଫିସର ହେବା ଦିନଠାରୁ ରାନୁକୁ ଆହା... ପଦକ ବି କହିନାହିଁ । ସୁବୋଧ ଏକ ଗୌଣ ଚରିତ୍ର । ସୁବୋଧ ପାଇଁ ଉପନ୍ୟାସର କଥାବସ୍ତୁରେ କୌଣସି ପରିବର୍ତ୍ତନ ଆସିନାହିଁ । କିନ୍ତୁ ମନସୁଖ ଓ ସୁବୋଧ

ଏକା ରାସ୍ତାର ପଥିକ । ସମାଜରେ ଉଭୟେ ଉଚ୍ଚ ଶିକ୍ଷିତ ଏବଂ ପଳାୟନ ପନ୍ଥୀ ।

ସହରୀ ମନୁଷ୍ୟ ମାନବିକ ମୂଲ୍ୟବୋଧ ଉପରେ ବିଶ୍ୱାସ ନ କରି ବସ୍ତୁବାଦ ଉପରେ ନିର୍ଭର କରେ । ସେମାନେ ଅର୍ଦ୍ଧନଗ୍ନ ତରୁଣୀମାନଙ୍କର ନୃତ୍ୟ ଓ ଅଶ୍ଳୀଳ ଆଚରଣକୁ ପସନ୍ଦ କରନ୍ତି । ଭାରତର ସଂସ୍କୃତି ଓ ସମାଜ ଜୀବନକୁ ଅଶିକ୍ଷିତ ବୋଲି ବିଚାର କରି ପାଶ୍ଚାତ୍ୟ ଭାବନାକୁ ଆପଣେଇ ନିଅନ୍ତି । 'ଅନ୍ଧମୁହାଁଣୀ' ଉପନ୍ୟାସରେ ଔପନ୍ୟାସିକ ଦେବ୍ରାଜ ଲେଙ୍କା ଦୁଇ ପିଢ଼ିର ଚିତ୍ର ପ୍ରଦାନ କରିଛନ୍ତି । ରାନୁ, ବୁଢ଼ା ଓ ବିପ୍ରଚରଣ ଗ୍ରାମୀଣ କଥା କହିବାବେଳେ କଲ୍ୟାଣୀ, ମନସୁଖ, ନମିତା, ଅନିତା ଓ ସୁବୋଧ ସହରୀ ସଭ୍ୟତାର କଥା କହନ୍ତି । ଏମାନଙ୍କର ସମ୍ମିଶ୍ରଣରେ ଉପନ୍ୟାସର ବିଷୟବସ୍ତୁ ଗତିଶୀଳ ହୋଇଛି । ସଂଘର୍ଷ ଘଟିଛି ଗ୍ରାମୀଣ ସଭ୍ୟତା ଓ ସହରୀ ସଭ୍ୟତା ମଧ୍ୟରେ । ଔପନ୍ୟାସିକଙ୍କର କଳ୍ପନା ପ୍ରବଣତା ଜୀବନ୍ତ ହୋଇଉଠିଛି । ପିଜୁଳି ଗଛ ଓ ରାନୁ ଜୀବନ ଅପୂର୍ବ ସମନ୍ୱୟ ରହିଛି । ପ୍ରତୀକ ମାଧ୍ୟମରେ ଲେଖକ ପାଠକର ମନକୁ ଆନ୍ଦୋଳିତ କରିଛନ୍ତି । ପିଜୁଳି ଗଛକୁ ରାନୁ ବିପ୍ରଚରଣ ଦୁହେଁ ଅନେଇ ଅନେଇ ତାଙ୍କର ଜୀବନର ଦୁଃଖ-ସୁଖ ଅନୁଭବ କରିଥାନ୍ତି । ପିଜୁଳି ଗଛ ଅଳିଆଗଦାରେ ସୁନ୍ଦର, ସରସ ଭାବରେ ବଢ଼ିଛି । ବିପ୍ରଚରଣ ରାନୁକୁ ଛୁଆ ସମୟରେ ଆଣିଲାବେଳେ ପିଜୁଳି ଗଛ ଲଗାଇଥିଲେ । ଠିକ୍ ସେହିପରି ରାନୁ ମଧ୍ୟ କେଉଁ ପରିତ୍ୟକ୍ତ ମୃତ୍ୟୁମୁଖରୁ ଆସି ବିପ୍ରଚରଣଙ୍କ କୋଳରେ ବଢ଼ିଛି । ପିଜୁଳି ଗଛ କେମିତି ଅତି ସୁନ୍ଦର ହୋଇପାରେ, ତାହା ଲେଖକଙ୍କ ବର୍ଣ୍ଣନା ଶୈଳୀରୁ ବୁଝାପଡ଼େ । ଔପନ୍ୟାସିକ ଦେବ୍ରାଜ ଲେଙ୍କାଙ୍କ ଶୈଳୀ (style) ଯୋଗୁଁ ଓଡ଼ିଆ ସାହିତ୍ୟରେ ତାଙ୍କୁ ଶୈଳୀ ସମ୍ରାଟ ବୋଲି କୁହନ୍ତି । ତାଙ୍କର ଅନ୍ଧମୁହାଁଣୀରେ ଅଙ୍ଗୀକାରବଦ୍ଧତା ଓ ବାସ୍ତବ କାହାଣୀରେ ସରସତାକୁ ବଢ଼ାଇ ଦେଇଛି । ଲେଖକୀୟ ଆବେଦନ - "ଝରଣାରେ ପହରିଯାଉଥିବା କଳାକଜଳ ଜଳବେଣୀ ପରି ଯେଉଁ କେଶ ରାନୁର ପିଠି ଉପରେ ସାତ ଲହଡ଼ି ଭାଙ୍ଗି ଜଙ୍ଗତଳେ ନାଚି ଉଠୁଥିଲା । ଏପାଖ ସେପାଖ ଦୋଳି ଖେଳି ସେ ପୁଣି ଖୁବ୍ ବଡ଼ ଖୋପାଟିଏ ହେଇ ତା'ର ଶଙ୍ଖଧବଳ ମନୋହର ଗ୍ରୀବା ତଳେ ଘୁମର ଧମ୍‌ଧମ୍ ମେଘ ଖଣ୍ଡପରି ଠୁଳ ହୋଇଗଲା । ରାନୁର କିନ୍ତୁ ତା'ର କେଶକଳାପ ପ୍ରତି ଆଦୌ ନିଘା ନାଇଁ । ନିଘା ବି ନାଇଁ ସେ ସୁନ୍ଦର କି ଅସୁନ୍ଦର, କୃଷ୍ଣକଳା କି ରୁକ୍ଷ ଧୂସର । ଏକଥା ବି ସେ କେବେ ଜାଣିବାକୁ ମନ ବଳେଇନି ତାହା କୁଞ୍ଚିତ କି ସରଳ । ଦୀର୍ଘ କି ହ୍ରସ୍ୱ । ବେଳେବେଳେ ତା'ର ଚିକ୍କଣ ଗୋରା ଗୋରା ଗାଲର ବାଁ ପାଖରେ ମଝାମଝି କଳାଜାଇ ଉପରେ ଭଅଁର ପରି ଦି-ଚାରିଟା କେଶ ବଲ୍ଲଭୀ ଯଦି ଅତି ଦୁଷ୍ଟ ଭାବେ ଉଡ଼ିବୁଲେ, ତେବେ ରାନୁ ଚିଡ଼ିଉଠି ତାହାକୁ ଗାଲ ଉପରୁ ସାଉଁଟି ନେଇ ସଜାଡ଼ିଦିଏ । ହାତରେ ମଥାଟିକୁ ଆଉଁସି ସାଉଁଳି ଦେଇ କାନ ପାଖର ଆଲୁରା କେଶକୁ ବାଗେଇ ନିଏ ।"(ଅନ୍ଧମୁହାଁଣୀ, ପୃ.୧)

ଦେବ୍ରାଜ ଲେଙ୍କାଙ୍କ 'ଅନ୍ଧମୁହାଁଣୀ' କାହାଣୀ ଓ ଚରିତ୍ରଗୁଡ଼ିକ ସ୍ୱତନ୍ତ୍ର ରହିଛି । ରାନୁ ଜୀବନରେ କେବେ ସୁଖ ନାହିଁ । ତା'ର ଦୁଃଖ ହିଁ ଚିରସୁଖ ହୋଇରହିଥିଲା । ସେଥିପାଇଁ ସେ ସମସ୍ତଙ୍କୁ ଭଲପାଏ । ହଇଜାରେ ଆକ୍ରାନ୍ତ ହୋଇ ଗାଁର ସମସ୍ତ ଲୋକଙ୍କ ମୃତ୍ୟୁ ହୋଇଥିଲା । ସେଥିରେ କେବଳ ରାନୁ ହିଁ ବଞ୍ଚିଥିଲା । ରାନୁ ଟିକେ ବଡ଼ ହେବା ସହିତ ଘର କାର୍ଯ୍ୟ ଅଧିକରୁ ଅଧିକ କାମ ବଢ଼ିବାରେ ଲାଗିଲା । ଅର୍ଥାତ୍ ଯେଉଁ ଘରେ ଚାକର ରହିପାରୁନଥିଲେ । ସେ ଘରେ ରାନୁ ଏକୁଟିଆ ସମ୍ଭାଳୁଛି । ତା'ର କୋମଳ ହୃଦୟ । ଅନ୍ୟର ପ୍ରେମ ପାଇଁ ନିଜ ପ୍ରେମକୁ ବଳିଦାନ ଦେଲା । ଏଥିପାଇଁ ତାକୁ ଅନେକ କଷ୍ଟ ସହିବାକୁ ପଡ଼ିଥିଲା ଏବଂ କଲ୍ୟାଣୀଙ୍କ ଘରର ମାନ-ସମ୍ମାନ ପାଇଁ ନଜେଦୋଷ ସ୍ୱୀକାର କଲା । ସେ ଜୀବନ ଯୁଦ୍ଧରେ ହାରିଯାଇ ନାହିଁ । ଆଧୁନିକ ଶିକ୍ଷିତ ବୋଲାଉଥିବା ମଣିଷମାନଙ୍କର ଅନ୍ତଃଦୃଷ୍ଟିକୁ ଜାଣିଛି । 'ଅନ୍ଧମୁହାଁଣୀ'ରେ ରାନୁ ବହୁ ଯନ୍ତ୍ରଣା ପାଇଛି । ସେ ଧୈର୍ଯ୍ୟବାନ, ସହନଶୀଳ ଓ ମମତାମୟୀ । ପ୍ରତିବାଦ କରିନାହିଁ କିନ୍ତୁ ସଂଘର୍ଷ କରିଛି । ତେଣୁ ଓଡ଼ିଆ ସାହିତ୍ୟର ଅନେକ ଚରିତ୍ର ମଧ୍ୟରୁ ରାନୁ ଚରିତ୍ର ଚିରଜୀବନ୍ତ । ସ୍ୱାଧୀନତାର ପଚିଶ ବର୍ଷ ପରେ ରାନୁ ଅଥବା ଅନ୍ଧମୁହାଁଣୀର ସୃଷ୍ଟି । ତେଣୁ ରାନୁ ସମାଜ ଆଗରେ ତା'ର ମୁଣ୍ଡ ନୁଆଇ ନାହିଁ । ତା'ର ଅଧିକାରକୁ ସାବ୍ୟସ୍ତ କରିଛି । ଲେଖକ ୧୯୭୧ ଓ ୧୯୭୫ ରେ ଜରୁରୀକାଳୀନ ପରିସ୍ଥିତି କଥା ରାନୁ ମୁହଁରୁ କହିବା ପାଇ ପ୍ରୟାସ କରିଛନ୍ତି ।

ସୁସମାହିତ କଥୋପକଥନ ଓ ନୂତନ ଶୈଳୀ ପରୀକ୍ଷାରେ ଅନ୍ଧମୁହାଁଣୀ ଉପନ୍ୟାସ ସଫଳ ଅର୍ଜନ କରିଛି । ସେଥିପାଇଁ ହିଁ ତାଙ୍କୁ ଶୈଳୀ ସମ୍ରାଟ କୁହନ୍ତି । ନାଟକୀୟତା ଭରି ରହିଛି । ପାରମ୍ପରିକତାକୁ ଦେବ୍ରାଜ ଲେଙ୍କା ଗ୍ରହଣ କରିନାହାନ୍ତି । ସ୍ନେହ, ଆଦର ଓ ଭଲ ପାଇବା ଦେଉଥିବା ବାପା-ମନ ଅଶୃଳ ହୋଇଉଠିଛି । ପ୍ରାଣାତୁର ଆବେଗଭରା କ୍ରନ୍ଦନରେ ବିପ୍ରଚରଣ ଚିତ୍କାର କରି ଉଠୁଛନ୍ତି । ସେ ରାନୁକୁ ନ ଦେଖି ପାଗଳ ହୋଇଯାଇଛନ୍ତି । ବାପା ଝିଅ ପାଇଁ ଏତେ କୋହଭରା କରୁଣ ଆବେଦନ କଲ୍ୟାଣୀ କେବେ ବୁଝିପାରିନାହିଁ । ଏପରି ଏକ ମୁହୂର୍ତ୍ତକୁ ଔପନ୍ୟାସିକଙ୍କ ପରିବେଷଣର ଚମତ୍କାରିତା ଓ ଉପସ୍ଥାପନାର ନାଟକୀୟତା ପାଠକ ହୃଦୟରେ କୋହଜାତ କରିଛି – "ଫୁରୁ ଫୁରୁ କେଶ ମୁକୁଳା ପରି କାନ୍ଦିକାନ୍ଦି କହୁଛି- ବାପା ମୁଁ ଏଇଠି ଅଛି; ବାପା ମୁଁ ଏଇଠି ଅଛି । ମୁଁ ତୁମର ରାନୁ ଏଇଠି ଅଛି । ବିପ୍ରଚରଣ ତାଙ୍କର ମନଶ୍ଚକ୍ଷୁରେ ଦେଖିପାରିଲେ- ଯେଉଁ ପିଜୁଳି ଗଛ ତାଙ୍କ ଅନ୍ତର ଭିତରେ ଫୁଲ ଫଳରେ ବିକଶି ଉଠିଛି- ସେ ଗଛ ହଠାତ୍ ରାନୁରେ ପରିବର୍ତ୍ତିତ ହୋଇଯାଇଛି । ସେ ଗଛ ନୁହେଁ-ରାନୁ । କେବଳ ରାନୁ । କେବଳ ରାନୁ । ଶାପଗ୍ରସ୍ତା ଅହଲ୍ୟା ପରି ସେ ଝରଝର କାନ୍ଦୁଛି- ଆଉ କାନ୍ଦୁଛି । ବିପ୍ରଚରଣ ନିଜର ଛାତିକୁ ଅସମ୍ଭବ ଭାବେ କୁଣ୍ଢାଇ ଧରିଲେ । ସେ ଯେପରି ରାନୁକୁ ଧରିଛନ୍ତି । ତୋଫାନରେ ଉପୁଡ଼ି ପଡ଼ିଥିବା, ଭାଙ୍ଗିରୁଜି ଛିନ୍‌ଛତର ହୋଇଯାଇଥିବା ପିଜୁଳି ଗଛର ମୂଳରେ ଲାଗିଥିବା ମାଟିକୁ ଦି ହାତରେ ଆଞ୍ଜୁଳା କରି ବିପ୍ରଚରଣ ଭରା ଲୁହରେ କହି ଉଠିଲେ ତତେ, ସେମାନେ ଜୁଆଡ଼େ ତଡ଼ି ଦିଅନ୍ତୁ ପଛେ ମା', ତୁ କିଛି ମା' ମୋ ଅନ୍ତରରୁ ତତେ ତଡ଼ି ଦେଇପାରିବିନି ମା' । ଏତେ ଭିତରୁ ତତେ ତଡ଼ି ଦେଇପାରିବିନି ମା' । ଏତେ ଭିତରୁ ତତେ ମୁଁ କେମିତି ବାହାର କରିବି ? ତୁ ଯେ ମା' ଅମୀୟା ଶାଶ୍ୱତୀ-ଆକାଶର ଭାସ୍ୱର ଚିର ଅରୁନ୍ଧତୀ ।"(ଅନ୍ଧମୁହାଁଣୀ, ପୃ.୧୯୪)

ଦେବ୍ରାଜ ଲେଙ୍କାଙ୍କ ଅନ୍ଧମୁହାଁଣୀ ଚିରନ୍ତନ ଓ ଶାଶ୍ୱତ ସୃଷ୍ଟି । ଚରିତ୍ରଚିତ୍ରଣରେ ଯେପରି ଚମତ୍କାରିତା ରହିଛି, ସେହିପରି ଶୈଳୀ ପ୍ରୟୋଗରେ ଉପନ୍ୟାସର କଳେବର ବିମଣ୍ଡିତ । ଉପନ୍ୟାସ ଭାବପ୍ରକାଶ ପାଇଁ ହିଁ ଦୀର୍ଘାୟୁ ହୋଇରହିବ । ନିଜ ଦେଶର ସଂସ୍କୃତି ଓ ସମାଜ ବିରୋଧରେ ଔପନ୍ୟାସିକ ସ୍ୱର ଉତ୍ତୋଳନ କରିଛନ୍ତି । ପ୍ରଥା ଓ ପରମ୍ପରା ଆମ ସମାଜର ମୂଳପିଣ୍ଡ ହେଲେ ହେଁ ଅନ୍ଧରୂପେ ତାହାକୁ ମାନିନେବା ବୁଦ୍ଧିମାନ ବ୍ୟକ୍ତିର ପରିଚୟ ନୁହେଁ । ଅନେକ ଅନ୍ଧବିଶ୍ୱାସ ଓ କୁସଂସ୍କାର ଭାରତୀୟ ବିଭିନ୍ନ ସମାଜ ଓ ଗୋଷ୍ଠୀ ମଧ୍ୟରେ ରହିଛି । ଏହିସବୁ ପଛରେ ଥିବା ବାସ୍ତବତା ଜାଣିବା ମଣିଷର କର୍ତ୍ତବ୍ୟ । ରାନୁ ଯେମିତି ତା'ର କର୍ତ୍ତବ୍ୟ କରିଛି । ବାସ୍ତବ ଘଟଣାକୁ ଅନ୍ୟ ଆଗରେ କହିଛି କିନ୍ତୁ ତା' ପଛରେ ଥିବା ସଂପୃକ୍ତ ବିଷୟ ପ୍ରତି କାହାର ନିଘା ନାହିଁ । ଅନେକ ଲୋକ ରାନୁ ଭଳି ଜୀବନ କଟାଉଛନ୍ତି । ଏହି ଚିରାଚରିତ ଅନ୍ୟାୟ କେଉଁ କାଳରୁ ଘଟିଆସୁଛି । ଔପନ୍ୟାସିକ ଲେଙ୍କା ଏମିତି ଅନେକ ବିଷୟକୁ ବିପୁଳ ଜୀବନାଭୂତି ଉପଲବ୍ଧି କରି ଲେଖନ୍ତି । ଅବହେଳିତ ସବୁ ଦିନ ପାଇଁ ଅବହେଳି ହୋଇ ରହିଯାଏ । ତା' ପ୍ରତି ଉଚ୍ଚଶ୍ରେଣୀ ବୋଲାଉଥିବା ଲୋକ କୁମ୍ଭୀର କାନ୍ଦଣା କରେ । ଏଠାରେ କାହାଣୀ ଅପେକ୍ଷା ଚରିତ୍ରର ଅନୁଭୂତି ବେଶ୍ ଚିତ୍ତାକର୍ଷକ ସୃଷ୍ଟି । ଉପନ୍ୟାସରେ ଆଙ୍ଗିକ ଶୈଳୀଠାରୁ ଆତ୍ମିକ ଶୈଳୀ ପାଠକର ମନକୁ ସ୍ପର୍ଶ କରିପାରିଛି । ଆଦର୍ଶ ଓ ଜୀବନର ବାସ୍ତବତା ଉପନ୍ୟାସକୁ ଅଧିକ ଯୁକ୍ତିସଂଗତ କରିଛି । କଥାକାର ତତ୍କାଳୀନ ପାପ-ପୁଣ୍ୟର ମୂଲ୍ୟବୋଧ ଉପରେ ବିଶ୍ୱାସ ନ କରି ମାନବିକତାର ନିକିତିରେ ତଉଲିଛନ୍ତି । ସେଥିପାଇଁ ଲେଖକଙ୍କ ଲେଖାରେ ନାଟକୀୟ ସଂଳାପ ଫୁଟିଉଠେ -"ଦାରିଦ୍ର ତୁମର ଏକ ନିର୍ମମ ପ୍ରତିବନ୍ଧକ ହୋଇ ଠିଆ ହେଇଛି ସୁବୋଧ, ଏଇ ଦାରିଦ୍ର୍ୟ ଭୂତକୁ ଦେଖି ତୁମେ କ'ଣ ନିରାଶ ହେଇପଡୁଛ ସୁବୋଧ ? କିନ୍ତୁ ଏ ଦାରିଦ୍ର୍ୟରେ ହିଁ ଅଛି କଠୋର ଅଗ୍ନି ପରୀକ୍ଷା । ଆଉ ଏଇ ପରୀକ୍ଷାରେ ଯଦି ତୁମେ କୃତକାର୍ଯ୍ୟ ହୁଅ, ତାହାହେଲେ ତୁମେ ତ ମଣିଷ ହେବ ସୁବୋଧ ।"(ଅନ୍ଧମୁହାଁଣୀ, ପୃ.୮୩)

ଚରିତ୍ରଗୁଡ଼ିକର ପରିକଳ୍ପନା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସହିତ ଜଡ଼ିତ । ପାଠକ ଅଧ୍ୟୟନ ସମୟରେ ବହିରୁ ବାହାରିଆସି କେତେବେଳେ ବାସ୍ତବ ଜୀବନର ରାନୁର ଦୁଃଖ ଦେଖି ଆଖିରୁ ଲୁହ ବୁହାଇଦିଏ । ଚେତନାପ୍ରବାହ ଶୈଳୀ ମଣିଷର ଅବଚେତନମନର ଲୁକ୍କାୟିତ ଭାବନାଗୁଡ଼ିକୁ ପ୍ରକାଶ କରିଥାଏ । ସବୁ ସମୟରେ କଳ୍ପନା ଓ ଇଚ୍ଛା ଭାଷାହୀନ । ଏହା କେବଳ ଦର୍ଶନଭିତ୍ତିକ । ମଣିଷ ମନର ଅବଦମିତ ଚେତନା ହିଁ ଏଥିରେ

ରୂପ ପାଇଛି । ମନୁଷ୍ୟର ଅବଚେତନମନର ଯୌନତା ଖୁବ୍ ବ୍ୟାପକ ଓ ଶକ୍ତିଶାଳୀ । ଏଥିପାଇଁ ଔପନ୍ୟାସିକ ମନସୁଖ ଚରିତ୍ରର ଅବତାରଣା କରିଛନ୍ତି । ଅନ୍ୟ କେତେବେଳେ ଏହି ଚରିତ୍ର ମନୁଷ୍ୟର ନିଃସଙ୍ଗତାବୋଧକୁ ବିଶ୍ଳେଷଣ କରିଥାଏ । ମାନ-ଅପମାନକୁ କଲ୍ୟାଣୀ ଜୋର ଧରି ରାନୁକୁ ଘରୁ ବାହାର କରିଦେଲା । ଏହି ଶିକ୍ଷିତ ସମାଜ ଯେତେ ଦିନ ପର୍ଯ୍ୟନ୍ତ ନିଜ ସଂସ୍କୃତି ଆପଣେଇନାହାନ୍ତି, ସେହି ଦିନ ପର୍ଯ୍ୟନ୍ତ ମନସୁଖ ଓ ସୁବୋଧ ପରି ଲୋକ ଶିକ୍ଷିତ ହେଉଥିବେ ।

ବସ୍ତୁବାଦ, ସ୍ୱାର୍ଥପରତା, ପ୍ରତାରଣା, ଶୂନ୍ୟତା ଓ ଯନ୍ତ୍ରଯନ୍ତ୍ରଣାର ସ୍ୱର ବାସ୍ତବ ରୂପ ପାଇଛି । ଏସବୁର ପ୍ରତିଛବି ଦେବ୍ରାଜ ଲେଙ୍କାଙ୍କର ଅନ୍ଧମୁହାଁଣୀ ଉପନ୍ୟାସରେ ରହିଛି । ବିଶେଷକରି ଆଧୁନିକ ସହର କୈନ୍ଦ୍ରିକ ଜୀବନଯାପନ, ଏକ ହଇଜା ମହାମାରିର ଦୃଶ୍ୟ, ହତାଶା ଓ ନୈରାଶ୍ୟବୋଧ, ଉପନ୍ୟାସର ପୃଷ୍ଠଭୂମି ଭାବେ ଚିତ୍ରିତ । ଔପନ୍ୟାସିକ କଳ୍ପନା ବଳରେ ଚରିତ୍ରର ମନ ଭିତରେ ପ୍ରବେଶ କରିବାର ସୁଯୋଗ ପାଠକଙ୍କୁ ଦେଇଛନ୍ତି । ରାନୁର ମନସ୍ତତ୍ତ୍ୱ ହୃଦୟର ପ୍ରଦେଶରେ ପାଠକର ଅଜଣାତରେ ଘର ତୋଳିଦିଏ । ସେଥିପାଇଁ ଦେବ୍ରାଜ ଲେଙ୍କାଙ୍କ ରାନୁ ଓଡ଼ିଆ ସାହିତ୍ୟରେ ଭିନ୍ନ ସୃଷ୍ଟି । କଥନଶୈଳୀ, ଶବ୍ଦ ଓ କଥା କଥାକେ ପ୍ରତୀକର ପ୍ରୟୋଗ କରାଯାଇଛି । ପରିବେଷଣରେ ନାଟକୀୟତାର ପ୍ରତିବିମ୍ବ ହୁଏ । ଅନେକ ସିନେମା ପ୍ରଯୋଜକ ବହୁ ଶ୍ରଦ୍ଧା ପୋଷଣ କରିଛନ୍ତି । ପରିଶେଷରେ ଏତିକି କୁହାଯାଇପାରେ ଉପନ୍ୟାସ ନୂତନ ଶୈଳୀ ପ୍ରୟୋଗ ପାଇଁ ଚିରଦିନ ଅମଳୀନ ହୋଇ ରହିବ । ଦେବ୍ରାଜ ଲେଙ୍କାଙ୍କ କଥା କହିଲେ ପ୍ରଥମେ ଅନ୍ଧମୁହାଁଣୀ ଉପନ୍ୟାସକୁ ହିଁ ବୁଝାଯିବ । ସର୍ବୋପରି ରାନୁର କରୁଣ କାହାଣୀ ହେଉଛି ଅନ୍ଧମୁହାଁଣୀ ଉପନ୍ୟାସ ।

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ
ଅମୃତ ବିହାର, ସମ୍ବଲପୁର – ୭୬୮୦୦୪

ISSN -2583-147X(P), **Vol.- 8, Issue No. IV, July 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସ୍ୱପ୍ନ ଗାନ୍ଧୀଜୀଙ୍କର : ଆମେ ତାଙ୍କର ସିପାହୀ

## ଅଶ୍ୱିନୀ କୁମାର ସେଠୀ

ଆଜି ମହାତ୍ମା ଗାନ୍ଧୀ ବଞ୍ଚିଥିଲେ, ତାଙ୍କୁ ୧୫୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥାନ୍ତା । ଆମେ ସବୁଜାଣୁ ଯେ, ଗାନ୍ଧୀଜୀ ୧୨୫ ବର୍ଷ ବଞ୍ଚିବାର ଇଚ୍ଛା ରଖିଥିଲେ । ତାଙ୍କ ଜୀବନ କାଳରେ ଏ ଦେଶ ଓ ସମାଜକୁ ସତ୍ୟ-ଅହିଂସା ମାର୍ଗରେ ତଥା ସମତା-ସର୍ବୋଦୟ ପନ୍ଥାରେ ଆଗେଇ ନେବା ପାଇଁ ସେ ଯୋଜନା ପ୍ରସ୍ତୁତ କରିଥିଲେ । ହେଲେ ଆମେ ତାଙ୍କୁ ୮୦ ବର୍ଷ ବି ଜିଇଁବାକୁ ଦେଲୁନାହିଁ । ଆମେ କେବେ ହିସାବ କରିଛୁ କି, ଆମ ଭିତରର ମଣିଷ ପଣିଆକୁ ଜଗାଇବା ପାଇଁ ଏହି ମଣିଷଟି ସମୁଦାୟ ୧୪୨ ଦିନ ଅନଶନ କରିଥିଲା, ଯଦ୍ୱାରା ବିଭିନ୍ନ ଧର୍ମ, ଭାଷାଭାଷୀ, ଜାତି ଓ ସମ୍ପ୍ରଦାୟର ଲୋକେ ଏକାଠି ହୋଇ ସୁଦୃଢ଼ ଭାରତବର୍ଷ ଗଢ଼ିପାରିବେ । ସେହିଭଳି ଆମର କେବେ ମନେପଡେ କି, ଯେ ବ୍ରିଟିଶ ହୁକୁମତକୁ ସଭ୍ୟତାର ପାଠ ପଢ଼ାଇବା ଉଦ୍ଦେଶ୍ୟରେ ତାଙ୍କରି ଜେଲରେ ସମୁଦାୟ ୨୩୨୯ ଦିନ ସେ କଟାଇଥିଲେ ବୋଲି । ତାଙ୍କ ଅହିଂସାର ଶକ୍ତି ଆମ ଭାରତୀୟମାନଙ୍କୁ ଏଭଳି ସାହସ ଯୋଗାଇ ଦେଇଥିଲା ଯେ, ଅଗଣିତ ଲୋକ ଜେଲ, ବନ୍ଧୁକ, ଲାଠି, ଫାଶୀକୁ ନ ଡରି ଇଂରେଜଙ୍କୁ ହଟାଇବା ଯାଏ ଲଢ଼େଇ ଜାରି ରଖିଥିଲେ । କ'ଣ ଆମେ କେବେ ଭାବିଛୁ କି, ଆମ ଭିତରକୁ ଏଭଳି ଜଣେ ମଣିଷ ଆସିଥିଲେ, ଯିଏ ଆମର ରାଜନୀତିର ଶୀର୍ଷରେ ଥିଲେ । ଯିଏ ଦିନ ରାତି ଆମ ପାଇଁ ସଂଘର୍ଷ କରିଥିଲେ ଅଥଚ ଆମ ଠାରୁ କେବେ କୌଣସି ପଦପଦବୀ, ଅଧିକାର ବା କ୍ଷମତା ଚାହିଁନଥିଲେ । ଅଳ୍ପ କପଡ଼ା, ଛୋଟ କୁଡ଼ିଆରେ ଜୀବନ ବିତେଇଥିବା ଏହି ମଣିଷ ଜଣକ କିନ୍ତୁ ବାସ୍ତବରେ ବହୁତ ବିଶାଳ ଥିଲେ । ସେ ଆମ ଭିତରେ ରହିଲେ ଏବଂ ଆମର ଭିତରେ ମରଣ ଲଭିଲେ । ହେଲେ କେବେ ଥକିପଡ଼ିନଥିଲେ କି ନଇଁ ପଡ଼ିନଥିଲେ କି ଅଟକି ଯାଇନଥିଲେ । ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ ତାଙ୍କର ବିଶାଳ ବ୍ୟକ୍ତିତ୍ୱକୁ ଦେଖି ସେଇଥିପାଇଁ କହିଥିଲେ, ନିଜ ଲୋକମାନଙ୍କର ସେ ଏଭଳି ଜଣେ ନେତା ଥିଲେ, ଯାହାଙ୍କୁ ବାହ୍ୟଶକ୍ତିର ସହାୟତା କେବେ ଆବଶ୍ୟକ ପଡ଼ିନଥିଲା । ଏଭଳି ଜଣେ ରାଜନୀତିଜ୍ଞ, ଯିଏ କୌଣସି ଚତୁରତା, ଷଡଯନ୍ତ୍ର କି ମେସିନର ଦାସତ୍ୱ ବରଣ କରିନଥିଲେ ବରଂ ତାଙ୍କର ସରଳ ଜୀବନର ପ୍ରଭାବ ସଭିଙ୍କୁ ମଥାନତ କରିଦେଉଥିଲା । ଏଭଳି ବିଜୟୀ ବୀର ଥିଲେ, ଯିଏ ସଦାସର୍ବଦା ବାହୁବଳର ବ୍ୟବହାରକୁ ଅସ୍ୱୀକାର କରୁଥିଲେ । ଜ୍ଞାନ ଓ ବିନୟରେ ଭରପୂର, ଦୃଢ଼ତା ଓ ଅତୁଟ ନିରନ୍ତରତାର ଶକ୍ତିରେ ସଜ୍ଜିତ ଏହି ମଣିଷ, ଯିଏ ନିଜର ସଂପୂର୍ଣ୍ଣ ଅସ୍ତିତ୍ୱ ତଥା ଶକ୍ତି ନିଜ ଲୋକମାନଙ୍କ ମୁକ୍ତି ତଥା ସେମାନଙ୍କର ଉନ୍ନତ ଭବିଷ୍ୟତ ପାଇଁ ସମର୍ପିତ କରି ଦେଇଥିଲେ । ଏଭଳି ଏକ ମଣିଷ ଯିଏ ୟୁରୋପର କ୍ରୁରତାର ମୁକାବିଲା ଏକ ସାମାନ୍ୟ ମଣିଷର ଗାରିମା ଦ୍ୱାରା କରିଥିଲେ ଏବଂ ତାଙ୍କ ଜୀବନ ସଦାସର୍ବଦା ଅନ୍ୟଠାରୁ ଭଲ ଓ ସମୃଦ୍ଧ ବୋଲି ପ୍ରମାଣିତ ହୋଇଥିଲା । ଆଗାମୀ ପିଢୀ ବହୁକଷ୍ଟରେ ବିଶ୍ୱାସ କରିବ ଯେ, ଏହିଭଳି ହାଡମାଂସର ଜଣେ ମଣିଷ ଏହି ପୃଥିବୀରେ ବିଚରଣ କରିଥିଲା ବୋଲି ।

ଅନ୍ୟ ଏକ ଦିଗରୁ ଯଦି ଆମେ ହିସାବ କରିବା, ତେବେ ଆମକୁ ଇତିହାସ ପ୍ରଶ୍ନ କରିଥାଏ ଯେ, ଯେଉଁମାନଙ୍କୁ ବୁଝାଇବା ତଥା ମଜଭୁତ କରି ଗଢ଼ିତୋଳିବାରେ ସେ ନିଜର ସମଗ୍ରଜୀବନ ବାଜି ଲଗାଇ ଦେଇଥିଲେ, ମହାତ୍ମା ଗାନ୍ଧୀଙ୍କ ହତ୍ୟାର ୭୫ ବର୍ଷ ପରେ ଆମେମାନେ କେମିତି ଅଛେ ? ଆମର ଦେଶ ବର୍ତ୍ତମାନ କେଉଁ ସ୍ଥିତିରେ ରହିଛି, ଯାହାପାଇଁ ବଳି ବେଦୀରେ ସେ ନିଜକୁ, ନିଜ ପରିବାରକୁ ତଥା ନିଜର ପ୍ରିୟ ସାଥୀ ସହଯୋଗୀଙ୍କୁ ଉତ୍ସର୍ଗ କରିଦେଇଥିଲେ । ଦେଶର ସେହି ଶେଷ ମଣିଷ ଜଣଙ୍କ କେମିତି ଅଛି, ଯାହାକୁ ସେ ଦେଶର ବିକାଶର ଏକମାତ୍ର ମାପଦଣ୍ଡ ହିସାବରେ ଗ୍ରହଣ କରିଥିଲେ ଏବଂ ସ୍ୱାଧୀନ ଭାରତର ପ୍ରଥମ ସରକାରକୁ କହିଥିଲେ ଯେ, ଆମକୁ ପ୍ରତିଟି ଆଖିରୁ ଲୁହ ପୋଛିବାକୁ ହେବ । କାରଣ ଏହା ବିନା ସ୍ୱାଧୀନତାର କୌଣସି ମୂଲ୍ୟ ନାହିଁ । ଆଜି ଆମେ ୭୫ ବର୍ଷ ଭିତରେ ଆମ

ପ୍ରିୟ ମାତୃଭୂମିକୁ ହିଂସା, ଅଜ୍ଞାନ ଓ କୁଶିକ୍ଷାର ଜାଲରେ ବାନ୍ଧି ରଖିଛୁ । ଏହାକୁ ଏଭଳି ଏକ ସାମାଜରେ ପରିଣତ କରିଦେଇଛୁ, ଯେଉଁଠି କ୍ଷମତାର ଲୋଭୀଦଳମାନଙ୍କ ଜାଲରେ ଦେଶ ଓ ତାହାର ନାଗରିକ ବାନ୍ଧିହୋଇ ରହିଛନ୍ତି । ବାପୁଙ୍କର ଏହି ଦେଶକୁ ଭ୍ରଷ୍ଟାଚାର ରୂପି କୀଟ ଏଭଳି ଚରିଗଲେଣି ଯେ, ତାହାର ନୈତିକ ଆଧାର ସୁଦ୍ଧା ଫମ୍ପା ହୋଇଗଲାଣି । ଯେଉଁଠି ଦଳିତ, ମହିଳା, ଅଳ୍ପ ସଂଖ୍ୟକ ତଥା ଭିନ୍ନ ମତବାଦୀ କେହି ବି ସୁରକ୍ଷିତ ନୁହଁନ୍ତି । ଯେଉଁଠି ଲକ୍ଷ୍ୟ ଲକ୍ଷ୍ୟ ଚାଷୀ ସାମାନ୍ୟ ଋଣ ତଳେ ଦବିକରି ଆତ୍ମହତ୍ୟାକୁ ଆପଣେଇ ନେଉଛନ୍ତି ତଥା ଅର୍ବୁଦ ଅର୍ବୁଦର ଋଣ ଗିଳି ପକାଇଥିବା ସାହୁକାରମାନେ ସୁରକ୍ଷିତ ରହିଛନ୍ତି । ଗାନ୍ଧୀଜୀଙ୍କର ଏହି ଭୂମିରେ ଏସବୁ ଅନ୍ୟାୟ କରିବା, ସହିବା ତଥା ବରଦାସ୍ତ କରିବାକୁ ଆମ ବିବେକ ଅନୁମୋଦନ କରୁଛି ତ ! ହେଲେ ଏସବୁ ଆଜି କାହିଁକି ? ଏଇଥିପାଇଁ ଯେ ପ୍ରତିବର୍ଷ ଅକ୍ଟୋବର ଦୁଇ ତାରିଖରେ ଆମେ ସଦାସର୍ବଦା ମହାତ୍ମା ଗାନ୍ଧୀଙ୍କର ଜନ୍ମଦିନ ପାଳନ କରିଥାଉ । ମିଳିତ ଜାତିସଂଘରେ ସାମିଲ ୧୯୩ ସଦସ୍ୟ ରାଷ୍ଟ୍ର ତାଙ୍କ ଜନ୍ମ ଦିନକୁ ଅହିଂସା ଦିବସ ରୂପେ ପାଳନ କରିଥାନ୍ତି । ଦୁନିଆର ଯେଉଁ କୋଣରେ ବି ଯୁଦ୍ଧ ଲାଗିଥାଏ, ତାଙ୍କ ସମ୍ମାନରେ ଏହିଦିନ ଯୁଦ୍ଧ ରୋକି ଦିଆଯାଏ ।

ଯେପରି ଆମ ଅଞ୍ଚଳର ବିଭିନ୍ନ ଜାତି, ଧର୍ମର ବ୍ୟକ୍ତି, ଯୁବକ ଏବଂ ମହିଳାଙ୍କର ଭାଗିଦାରୀ ନିଶ୍ଚିତ ହୋଇ ଗାନ୍ଧୀ ସମିତି ପାଇଁ କୌଣସି ପାର୍ଟି ବା ଧର୍ମ-ଜାତିର ହେବନାହିଁ । ଏହି ସମିତି କେବଳ ଗାନ୍ଧୀଜୀଙ୍କର, ଗାନ୍ଧୀଜୀଙ୍କ କାମ ପାଇଁ ତିଆରି ହେବ । ସମିତି ତରଫରୁ ଏକ କାର୍ଯ୍ୟକାରୀ ସମିତି ଗଠନ କରିବାକୁ ହେବ । ଯେଉଁଥିରେ ୭-୧୦ ଜଣ ବିଶିଷ୍ଟ ସଦସ୍ୟ ରହିବେ, ଯେଉଁମାନେ ଜାତି, ଧର୍ମ, ପ୍ରାନ୍ତ, ଭାଷା ଆଦିକୁ ମାନୁଥିବେ ।

ଏହି ସମିତିର କାର୍ଯ୍ୟକ୍ରମଗୁଡ଼ିକ ନିମ୍ନରେ ଲେଖାଗଲା -

- ଯୁବକ, ସାଧାରଣ ନାଗରିକ ଓ ମହିଳାମାନଙ୍କର ବିଶେଷ ଶିବିର/ସମ୍ମିଳନୀ ଆୟୋଜନ କରିବା ।

- ଆମ ଅଞ୍ଚଳରେ କୌଣସି ପ୍ରକାରର ଅଶାନ୍ତି, ସାଂପ୍ରଦାୟିକତା ହିଂସା, ବିବାଦ ଯେପରି ନହୁଏ, ସେଥି ପ୍ରତି ସଜାଗ ରହିବା ।

- ଗାନ୍ଧୀ ସାହିତ୍ୟ ପ୍ରଦର୍ଶନୀ ଓ ବିକ୍ରୟ ।

- ଗାନ୍ଧୀ-ଚିତ୍ର ପ୍ରଦର୍ଶନୀ, ସିନେମା ନାଟକ ପ୍ରଭୃତିର ଆୟୋଜନ ।

- କୃଷକ-ମଜଭୁତ ସମ୍ମିଳନୀ, ଜୈବିକ ଚାଷ ସମ୍ପର୍କରେ ଶିବିର-ସମ୍ମିଳନୀ, ପ୍ରାକୃତିକ ଚିକିତ୍ସା ଶିବିର ।

- ଆମର ଯେଉଁଠାରେ ଗାନ୍ଧୀ ଭବନ, ଗାନ୍ଧୀ ସଂଗ୍ରହାଳୟ, କସ୍ତୁରବା ଟ୍ରଷ୍ଟ କେନ୍ଦ୍ର ରହିଛି, ସେହି ସବୁ କେନ୍ଦ୍ରରେ ଯୋଜନା ପୂର୍ବକ ସ୍କୁଲ-କଲେଜ ଛାତ୍ରଛାତ୍ରୀଙ୍କର ଗୋଷ୍ଠୀକୁ ଡାକି ଚର୍ଚ୍ଚାଲୋଚନା କରିବା, ସେମାନଙ୍କର ପ୍ରଶ୍ନର ଉତ୍ତର ଦେବା, ସେମାନଙ୍କୁ ଗାନ୍ଧୀ ଫଟୋ ପ୍ରଦର୍ଶନୀ ଦେଖାଇବା, ଗାନ୍ଧୀ ସାହିତ୍ୟ ଦେବା, ଆମ ପତ୍ର ପତ୍ରିକାର ଗ୍ରାହକ କରିବା, ସେମାନଙ୍କୁ ଆମ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆମନ୍ତ୍ରଣ କରିବା ।

ଗାନ୍ଧୀ କୌଣସି ଦଳ, ସରକାର, ସଂଗଠନ ବା ସଂସ୍ଥାର ନଥିଲେ । ସେ ଥିଲେ ସାଧାରଣ ଲୋକଙ୍କର ଏବଂ ସାଧାରଣ ଲୋକ ବି ତାଙ୍କର ଥିଲେ । ତାଙ୍କ ଜୀବନରେ କୌଣସି ଜାତି, ଧର୍ମ, ରଙ୍ଗ, ଭାଷା, ଲିଙ୍ଗ, ରାଜ୍ୟ, ଦେଶ ଅଥବା କାମର ଭେଦ ନଥିଲା । ସେ ମଣିଷ ସମାଜକୁ ଏକତା ସୂତ୍ରରେ ବାନ୍ଧିବା ତଥା ସେମାନଙ୍କ ଏକତାକୁ ଦୃଢ଼ କରିବା କାମରେ ଜୀବନବ୍ୟାପୀ ବ୍ରତୀ ଥିଲେ ତଥା ଏହି କାମ କରୁ କରୁ ଜୀବନ ତ୍ୟାଗ କରିଥିଲେ ।

ଆମେମାନେ ଯେଉଁମାନେ ଗାନ୍ଧୀ ଓ ତାଙ୍କର ବିଚାରକୁ ମାନନ୍ତି କେଉଁଠି ନା କେଉଁଠି ଆମେମାନେ ଅଟକି ଯାଇଛେ, ଆଉ ଅନ୍ୟ ପଟରେ ଗାନ୍ଧୀ ବିପରୀତରେ ଗତି କରୁଥିବା ଶକ୍ତି ଆମଠାରୁ ଅନେକ ଆଗକୁ ଆଗେଇ ଯାଇଛି । ଆମର ପାଦ ଅଟକି ଯାଇଛି, ସ୍ୱପ୍ନ ଭାଙ୍ଗି ଯାଇଛି ଏବଂ ଭାରତ ଅନ୍ଧକାର ଭିତରେ ବାଟବଣା ହେବାରେ ଲାଗିଛି ।

ସେହି ଅଧୁରା ରାସ୍ତାକୁ ପୁଣିଥରେ ବୁଝିବାକୁ ହେବ ତଥା ସଠିକ୍ ମାର୍ଗରେ ତୀବ୍ରଗତି ସହ ଆଗେଇବାକୁ ହେବ । ଯେଉଁ ସ୍ୱପ୍ନ ଅଧୁରା ରହିଛି ତାହାକୁ ପୁଣିଥରେ ସମ୍ମୁଖରେ ରଖିବାକୁ ହେବ ଏବଂ ଦେଶରେ ଏତେ ଉତ୍ସାହ ଭରିଦେବାକୁ ହେବ ଯେ ଯେପରି ଏକାଠି ହୋଇ ସେହି ସ୍ୱପ୍ନକୁ ସାକାର କରିବେ । ଏହା ହିଁ ମହାତ୍ମା ଗାନ୍ଧୀଙ୍କର ସ୍ୱପ୍ନ ଥିଲା ।

ଚାଉଳିଆଗଞ୍ଜ, କଟକ-୪
ଦୂରଭାଷ : ୯୯୩୭୫୪୪୯୬୬

ISSN -2583-147X(P), **Vol.- 8, Issue No. IV, July 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସତ୍ୟ, ଅହିଂସା ଓ ସହିଷ୍ଣୁତା ମନ୍ତ୍ରରେ ଅଭିସିକ୍ତ ଗାନ୍ଧୀ

**ମୀରା ବେଉରା**

ଥରେ ଆଲବର୍ଟ ଆଇନ୍‌ଷ୍ଟାଇନ୍ କହିଥିଲେ- "ଭବିଷ୍ୟତର ବଂଶଧରମାନେ କ୍ୱଚିତ୍ ବିଶ୍ୱାସ କରିବେ ଯେ, ରକ୍ତମାଂସଧାରୀ ଏଭଳି ଜଣେ ମାନବ ଏକଦା ଏ ଧରାପୃଷ୍ଠରେ ବିଚରଣ କରିଥିଲେ ।"

ସତରେ ଉନବିଂଶ ଶତାବ୍ଦୀରେ ଜନ୍ମଲାଭ କରି ଯେଉଁ ଯୋଗଜନ୍ମା ମହାପୁରୁଷମାନେ ନିଜ ଦେଶ ପାଇଁ, ଜାତି ପାଇଁ, ରାଷ୍ଟ୍ର ପାଇଁ ଗୌରବ ଆଣି ସମଗ୍ର ବିଶ୍ୱର ରାଜନୀତିକୁ ପ୍ରଭାବିତ କରି ନିଜ ଜୀବନ ଦର୍ଶନ ଦ୍ୱାରା ଗଭୀରଭାବେ ସମଗ୍ର ବିଶ୍ୱକୁ ଆଲୋଡନ କରି ଏକ ବିସ୍ମୟ ସୃଷ୍ଟି କରିଥିଲେ ଏବଂ ଗୋଟିଏ ନୂତନ ସ୍ୱାଧୀନ ଭାରତ ସୃଷ୍ଟି କରିବାକୁ ସଂକଳ୍ପବଦ୍ଧ ଥିଲେ ସେମାନଙ୍କ ମଧ୍ୟରେ ନୀତିନିଷ୍ଠ ଯୁଗସ୍ରଷ୍ଟା, ଦେଶପ୍ରେମୀ, ତ୍ୟାଗୀ, ସତ୍ୟ, ଅହିଂସାର ପୂଜାରୀ, ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧୀ । ୧୮୬୯ ମସିହା ଅକ୍ଟୋବର ମାସ ୨ ତାରିଖରେ ଗୁଜୁରାଟର କାଠିଆୱାଡ଼ ଜିଲ୍ଲାର ପୋରବନ୍ଦରଠାରେ ପିତା କରମଚାନ୍ଦ ଗାନ୍ଧୀ ଓ ମାତା ପୁତୁଳିବାଇଙ୍କଠାରୁ ଜନ୍ମଲାଭ କରିଥିଲେ । ବାରମ୍ବାର ଜୀବନ ଯୁଦ୍ଧରେ ପରୀକ୍ଷା ଦେଇ ମଧ୍ୟ ଝୁଣ୍ଟି ନଥିବା ମଣିଷ ଥିଲେ ଗାନ୍ଧୀ । ନିଜର ବିଚାରଧାରା, ସତ୍ୟ, ଅହିଂସା ନୀତି, ତ୍ୟାଗ, ଦେଶପ୍ରେମ ଦ୍ୱାରା ଆଜି ତାଙ୍କର ୧୫୦ତମ ଜୟନ୍ତୀ ଉତ୍ସବରେ ପ୍ରତିଟି ହୃଦୟରେ ସ୍ମରଣୀୟ ପ୍ରତିଭା ଏବଂ ବିରଳ ବ୍ୟକ୍ତିତ୍ୱ ହୋଇ ରହିଛନ୍ତି ।

ଗାନ୍ଧୀ ଯେତେବେଳେ ଭାରତୀୟ ବ୍ୟବସାୟୀଙ୍କୁ ଆଇନଗତ ସହାୟତା ଦେବା ପାଇଁ ଦକ୍ଷିଣ ଆଫ୍ରିକା ଯାତ୍ରା କରିଥିଲେ ଏବଂ ପ୍ରଥମ ଶ୍ରେଣୀ ରେଳଯାତ୍ରା କରିଥିଲାବେଳେ, ବର୍ଣ୍ଣବୈଷମ୍ୟବାଦ, ଗୋରାକଳା ଭେଦଭାବର ଶିକାର ହୋଇଥିଲେ, ଯାହା ଅତ୍ୟନ୍ତ ଦୁଃଖର କଥା । ତାଙ୍କର ଯାତାୟାତର ପ୍ରମାଣପତ୍ର ଥିବା ସତ୍ତ୍ୱେ ତାଙ୍କୁ ପିଟର୍ସବର୍ଗ ରେଳଷ୍ଟେସନ୍‌ରେ ଧକ୍କା ମାରି ତଳକୁ ଓହ୍ଲାଇ ଦିଆଯାଇଥିଲା । ଯାହାଥିଲା ଅତ୍ୟନ୍ତ ଅପମାନ ଓ ଲଜ୍ଜାର କଥା । ବିନା ଆଲୁଅରେ ବିନା ପାଣିରେ ବିନା ବସ୍ତ୍ରରେ ଶୀତ କାକର ରାତିରେ ନିର୍ଜନରେ ସେଇଠି ତାଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା । ସେଇଠି ସେହି ମୁହୂର୍ତ୍ତରେ ଗାନ୍ଧୀ ଗୋଟିଏ ବଜ୍ର ଶପଥ ନେଇଥିଲେ । ଆଖିରେ ଥିଲା ଅଗ୍ନିର ଜ୍ୱାଳାମୁଖୀ ନିଷ୍ପ୍ରଭ ହେଉନଥିବା ଅଭିମାନଭରା ଶପଥ, ଯାହା ସେ ଦିନ ଗାନ୍ଧୀଙ୍କୁ ଭବିଷ୍ୟତରେ ମହାତ୍ମାଗାନ୍ଧୀ ରୂପେ ସମଗ୍ର ବିଶ୍ୱରେ ପରିଚୟ ଦେଇଥିଲା । ଯେଉଁ ଅମରଆତ୍ମା ଗାନ୍ଧୀ ସତ୍ୟ, ଅହିଂସା ଓ ସହିଷ୍ଣୁତାକୁ ପାଥେୟ କରି ନିଜର ସମଗ୍ର ଜୀବନକୁ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ପାଇଁ ବଳି ଚଢ଼ାଇ ଦେଇଥିଲେ ସେ ଥିଲେ ମହାତ୍ମାଗାନ୍ଧୀ । ଜୀବନର ପ୍ରତି ମୁହୂର୍ତ୍ତରେ ଭେଟିଥିଲେ ପ୍ରତିକୂଳ ପରିସ୍ଥିତିକୁ । ତଥାପି ନିଜର ଅଦମ୍ୟ ଉତ୍ସାହ ଦ୍ୱାରା କେବେବି ହାରି ନ ଯାଉଥିଲେ । ଜୀବନ ସଂଘର୍ଷରେ ଏକ ବୀର ଯୋଦ୍ଧାପରି ସ୍ୱାଧୀନତା ସଂଗ୍ରାମରେ ଦୃଢ଼ତାର ସହ ସାମ୍ନା କରିଥିଲେ ବାରମ୍ବାର । ଅନେକ ବାର ଇଂରେଜ ସରକାରଙ୍କ ବିରୋଧର ଶୀକାର ହୋଇ ବାରମ୍ବାର କାରାବରଣ କରିଥିଲେ, ଅନଶନ ମଧ୍ୟ କରିଥିଲେ କିନ୍ତୁ ଆଦୌ ଥକି ପଡ଼ିନଥିଲେ । ମନରେ କଦାପି କ୍ଲେଶ ନ ଥିଲା । ସତ୍ୟ, ଅହିଂସା, ସତ୍ୟାଗ୍ରହକୁ ଆଦରି ନେଇ ଭାରତକୁ ସ୍ୱାଧୀନତାର ସ୍ୱାଦ ଚଖାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଜାତିର ଇତିହାସରେ ଗୌରବମୟ ପୃଷ୍ଠା ମଣ୍ଡନ କରିଥିଲେ ।

ସତ୍ୟ, ଅହିଂସା ଓ ସତ୍ୟାଗ୍ରହକୁ ଆଦରି ନେଇ ଭାରତକୁ ସ୍ୱାଧୀନତାର ସ୍ୱାଦ ଚଖାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଆଜି ମଧ୍ୟ ସମଗ୍ର ବିଶ୍ୱରେ ଭାରତବର୍ଷ ଏଭଳି ଏକମାତ୍ର ରାଷ୍ଟ୍ର ଯିଏ ସତ୍ୟକୁ ଏବଂ ଅହିଂସାକୁ ଅସ୍ତ୍ର କରି ସ୍ୱାଧୀନତା ଲାଭ କରିଥିଲା ପିଲାଦିନେ ମା'ଙ୍କର ସତ୍‌ଚରିତ୍ର ମା'ଙ୍କଠାରୁ ବୀର ପୁତ୍ରଙ୍କ କାହାଣୀ, ରାମାୟଣ, ମହାଭାରତ, ନାଟକ ହରିଶ୍ଚନ୍ଦ୍ର ଦ୍ୱାରା ସେ ପ୍ରଭାବିତ ହୋଇଥିଲେ । ବିଭିନ୍ନ ବ୍ୟକ୍ତିତ୍ୱଙ୍କ ଜୀବନ କାହାଣୀ ଗାନ୍ଧୀଙ୍କୁ ପ୍ରେରଣା ଦେଇ ମୋହନରୁ ମହାତ୍ମାରେ ପରିଣତ କରିବା ପାଇଁ ଯଥେଷ୍ଟ

ଉପାଦେୟ ଥିଲା । ଯୀଶୁଖ୍ରୀଷ୍ଟ, ଥୋରିୟୁ ରସକିନ୍ ବଣ୍ଡ, ଲିଓ ଟଲଷ୍ଟୟ, ଗୋପାଳକୃଷ୍ଣ ଗୋଖେଲ ଥିଲେ ତାଙ୍କର ଆଦର୍ଶ ବ୍ୟକ୍ତିତ୍ୱ । ଗାନ୍ଧୀଙ୍କୁ ତାଙ୍କ ଦର୍ଶନକୁ ସାର୍ବଜନୀନ ସମ୍ମାନ ପ୍ରଦର୍ଶନ କରି ୨୦୦୭ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦରେ ଏକ ପ୍ରସ୍ତାବ କରି ଗାନ୍ଧୀଙ୍କ ଜନ୍ମ ଦିବସକୁ ଅକ୍ଟୋବର ୨ ତାରିଖକୁ ଆନ୍ତର୍ଜାତୀୟ ଅହିଂସା ଦିବସ ରୂପେ ପାଳନ କରାଯାଉଅଛି । ଗାନ୍ଧୀଙ୍କ ଦ୍ୱାରା କେବଳ ଭାରତୀୟମାନେ ପ୍ରଭାବିତ ହୋଇନାହାଁନ୍ତି, ବିଶ୍ୱର ତୁଙ୍ଗନେତାମାନେ ଯେମିତିକି ଯୁକ୍ତରାଷ୍ଟ୍ର ଆମେରିକାର ମାନବିକ ଅଧିକାରର ପ୍ରବକ୍ତା ମାର୍ଟିନ ଲୁଥରକିଙ୍ଗ୍, ବାରବ ହୁସେନ୍, ଓବାମା, ଦକ୍ଷିଣ ଆଫ୍ରିକାର ତୁଙ୍ଗନେତା ପ୍ରଥମ ରାଷ୍ଟ୍ରପତି ନେଲସନ୍ ମାଣ୍ଡେଲା ମଧ୍ୟ ତାଙ୍କ ବ୍ୟକ୍ତିତ୍ୱରେ ଗଭୀରଭାବେ ପ୍ରଭାବିତ ହୋଇଥିଲେ । ଭାରତ ସ୍ୱାଧୀନତା ସଂଗ୍ରାମର ଆଦ୍ୟ ଆନ୍ଦୋଳନ, ଅସହଯୋଗ, ଆଇନ ଅମାନ୍ୟ, ଭାରତଛାଡ଼ ଏହି ତିନୋଟି ଆନ୍ଦୋଳନର ନେତୃତ୍ୱ ନେଇ ସଫଳ ହୋଇଥିଲେ ଗାନ୍ଧୀ । ଏହାପରେ ସାବରମତୀ ଆଶ୍ରମ ସ୍ଥାପନ କରି ସମସ୍ତଙ୍କୁ ଏକତା ସୂତ୍ରରେ ନୀତିନିୟମ, ଆଇନକୁ ଶିକ୍ଷା ଦେବା ପାଇଁ ଚେଷ୍ଟିତ ଥିଲେ ଗାନ୍ଧୀ । ପ୍ରକୃତରେ ମହାତ୍ମା ଗାନ୍ଧୀଙ୍କ ୧୯୧୫ ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ଗାନ୍ଧିଜୀଙ୍କ ସମଗ୍ର ଜୀବନ ଥିଲା ପ୍ରତ୍ୟେକ ଭାରତୀୟମାନଙ୍କ ପାଇଁ ଉତ୍ସର୍ଗୀକୃତ ଜୀବନ । ଜୀବନର ସଂଘର୍ଷ, ତ୍ୟାଗ, କାରାବରଣ, ଅସୀମ ତ୍ୟାଗ ନେତୃତ୍ୱ ବଳରେ ଭାରତ ସ୍ୱାଧୀନ ଲାଭ କରିବାକୁ ସକ୍ଷମ ହୋଇଥିଲେ । ସେ ଦିନ ଈଶ୍ୱରଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ, ସତ୍ୟ, ଅହିଂସା, ସତ୍ୟାଗ୍ରହ, ସହିଷ୍ଣୁତା, ପ୍ରେମ, ସଦାଚାର, ବ୍ରହ୍ମଚର୍ଯ୍ୟା, ସ୍ୱଚ୍ଛତା, ଅପରିଗ୍ରହ, ଆତ୍ମିକ, ସମାଜ ଗଠନ, ମାନବ ସେବା ହିଁ ଈଶ୍ୱରଙ୍କ ସେବା ଥିଲା ତାଙ୍କ ଜୀବନଦର୍ଶନର ମାପକାଠି । କେବଳ ସେତିକି ନୁହେଁ । ସେ ବିଶ୍ୱାସ କରିଥିଲେ ଭାରତବର୍ଷର ପ୍ରକୃତ ଆତ୍ମା ରହିଛି ଗ୍ରାମରେ । ଯେ ପର୍ଯ୍ୟନ୍ତ ଗ୍ରାମ ବିକଶିତ ହୋଇନାହିଁ, ସେ ପର୍ଯ୍ୟନ୍ତ ପ୍ରକୃତ ବିକାଶ ଆସିପାରିବ ନାହିଁ । ସେଥିପାଇଁ ସେ କୁଟୀରଶିଳ୍ପର ବିକାଶ ପାଇଁ ସଦାଚେଷ୍ଟିତ ଥିଲେ । ଶିକ୍ଷାରେ ସଂସ୍କାର ପାଇଁ ସେ ମାତୃଭାଷା ମାଧ୍ୟମରେ, ଚରିତ୍ର ଗଠନ ପାଇଁ ଆତ୍ମସଂଯମ, ସ୍ୱାବଲମ୍ବନ ପାଇଁ ଶିକ୍ଷା, ଆଦର୍ଶ ନାଗରିକ ପାଇଁ ଶିକ୍ଷା, ନୈତିକ ଶିକ୍ଷା, ଆଧ୍ୟାତ୍ମିକ ଶିକ୍ଷାକୁ ମାଧ୍ୟମ ରୂପେ ଗ୍ରହଣ କରିଥିଲେ । ସେ ବୁଝିଥିଲେ ଯେ ଏହି ସବୁ ପରିବର୍ତ୍ତନ କେବଳ ଶିକ୍ଷା ମାଧ୍ୟମରେ ହିଁ ହୋଇପାରିବ । ସେ ଆଜି ନାହାଁନ୍ତି ସତ, ମାତ୍ର ଆଜି ତାଙ୍କର ଶିକ୍ଷାଦର୍ଶନ ଓ ଜୀବନଦର୍ଶନ କେବଳ ଭାରତବର୍ଷରେ ନୁହେଁ ସମଗ୍ର ବିଶ୍ୱରେ ଆଦୃତ ହୋଇଛି ।

ସେ ଯେଉଁ ଆଦର୍ଶ ରାଷ୍ଟ୍ରରେ ପରିକଳ୍ପନା କରିଥିଲେ ତାହା ଥିଲା ରାମରାଜ୍ୟ । ଯେଉଁ ରାଜ୍ୟରେ କି ଅସତ୍ୟ, ଅହିଂସାର ପ୍ରଶ୍ନ ନାହିଁ । ଏହିଭଳି ନୀତିଆଦର୍ଶରେ ବନ୍ଧା ଥିଲା ତାଙ୍କ ତ୍ୟାଗପୂତ୍ର ଜୀବନ । ସତ୍ୟ, ଅହିଂସା, ସହିଷ୍ଣୁତାକୁ ପାଥେୟ କରି ସେ ତାଙ୍କର ସମଗ୍ର ଜୀବନକୁ ମାନବଜାତିର କଲ୍ୟାଣ ପାଇଁ କରିଥିଲେ ଉତ୍ସର୍ଗ । ସେ ସତ୍ୟାଗ୍ରହ ହେଉ ବା ସ୍ୱଦେଶୀ ଆନ୍ଦୋଳନ ହେଉ ବା ଶାସନର ସଂସ୍କାର ହେଉ, ଆଧ୍ୟାତ୍ମିକ ସମାଜବାଦ ହେଉ ନିଜର ସକାରାତ୍ମକ ଗତିଶୀଳ ଗଠନମୂଳକ ଶକ୍ତିଦ୍ୱାରା ମନ୍ଦବୁଦ୍ଧିକୁ ପରାସ୍ତ କରି ଧ୍ୱଂସ କରି ଘୃଣାକୁ ପ୍ରେମରେ ପରିବର୍ତ୍ତନ କରିଥିଲେ ଗାନ୍ଧୀ । ଗାନ୍ଧୀଙ୍କର ଅହିଂସା ରୂପକ ଅତଃଶୁଦ୍ଧତା, ଅନଶନ, ନିର୍ଭିକତା, ଅନାଶକ୍ତି, ଅଧ୍ୟବସାୟ ଦ୍ୱାରା ହିଁ ଓ ମୋହନ ଦାସ କରମଚାନ୍ଦ ଗାନ୍ଧୀରୁ ସେ ମହାତ୍ମା ଗାନ୍ଧୀରେ ପରିଣତ ହୋଇଥିଲେ । ତାଙ୍କ ରାମରାଜ୍ୟର ସ୍ୱପ୍ନ ଏକ ଧାର୍ମିକ ବ୍ୟବସ୍ଥା ନ ଥିଲା । ବରଂ ଥିଲା ଏକ ପ୍ରତୀକଭାବେ ଯାହା ଗୋଟିଏ ସୁନ୍ଦର ସତ୍ୟର ପୃଷ୍ଠଭୂମି ଉପରେ ଥିଲା ଦଣ୍ଡାୟମାନ । ଉଦାରୀକରଣ, ଜଗତୀକରଣ, ସଂସ୍କୃତିକରଣ, ସହରୀକରଣ ଆହ୍ୱାନରେ ଆଜି ମଧ୍ୟ ଗାନ୍ଧୀବାଦର ପ୍ରସଙ୍ଗକୁ ଆମେ ଆପଣେଇବାକୁ ପ୍ରତୀକ୍ଷା ରଖିଛୁ ।


ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି,

ତୁଳସୀପୁର, କଟକ

ଦୂରଭାଷ : ୯୮୫୩୩୫୦୩୮୪

email.id- meerabeura74@gmail.com

ISSN -2583-147X(P), Vol.- 8, Issue No. IV, July 2022
Bastabatara Pariprakash Prachee
*Peer Reviewed and Referred Research Journal*

# ତୁଳନାତ୍ମକ ଆଲୋକରେ ରାଧାମୋହନ ଗଡ଼ନାୟକଙ୍କ 'ମୌସୁମୀ'

**ଡକ୍ଟର ମଧୁଚ୍ଛନ୍ଦା ନାୟକ**

ମେଘକୁ ଆଶ୍ରୟ କରି ଅନେକ କବି ଅନେକ କବିତା ଲେଖିବାର ନଜିର୍ ଖାଲି ଓଡ଼ିଶାରେ କାହିଁକି ବରଂ ସମଗ୍ର ଭାରତବର୍ଷରେ ରହିଛି । କାରଣ ପୃଥିବୀର ପାଣିପାଗରେ ମୌସୁମୀର ବୈଚିତ୍ର୍ୟ ଅନ୍ୟ କୌଣସି ଦେଶରେ ଦେଖାଯାଏ ନାହିଁ । ଏହା ଭୂଗୋଳ ସାପେକ୍ଷ ଭାରତବର୍ଷର ଅନ୍ୟତମ ବୈଚିତ୍ର୍ୟ । କବି ରାଧାମୋହନ ଗଡ଼ନାୟକ ମୌସୁମୀକୁ ନେଇ ଲେଖିଥିବା ଏକମାତ୍ର କବି ନୁହଁନ୍ତି । ତେବେବି ରାଧାମୋହନଙ୍କ 'ମୌସୁମୀ'ରେ ଏକପ୍ରକାର ଅଜବ ସମ୍ମୋହନ ରହିଛି । କବି ଗଡ଼ନାୟକ 'ମୌସୁମୀ'ରେ ରଖିଛନ୍ତି ପ୍ରୋଜୋପୋପ୍ରିୟା ବା Persorification ଠାରୁ ଆରମ୍ଭ କରି ମିଥ୍, ପ୍ରତୀକ, ଚିତ୍ରକଳ୍ପ ପ୍ରଭୃତିର ସମ୍ଭାର । ଏହା ତାଙ୍କର ଅନ୍ୟତମ ଗାଥା କବିତା । କବି ଗଡ଼ନାୟକ ଛାନ୍ଦସିକ କବି ଭାବରେ ପରିଚିତ । ସେ ମଧ୍ୟ ଅନ୍ୟତମ ବିଶିଷ୍ଟ ଗାଥାକବି ଭାବରେ ପ୍ରସିଦ୍ଧ । ସ୍ମରଣିକା, ଉତ୍କଳିକା, ଶାମୁକାର ସ୍ୱପ୍ନ, ପଶୁପକ୍ଷୀର କାବ୍ୟ, ଗାନ୍ଧିକଥା, ସୂର୍ଯ୍ୟ ଓ ଅନ୍ଧକାର ପ୍ରଭୃତି କବିଙ୍କର ଅନବଦ୍ୟ ସୃଷ୍ଟିବିଶେଷ । ଅଧ୍ୟାପକ ବନମାଳୀ ମିଶ୍ର ଗଡ଼ନାୟକ ପରିକ୍ରମା (ପୃ-୪୨)ରେ କହିଯାଇଛନ୍ତି- "ଗଡ଼ନାୟକଙ୍କ ଗାଥାକବିତା ଆହରଣର କ୍ଷେତ୍ର ପ୍ରଶସ୍ତ । ଇତିହାସ, କିମ୍ବଦନ୍ତୀ, ପୁରାଣ, ବୌଦ୍ଧଜାତକ, ପଞ୍ଚତନ୍ତ୍ର, ହିତୋପଦେଶ, ତଡ୍‌ସାହେବ ସଂଗୃହୀତ Annals of Rajasthan, ଏଡିଥ୍ ହାମିଲ୍‌ଟନ୍‌ଙ୍କ 'Mythology', 'Burmese Wonder Tale' ଠାରୁ ଦୈନିକ ସମ୍ବାଦପତ୍ର ଓ ମାସିକ ପତ୍ରିକାମାନଙ୍କରେ ଗଡ଼ନାୟକଙ୍କ ଗାଥାନିହିତ କଥାର ଉତ୍ସ ବିଦ୍ୟମାନ । ପୁନଶ୍ଚ ସାମୟିକ ସମାଜ ଓ ରାଜନୀତିକୁ ମଧ୍ୟ ସେ ତାଙ୍କର ଗାଥା ଅନ୍ତର୍ଭୁକ୍ତ କରିଦେଇଛନ୍ତି । ମୃତ ଓ ଜୀବିତ କବି, ଶିଳ୍ପୀ, କଳାକାର ପ୍ରମୁଖଙ୍କୁ ଗଡ଼ନାୟକ ତାଙ୍କର ଗାଥା ଗୁଡ଼ିକରେ ଶ୍ରଦ୍ଧାର ଅର୍ଘ୍ୟ ନିବେଦନ କରିଛନ୍ତି । ସେହିପରି 'ପଶୁପକ୍ଷୀର କାବ୍ୟ' ରଚନା କରି ଓଡ଼ିଆ ଗାଥା କବିତାର ଏକ ଅନାବିଷ୍କୃତ ଦିଗନ୍ତର ସେ ଉନ୍ମୋଚନ ମଧ୍ୟ କରିଛନ୍ତି ।" ରାଧାମୋହନ ଯଥାର୍ଥରେ ଜଣେ ପ୍ରଥମ ଶ୍ରେଣୀର କବି ।

ରାଧାମୋହନ ଗଡ଼ନାୟକଙ୍କ 'ମୌସୁମୀ' କବିତାଟି 'ମୌସୁମୀ' ପୁସ୍ତକରୁ ଆସିଛି । ଏହା ଏକ ବଳିଷ୍ଠ ସୃଷ୍ଟିବିଶେଷ ଅଟେ । ମୌସୁମୀକୁ ପ୍ରକୃତି ଭାବରେ ନଦେଖି ଏହା ମଧ୍ୟରେ ପ୍ରକୃତିକୁ ଆରୋପଣ କରାଯାଇଛି । "ଆଲୋଚ୍ୟ କବିତାରେ ଛତ୍ରେ ଛତ୍ରେ କବି ମୌସୁମୀର ଶାରୀରିକ ନିର୍ଯ୍ୟାସ ଗଢ଼ିତୋଳିବା ସହିତ ତା'ର ନୂତନ କାବ୍ୟ ଜିଜ୍ଞାସା ସୃଷ୍ଟି କରିପାରିଛନ୍ତି ଓ ରୂପ ଭିତର ଦେଇ ଅରୂପ କାବ୍ୟଚେତନା ସୃଷ୍ଟି କରି ସାଫଲ୍ୟ ବିମଣ୍ଡିତ ହୋଇଛନ୍ତି ।" (ବେହେରା: ୨୦୦୮: ୫୩) 'ମୌସୁମୀ' ନିର୍ଦ୍ୱନ୍ଦ୍ୱରେ ଏକ ରୋମାଣ୍ଟିକ୍ କବିତା । 'ମୌସୁମୀ' ମଧ୍ୟରେ ପ୍ରେମିକ-ପ୍ରେମିକାର ଉତ୍ତୁଙ୍ଗ ରୋମାନ୍‌ସ ବିଦ୍ୟମାନ । ମାତ୍ର ଏହି ରୋମାନ୍‌ସ ମଧ୍ୟରେ ରହିଛି ବିପ୍ଳବ, ଉତ୍ପାତ । କିନ୍ତୁ ଏହି ବିପ୍ଳବାତ୍ମକ ଆଚରଣ ପାଶ୍ଚାତ୍‌ରେ ରହିଛି ଶୁଭଙ୍କର ଉଦ୍ଦେଶ୍ୟ । ଏହା ଧ୍ୱଂସ ତାଣ୍ଡବ ପରି ଦିଶୁଥିଲେ ମଧ୍ୟ ଅମୃତମୟ ସୃଷ୍ଟିର କାରଣ ମାତ୍ର । ଯଥାର୍ଥରେ ମୌସୁମୀ ମଧ୍ୟରେ ଏକ ଶୁଭଙ୍କର ବ୍ୟକ୍ତିତ୍ୱର ଆରୋପଣ ହିଁ ଦେଖାଯାଏ । ଭୀମକାନ୍ତ ସୌନ୍ଦର୍ଯ୍ୟର ଗନ୍ତାଘର ହେଉଛି ଏହି ମୌସୁମୀ । ତୂର୍ଣ୍ଣଗତି ଅର୍ଥାତ୍ କ୍ଷିପ୍ର, ରୁକ୍ଷ, ପ୍ରଖର, ଭୀଷଣ ଗତିର ହିଲ୍ଲୋଳରେ, ପୂର୍ଣ୍ଣବଳରେ ରୁଦ୍ର ରୂପ ଧରି, ଭୀମଭୈରବ ଗର୍ଜନରେ ଆଜି ଧାଇଁଆସିଛି 'ମୌସୁମୀ' । କଳାକେଶ ଖୋଲି ଶିବ ତାଣ୍ଡବ ନାଚିଲା ପରି ସେ କଳାବାଦଲକୁ ମେଲି ଖୋଲିଦେଇଛି ସାରା ଆକାଶରେ । ଅନ୍ତତଃପକ୍ଷେ, ଏବଂ ସର୍ବଶେଷରେ ସେ କିନ୍ତୁ ଶିବ । ମଙ୍ଗଳମୟ । କାନ୍ତକମନୀୟ । ତା'ର ସମସ୍ତ ରୁଦ୍ରତା ପାଶ୍ଚାତ୍‌ରେ ଏକ ଶିବମୟ ଉଦ୍ଦେଶ୍ୟ ହିଁ ରହିଛି । ଏଣୁ ତାକୁ ଘୃଣା, ଭୟ ଓ ଖରାପ ଦୃଷ୍ଟିରେ ଏକ ଦୁଷ୍ଟ ଦୈତ୍ୟ ଭାବରେ ନଦେଖିବାକୁ ସେ ନିଜେ କହିଛି ।

"ମଣୁଛ କି ମତେ
ଆଲୁଳିତ- କେଶ
ବିଲୁଳିତ- ବେଶ
ଦୈତ୍ୟ ବୋଲି ?" (ନାୟକ: ୨୦୧୨: ୭୮)

ପୁଣି ମୌସୁମୀ ପ୍ରଥମ ପୁରୁଷ ଭାବରେ ଜଗତବାସୀଙ୍କୁ କହିଛି ସେ ଯେଉଁ ଡାକରା ଦେଉଛି, ତା'ର ବିଜୁଳି ଚମକିଲା ପରି ଦନ୍ତ ପଙ୍‌କ୍ତି ଦିଶୁଥିବା ଅଟ୍ଟହାସ୍ୟ ଦେଖି ତାକୁ ଡରିବାର ଆବଶ୍ୟକତା ନାହିଁ । ତେଣୁ ସେ ସ୍ପଷ୍ଟ କରି ଗାଇଉଠିଛି-

"ଡରୁଛକି ମତେ ?
xxx xxx xxx
ଡରନି ମତେ ରେ
ଡରନି ମତେ ରେ
ମର୍ତ୍ତ୍ୟ ଜୀବ
ରୁଦ୍ର ସିନା ଏ ମୂର୍ତ୍ତି ମୋହର
ମୁହିଁ ତ ଶିବ ।" (ନାୟକ: ୨୦୧୨: ୭୮)

ଏଇଠାରୁ 'ନୀଳସୁନ୍ଦର ମହାସିନ୍ଧୁର'... 'ସହସା ବାଜିଲା ଅଂଗେ ମୋର') ଯାଏଁ ପ୍ରେମିକ ପ୍ରେମିକା ମଧ୍ୟରେ ଘଟିଛି ଉତ୍ତେଜନା ଓ ଉତ୍ତାପମୟ ପ୍ରେମପ୍ରଣୟର କୌତୁକ କ୍ରୀଡ଼ା । ନୀଳସିନ୍ଧୁର ବକ୍ଷଦେଶରେ, କୋଳରେ ମୌସୁମୀ ଖେଳିଛି । ମହାଆନନ୍ଦରେ ଦୋଳି ଖେଳିଛି । ଊର୍ମି ମୌସୁମୀର ସଖୀ । ତା'ର (ଊର୍ମି) ଚିକୁର ଓ ଚିବୁକରେ ପ୍ରୀତିର ରସ, ହାସ ଲଗାଇ ଆନନ୍ଦରେ 'ରାଣୀ ଗୋ ରାଣୀ' ସମ୍ବୋଧନ କରୁଥିଲା । ମୌସୁମୀ ସେ ପ୍ରେମରସ, ହାସ ପ୍ରତିଦାନରେ ସେ ଊର୍ମି କହିଛି "ପ୍ରିୟ ହେ ପ୍ରିୟ, ଆହୁରି ଦିଅ ସେ ମଦିର ପରଶ, ଆହୁରି ଦିଅ ।" ପୁଣି ପ୍ରେମିକ ମୌସୁମୀ କହିଛି- ତା'ର ପ୍ରେମିକାର ନଗ୍ନ ଜଘନ ବକ୍ଷ ଉପରେ ଫେନ୍‌ହାସ ତା'ର ପିଇ ପିଇ ଓଷ୍ଠରେ ଚୁମ୍ବନ ଦେଇ ରସରଂଗରେ ବିଭୋର, ବିହ୍ୱଳ ହେଉଥିଲା । ପୁଣି ସଜୀବ ବର୍ଣ୍ଣନାର ରୂପଦେବାକୁ ଯାଇ ସେ ଆହୁରି ମୌସୁମୀ ମୁଖରେ କହିଛନ୍ତି- ପ୍ରେମିକା ଊର୍ମିର ତପ୍ତ ନିଃଶ୍ୱାସ, ବୁକୁର ଓ ବେଦନାର ଉଚ୍ଛ୍ୱାସ ମୌସୁମୀ ଦେହରେ ବାଜିଛି । ଏହା ସଂପୂର୍ଣ୍ଣରୂପେ ମୌସୁମୀବାୟୁ ସମୁଦ୍ର ଉପରେ ଆସିବାର ଚିତ୍ର । କବି କଳ୍ପନାରେ ଏଠାରେ ମୌସୁମୀ, ସମୁଦ୍ର, ଊର୍ମି ପ୍ରଭୃତିରେ ବ୍ୟକ୍ତିତ୍ୱର ଆରୋପଣ ଘଟିଛି ।

ତା'ପରେ ମୌସୁମୀ ଚଞ୍ଚଳେ ଦୃଷ୍ଟିଫେରାଇ ଦେଖିଛି ତମାଳ ତାଳର କାନନିକା ଛାଡ଼ି ମେଘରାଶି ମହାସିନ୍ଧୁର ବନ୍ଧୁର ବକ୍ଷରେ ପଡୁଛି । ଗ୍ରୀଷ୍ମର ରୌଦ୍ର ତାପରେ ଧରଣୀ ଏପାଖେ ଶୁଖିଯାଉଛି । ଶସ୍ୟ, ଶଷ୍ପ-ପୁଷ୍ପାଦି ଜଳିପୋଡ଼ି ଧ୍ୱଂସ ହୋଇଯାଉଛି । ଧୂଳିଧୂସରିତ, ଧୂମିଳ ଦିଶୁଥିଲା ଗଗନତଳ । ଗାଡ଼ିଆ ପୋଖରୀ, ହ୍ରଦ ସବୁ ଶୁଖି ମାଟିଫାଟି ଯାଇଛି । ଜଳର ଚିହ୍ନବର୍ଣ୍ଣ ନାହିଁ । କବିଙ୍କ ଭାଷାରେ-

"ନୀଳ ସୁନ୍ଦର ଶଇଳ ପୁଞ୍ଜ
ଫୁଲ ବିକଚ ଅଟବୀକୁଞ୍ଜ
ପ୍ରଳୟ ଭଳି
ଦାବ ଦହନରେ ଯାଉଚି ଜଳି ।" (ତତ୍ରୈବ-୭୯)

ଅନ୍ୟ ଏକ ଦୃଶ୍ୟର ବର୍ଣ୍ଣନା ମଧ୍ୟ ଏଠାରେ ରହିଛି । ତୃଷ୍ଣାକାତର ଚାତକ କଣ୍ଠ ଶୁଖି ଫାଟିଯାଉଛି । ଆଁ କରି ଏବେ ଶୂନ୍ୟେ ଚାହିଁଛି ଦୀର୍ଣ୍ଣ ମାଟି । ମାଟିର ଭକ୍ତ ଅର୍ଥାତ୍ କୃଷକ ଆକାଶକୁ ଆକୁଳ ଚିତ୍ତରେ, କାକୁତି ମିନତି ହେଲା ଭଳିବା ତପସ୍ୱୀ ପରି ଏକଦୃଷ୍ଟିରେ ଚାହିଁଛି ଆକାଶକୁ । ତା' ଚକ୍ଷୁ ଓ ଛାତିରୁ ଝରିପଡୁଛି ହାହାକାର । ଏସବୁକୁ ଦେଖି ମୌସୁମୀର ପ୍ରେମିକା କହିଲା- "ଏସବୁ କ'ଣ ?" ସେଇଠାରୁ ଏସବୁ ଦେଖି ପ୍ରେମିକାଠୁ ମୌସୁମୀ ବିଦାୟ ନେଇଆସିଲା । ଠିକ୍ ଏତିକିବେଳେ ପ୍ରେମିକ ମୌସୁମୀକୁ ପ୍ରେମିକା ଊର୍ମି କହିଲା- "ମୁଁ ଯିବି ତେବେ ।" ସେ ଆହୁରି କହିଛି-

"ମୁହିଁ କି କେବଳ ଜୀବନର ତୁମ
ନର୍ମମୟୀ ?
ହୋଇପାରିବିନି କର୍ମ-ସହୀ ?
ହେ ମୋର ପ୍ରିୟ
ସଂଗେ ନିଅ ।" (ନାୟକ: ୨୦୧୨: ୮୦)

ପ୍ରେମିକାଟି ପ୍ରେମିକର କର୍ମର ସାଥୀ, ପରୋପକାରର, ସେବାର ସାଥୀ ଓ ସହଭାଗିନୀ ହେବାକୁ ଇଚ୍ଛା କରିଛି । ପ୍ରେମିକ ଏହାକୁ ମଞ୍ଜୁର କରିଛି ଉଲ୍ଲାସରେ । ଏଣୁ ଦୁଇଜଣଙ୍କ ଘନବଂଧନ ଚିରକାଳ ଦେଖାଯାଏ । ଯେବେ ମୌସୁମୀ ଆସେ, ସେବେ ସେବେ ଊର୍ମି ସମୁଦ୍ର ବକ୍ଷରେ ଆସେ । ପ୍ରେମିକ, ପ୍ରେମିକା ମିଳିଯାଇ ପ୍ରେମର ସାର୍ଥକ ରୂପ ଫୁଟିଉଠିଛି । କବିଙ୍କ ଭାଷାରେ-

"ଦିଓଟି ଜୀବନ ମିଶିଯାଇ ଆଜି ମିଶ୍ରରାଗେ
ଧାଇଁ ଆସିଅଛି ମୌସୁମୀ ମୁହଁ ଧରଣୀ ଭାଗେ ।"
(ନାୟକ: ୨୦୧୨: ୮୦)

ଯଥାର୍ଥରେ ମୌସୁମୀ ନମ୍ର ନୁହେଁ, କମ୍ର ନୁହେଁ, ଧୀର ନୁହେଁ; ବରଂ ବ୍ୟଗ୍ର, ଉଗ୍ର ଓ ଅଗ୍ରସର ହେଉଥିବାର ଦେଖାଯାଏ । ସାଗର ବକ୍ଷରୁ ମୌସୁମୀ ଆସିଛି ସଲିଳଧାରା । ସେହିପରି ଦୂର ଦିଗନ୍ତରୁ ମୌସୁମୀ ଉଡ଼ାଇ ଆଣିଛି ବାରିଦମାଳା । ବର୍ଷା ମଂଗଳର ଭାବନା । ପୀଡ଼ିତ ପ୍ରାଣର ଶିବତ୍ୱ ପାଇଁ ମୌସୁମୀର ଆଗମନ । ଏହାହିଁ ମୌସୁମୀର ଅସଲ ସଂଦେଶ । ରୁଦ୍ର ରୂପ ମଧ୍ୟରେ ଶିବଟିଏ, ଶିବତ୍ୱଟେ ଓ ସୁନ୍ଦରତା ଲୁଚିରହିବା କଥାକୁ ଶିଖାଏ ଏଇ ମୌସୁମୀ ।

ଯଥାର୍ଥରେ ଏହା ଖାଲି କାହାଣୀ ବା ଗାଥାଧର୍ମୀ ସଫଳ ଗାଥାକବିତା ନୁହେଁ, ବରଂ ଏକ ଶିକ୍ଷଣୀୟ, କଳାତ୍ମକ (Artistic) ପ୍ରତୀକାତ୍ମକ କବିତା ମଧ୍ୟ ।

ତେବେ 'ମୌସୁମୀ' କବିତାର ବୈପ୍ଳବିକ ମନୋବୃତ୍ତି ଏହାର ସଂପର୍କ 'P. B. Shelley' (ରୋମାଣ୍ଟିକ୍ ଇଂରେଜ କବି)ଙ୍କ 'Ode to the West Wind' କବିତା ସହ ସୃଷ୍ଟି କରିଥାଏ । କିନ୍ତୁ ଏହା ଶହେଥର ସ୍ୱୀକାର କରାଯାଇପାରେ ଯେ ଗଡ଼ନାୟକ 'ମୌସୁମୀ' ରଚନା କ୍ଷେତ୍ରରେ ନିଜର ମୌଳିକତାକୁ ରକ୍ଷା କରିପାରିବା ସହିତ ନିଜର କଳାକୌଶଳ ଜନିତ ପାରଦର୍ଶିତା ଓ ପାଟବତା ଦେଖାଇ ପାରିଛନ୍ତି ।

'ମୌସୁମୀ'ର ଗୁଣଗତ (Genetic) ସଂପର୍କ ଏକଧାରରେ ଭାରତୀୟ ପରିବେଶ ସହ ଥିଲେ ମଧ୍ୟ, ବୈପ୍ଳବିକ ମନୋବୃତ୍ତି ଓ ଶୈତ୍ୟ ପରେ ବାସନ୍ତିକ ପରିବେଶର ଆଗମନ ପ୍ରଭୃତି, ଅପରପକ୍ଷରେ Shelley ଙ୍କ 'Ode to the West Wind' (1819) ସହ ରହିବା କଥା ସ୍ପଷ୍ଟ କରେ । ଅବଶ୍ୟ ଏଥିରେ ଶେଲୀଙ୍କ କାବ୍ୟଦୃଷ୍ଟି ରହିଛି । ସେଇ ଛାଇତଳେ ଅନେକ କବିତା ସୃଷ୍ଟ । ଯଥା- ରବୀନ୍ଦ୍ରନାଥ ଠାକୁରଙ୍କ 'ବର୍ଷଶେଷ', 'ବର୍ଷା ବର୍ଣ୍ଣନା', ମାନସିଂହଙ୍କ 'ଦକ୍ଷିଣା ପ୍ରତି' (୧୯୨୯), ପଦ୍ମଚରଣଙ୍କ 'ବୈଶାଖ', ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ଆସିଛି ବୈଶାଖ ରୁଦ୍ର' ପ୍ରଭୃତି ଅନେକ କବିତା । ମଧୁସୂଦନ ରାଓ ମଧ୍ୟ 'ନବ ବସନ୍ତ ଭାବନା' କବିତା ସେହି ଧାରାରେ ଲେଖିଛନ୍ତି ।

'Ode to the West Wind' କବିତାଟିର ଭାବପ୍ରସ୍ତ ସାଧାରଣତଃ ଦ୍ୱିବିଧ । ଏହାର ପ୍ରଥମ ତିନିଗୋଟି ପଙ୍କ୍ତି/ ପାଦରେ ପଶ୍ଚିମା ପବନର ପ୍ରଭାବ ଦେଖାଯାଇଛି । ଏହା ପ୍ରକୃତିର ଚଞ୍ଚଳତା ଓ ସଂଚରଣଶୀଳତାର ପ୍ରତୀକ । ଏହା ପ୍ରକୃତିର ଉତ୍ତେଜିତ ରୂପ ଅଟେ । ଏହା ଜୀବନ ଓ ଚେତନାର ପ୍ରତୀକ । ପୁଣି ପ୍ରଳୟ ଓ ସର୍ଜନା ଉଭୟବିଧ ଚେତନାର ଅମାର । ଏକ ଭୀଷଣ ଝଡ଼ ଭାବରେ ଆସିଛି West Wind. କିନ୍ତୁ ଏହି ତାଣ୍ଡବଲୀଳା ଉତ୍ତାରେ ଶିବତ୍ୱ ଆସେ । ସେ ଶେଷ ଦୁଇପାଦରେ ଏକଥା କହିଛନ୍ତି । ଶେଲୀ କହିଲେ- If winter comes, can spring be far benind ? କି ଉଦ୍ଦାମତ୍ତା ! କି ଆନନ୍ଦ ! ଜୀବନ ପ୍ରତି କି ମୋହ ! ଏହା ରୋମାଣ୍ଟିକ୍ ଚେତନା ନୁହେଁ ଆଉ କ'ଣ ? ମୌସୁମୀର ଶେଷାଂଶ ସହ ଏହା ତୁଳନୀୟ ।

ପୁରାତନର ବିଲୋପନ ଓ ନୂତନତାର ଆଶାସଂଚାର, ଆଶାୟୀ ମଣିଷର ଜୀବନର ଅର୍ଥ ବୁଝାଇବାରେ ଶେଲୀ ସମର୍ଥ । ଉଭୟ କବିତାରେ ବର୍ଣ୍ଣନା ଚଟୁଳ ଓ ଉନ୍ନତ । କିନ୍ତୁ ଆଲୋକବାଦୀ ଚେତନା ଦୃଷ୍ଟିରୁ ମୌସୁମୀ ଦୁଇପାଦ ଆଗୁଆ । ଶେଲୀଙ୍କ କାବ୍ୟର ଆଶାବାଦ ବଳିଷ୍ଠ ନୁହେଁ । ଶେଲୀଙ୍କ West Wind କହୁଛି-

**"Drive my dead thoughts**
**Over the universe**
**Like withered leaves to**
**quick in a new bath !"**

**(Green: 2002: 100)**

ମୌସୁମୀ ମଧ୍ୟ ସୃଷ୍ଟି ପ୍ରତି ସେଇଚିନ୍ତା ନିଜ ଅନ୍ତରରେ ସାଇତିରଖି ଧରାପୃଷ୍ଠକୁ ଆସୁଛି । ସେ ପ୍ରିୟା ସହ ଖେଳିକୁଦି, ଝୁଲି- ମନୋରଂଜନ କରି ଫେରୁଛି ସପ୍ରିୟ ପୃଥିବୀ ପୃଷ୍ଠକୁ । "ମୌସୁମୀ ଚାହିଁଛି ଏହି ଧରଣୀକୁ ସେ କରିବ ସତ୍ୟ-ଶିବ-ସୁନ୍ଦର, ସେ ଦୁର୍ଦ୍ଦିନ ସତ ମାତ୍ର ସୃଷ୍ଟିକୁ ସେ କରିବ କମନୀୟ ।" (ବେହେରା: ୨୦୦୮: ୫୪) ମୌସୁମୀ ଏକ ସାଧାରଣ ଭୌଗୋଳିକ ପ୍ରଭାବ ଜନିତ ପ୍ରବାହ ବିଶେଷ ନୁହେଁ, ଏହା ବରଂ ଏକ ଶୁଭଙ୍କର ବ୍ୟକ୍ତିତ୍ୱ । Ode to the West Wind କବିତାରେ ଶେଲୀ କହିଛନ୍ତି-

"O Wild West Wind, thou breath of Autumn's being,
Thou, from whose unseen presence the leaves dead
Are driven, like ghosts from an enchanter fleeing,
Yellow, and black, and pale, and hectic red,
Pestilence-stricken multitudes: O thou,
Who chariotest to their dark wintry bed."

(Green: 2002: 98)

ବ୍ୟକ୍ତିତ୍ୱ ଆରୋପଣ ଉତ୍ତାରେ କବି ବର୍ଣ୍ଣନା ମୁଖର ହୋଇ ପୁଣି ଗାଇଉଠିଛନ୍ତି-

"The winged seeds, where they lie cold and low,
Each like a corpse within its grave, untill
Thire azure sister of the Spring shall blow
Her clarion o'er the dreaming earth, and fill
(Driving sweet buds like flocks to feed in air)
with living hues and odours plain & hill:"

(Green: 2002: 98)

ଏହି ବର୍ଣ୍ଣନା ପରେ ଚମତ୍କାର ଭାବରେ କନକ୍ଲୁସନ୍‌ରେ ଶେଲୀ ପଶ୍ଚିମା ପବନକୁ ଦୁଇଟି ଶବ୍ଦ ଦ୍ୱାରା ଅଭିଷିକ୍ତ ତଥା ବିଶେଷିତ କରିଛନ୍ତି- ରୁଦ୍ର ଓ ଶିବ, ଭୀମ ଓ କାନ୍ତ ।

Destroyer and Preserver. Zûueò bûhûùe-

"Wild spirit, which art moving everywhere;
Destroyer and preserver, hear, oh, hear!"

(Green: 2002: 98)

ରାଧାମୋହନ ମଧ୍ୟ ମୌସୁମୀ ଠାରେ ସେଇ ଏକା ବିଶେଷଣ ଲଗାଇଛନ୍ତି: ଭୀମ ଓ କାନ୍ତ । କିନ୍ତୁ ଏଠାରେ story ଅଛି । ପ୍ଲଟ୍ ଅଛି । ଦ୍ୱନ୍ଦ୍ୱ ଅଛି । ଶ୍ଳେଷ (Irony) ଅଛି । Romance ଓ suspence ମଧ୍ୟ ରହିଛି । ଏଣୁ ମୌସୁମୀର କଳାରୂପ ପ୍ରାଚୁର୍ଯ୍ୟରେ ପୂର୍ଣ୍ଣ, ଅନୁକରଣୀୟ, ପ୍ରଶଂସାଯୋଗ୍ୟ ।

"ଗଡ଼ନାୟକ ଶେଲୀଙ୍କ କାବ୍ୟର ପ୍ରଥମାର୍ଦ୍ଧ ଦ୍ୱାରା ହୁଏତ ପ୍ରଭାବିତ ହୋଇପାରନ୍ତି, କିନ୍ତୁ ଦ୍ୱିତୀୟାର୍ଦ୍ଧ ଭାବଧାରା ତାଙ୍କୁ ଆଦୌ ସ୍ପର୍ଶ କରିନାହିଁ ।" (ବେହେରା: ୨୦୦୮: ୫୩-୫୪) ମୌସୁମୀ ବିଶ୍ୱମଂଗଳର ପ୍ରତୀକ । ସେ ସମଗ୍ର ବସୁଧାର ମଂଗଳଚିନ୍ତକ । ମୌସୁମୀ କବିତାର ଅନ୍ୟ ଏକ ବିଶେଷତ୍ୱ ମଧ୍ୟ ରହିଛି । ଏହି ବିଶେଷତ୍ୱ ଶେଲୀଙ୍କ ଠାରୁ ତାଙ୍କର ଦୂରତ୍ୱ ରକ୍ଷାକରିବା ସହିତ ତାଙ୍କର ମୌଳିକତାକୁ ପ୍ରତିପାଦନ ମଧ୍ୟ କରିଛି । "କବି ମଧ୍ୟ ମୌସୁମୀ କବିତାରେ ଠିକ୍ ଏହି କଥା ବୟକ୍ତିକ ଦୃଷ୍ଟିକୋଣରୁ ଶେଲୀଙ୍କର ପ୍ରଥମ ପର୍ଯ୍ୟାୟରେ ପଶ୍ଚିମା ପବନ ପ୍ରତି ନୈର୍ବ୍ୟକ୍ତିକ ଦୃଷ୍ଟିକୋଣ ପରିଲକ୍ଷିତ ହୋଇଥିଲାବେଳେ କବି ଗଡ଼ନାୟକଙ୍କର ମୌସୁମୀ କବିତାର ପ୍ରାରମ୍ଭରୁ ବ୍ୟୟକ୍ତିକ ଦୃଷ୍ଟିକୋଣ ପ୍ରକାଶିତ ହୋଇଅଛି ।" (ତତ୍ରୈବ: ୫୪)

ରବୀନ୍ଦ୍ରନାଥଙ୍କ 'ବର୍ଷା ବର୍ଣ୍ଣନା' କବିତା ଏ ମର୍ମରେ ମନେପଡ଼େ । ବର୍ଷାର ଆଗମନ ମଧ୍ୟ ସହଜ ପରିବେଶରେ ହୁଏନି, ଶାନ୍ତ ପରିବେଶରେ ହୁଏନି । ଗର୍ଜନ, ତର୍ଜନ କରି କଳାହାଣ୍ଡିଆ ମେଘ ମାଡ଼ିଆସେ । ଏହା ଏକପ୍ରକାର ପ୍ରକୃତିର ନିୟମ । ତା'ର ବର୍ଣ୍ଣନା ଦେଖାଯାଉ-

"ଐ ଆସେ ଐ ଅତି ଭୈରବ ହରଷେ
ଜଳ ସିଞ୍ଚିତ କ୍ଷିତି ସୌରଭ ରଭସେ
ଘନ ଗୌରବେ ନବଯୌବନ ବରଷା
ଶ୍ୟାମ ଗମ୍ଭୀର ସରସ ।
ଗୁରୁ ଗର୍ଜ୍ଜନେ ନୀପ ମଂଜରୀ ଶିହରେ
ଶିଖୀ ଦମ୍ପତି କେକାକଲ୍ଲୋଳେ ବିହରେ
ଦିଗବଧୂ ଚିର ହରଷା
ଘନ ଗୌରବେ ଆସେ ଉନ୍ମାଦ ବରଷା ।"

ପୃଥିବୀର ଛାତି ସୂର୍ଯ୍ୟତାପରେ ତାତି ଯାଇଥିଲା । ପ୍ରଚଣ୍ଡ ସୂର୍ଯ୍ୟତାପରେ ପୃଥିବୀ ମାଆ ରକ୍ଷା ପାଇଁ ଆକାଶକୁ ମୁହଁ ଖୋଲି କହିଛି । ଜଳଟୋପେ ମାଗିଛି ଓଠ ଖୋଲି । ମାଟି ଫାଟି ଆଁ କରିଛି । ମୌସୁମୀ ଏସବୁକୁ ଦେଖି ଆଉ ଆକାଶରେ ରହିପାରିନି । ଡେଇଁପଡ଼ିଛି ସେ ଧରଣୀ ଉପରକୁ । ଏଠାରେ Shelleyଙ୍କ Ode to the West Windର ଏକ ଅଂଶକୁ ଉଦ୍ଧାର କରାଯାଉ-

"If I were a dead leaf thou mightest bear
If I were a swift cloud to fly with thee;
A wave to pant beneath they power, and share-
The impulse of they strength, only less free
Than thou O uncontrollable! If even
I were as in my boyhood and could be
The Comrade of thy wanderings over Heaven,
As then, when to outstrip thy skyey speed
Scarce seemed a vision;
I would ne'er have striven-
As thus with thee in prayer in my sore need.
Oh, lift me as a wave, a leaf, a cloud!
I fall upon the thorns of life! I bleed!
A heavy weight of hours has chained,
and bowed
One too like thee; tameless,
and swift, and proud."

(Green: 2002: 99)

ପଶ୍ଚିମା ପବନର ଆଗମନ ବେଳେ ପ୍ରାକୃତିକ ଦୃଶ୍ୟକୁ ବର୍ଣ୍ଣନା କରିବାକୁ ଯାଇ ଏଠାରେ Shelley କହନ୍ତି-

"Of vapours, from whose solid atmosphere
Black rain, and fire, and hail will burst: oh, hear !"

(Green: 2002: 98)

ଶେଷରେ କବିତାର ଉତ୍ତର ପକ୍ଷରେ, ଶେଷଆଡ଼କୁ କବି Shelley ଆଶାର ସଂଚାର କରିବା ସହିତ, ପଶ୍ଚିମା ପବନ ମଧ୍ୟରେ ଜୀବନର ଦର୍ଶନକୁ ଏକାକାର କରି ଦେଖିଛନ୍ତି । ସେ କହୁଛନ୍ତି-

**"Make me thy lyre, even as the forest is:**
**What if my leaves are falling like its own!**
The tumult of thy mighty harmonies
Will take from both a deep, autumnal tone

sweet though in sadness. Be thou, spirit fierce,
My spirit! Be thou me, impetuous one`!"

(Green: 2002: 98)

David Green ସଂପାଦକ ଭାବରେ Perey Bysshe Shelley (1792-1822) ଙ୍କ ଏହି କବିତା ସଂପର୍କରେ କହନ୍ତି- Ode to the west wind was composed, so Shelley tells us in his own notes, in a wood near Florence on a day when the west wind was blowing strongly, heralding a storm at the beginning of the autumn rains. He invented for the poem a sonnet- like stanza in what is called terzarima ending in a couplet instead of a tercet. The whole poem takes the form of a prayer. (Green: 2002: 244) ସମ୍ବେଦନଶୀଳତା ହିଁ ଏସବୁ କବିତାର ପ୍ରାଣ । ଗଡ଼ନାୟକଙ୍କ କବିତା ସଂପର୍କରେ କବିତାର ପ୍ରତିଶବ୍ଦ ପ୍ରତି ଗଳିଛକ, ବାକ୍ୟ ଛନ୍ଦାରେ ରହିଛି ମାନବିକତା, ସମ୍ବେଦନଶୀଳତା ଓ ଆକସ୍ମିକତା ।

ରବୀନ୍ଦ୍ରନାଥ ଯେଉଁ 'ବର୍ଷଶେଷ' କବିତା ଲେଖିଥିଲେ ତା'ର ଭାବଧାରା ମଧ୍ୟ Ode to the West Wind ସହ ସମାନ । ଦେଖିବାକୁ ଗଲେ କବିତା ଦ୍ୱୟର ପରିବେଶ ପ୍ରାୟ ସମାନ । "ଶେଲୀଙ୍କ ଶାରଦୀୟ ଜୀବନ ଓ ଚେତନାର ଶେଷ ସଂଗୀତ- କିନ୍ତୁ ରବୀନ୍ଦ୍ରଙ୍କ କବିତା ଚୈତ୍ର ଅବସାନ ଓ 'ପୁରାତନ କ୍ଳାନ୍ତ ବରଷେର ସର୍ବଶେଷ ଗାନ' । ଅଥଚ ଓ୍ୱେଷ୍ଟ ଉଇଣ୍ଡ ଜୀର୍ଣ୍ଣ ପତ୍ର ମ୍ଳାନପୁଷ୍ପ ଆଦି ଚିତ୍ରକଳ୍ପ ତାଙ୍କ ମାନସରେ ନୂତନ କାବ୍ୟାଲୋକର ସନ୍ଧାନ ଦେଇଛି ।" (ନନ୍ଦ, ଦାଶ: ୨୦୧୨: ୧୯୪) ରବୀନ୍ଦ୍ରନାଥ ଗାଇଛନ୍ତି-

"ହେ ଦୁର୍ଦ୍ଦମ, ହେ ନିଶ୍ଚିତ, ହେ ନୂତନ, ନିଷ୍ଠୁର ନୂତନ
ସହଜ ପ୍ରବଳ
ଜୀର୍ଣ୍ଣ ପୁଷ୍ପଦଲ ଯଥା ଧ୍ୱଂସ ଭ୍ରଂଶ କରି ଚତୁର୍ଦ୍ଦିକେ
ବାହାରାୟ ଫଲ
ପୁରାତନ- ପର୍ଣ୍ଣପଟ ଜୀର୍ଣ୍ଣ କରି ବିକୀର୍ଣ୍ଣ କରିୟା
ଅପୂର୍ବ ଆକାରେ
ତେମନି ସବଲେ ତୁମି ପରିପୂର୍ଣ୍ଣ ହୟେଛ ପ୍ରକାଶ
ପ୍ରଣମି ତୋମାରେ ।"

ଚୈତ୍ରଝଡ଼ ରବୀନ୍ଦ୍ରନାଥଙ୍କ ଆଖିରେ ଉଦାତ୍ତ ବେଦଧ୍ୱନି West Wind ର ପ୍ରଳୟଙ୍କରୀ ରୂପ ରବୀନ୍ଦ୍ରଙ୍କ 'ବର୍ଷଶେଷ'ରେ ସନାତନ ଋଷିଚେତନାର କମନୀୟତାରେ ରୂପାନ୍ତରିତ । ରବୀନ୍ଦ୍ର ଗାଇ ଉଠିଛନ୍ତି-

"ଯେ ପଥେ ଅନନ୍ତ ଚଲିୟାଛେ ଭୀଷଣ ନୀରବେ
ସେ ପଥ ପ୍ରାନ୍ତର
ଏକ ପାର୍ଶ୍ୱେ ରଖ ମୋର, ନିରଖିବ ବିରାଟ ସ୍ୱରୂପ
ଯୁଗ ଯୁଗାନ୍ତର ।"

ରବୀନ୍ଦ୍ରଙ୍କ କବିତାରେ ଜୀବନ, ଜିଜ୍ଞାସା, ଜୀବନ ପ୍ରତି ସଂପ୍ରୀତି ଢେର ଅଧିକ । ସେହିପରି 'ଦକ୍ଷିଣାପ୍ରତି' କବିତାରେ ମାନସିଂହ ଯେଉଁ ସୁନ୍ଦର ବର୍ଣ୍ଣନା ଦେଇଛନ୍ତି । ଗୋଟିଏ ସ୍ଥାନରେ ପ୍ରଣୟରେ ଝଡ଼ ଓ ଅନ୍ୟ ଜାଗାରେ ଝଡ଼ରେ ପ୍ରଣୟ ରହିଛି । Ode to the West Wind କବିତାରେ ଝଡ଼ରେ ପ୍ରଣୟ ରହିଛି 'ମୌସୁମୀ' ପରି । କିନ୍ତୁ 'ଦକ୍ଷିଣାପ୍ରତି' କବିତାରେ ପ୍ରଣୟ ମଧ୍ୟରେ ଝଡ଼, ବିଦ୍ରୋହର ବୀଣା ବାଜିଛି ।

"ବିଦ୍ରୋହେ ଉଠୁଛି ମନ ହେ ଦକ୍ଷିଣେ ଇଚ୍ଛାତେଜି ଦୂରେ
ଏ ସମାଜ, ଏ ଅନୀତି, ଯାନ୍ତି ଚାଲି ତବ ସିନ୍ଧୁକୂଳେ ।"

'ମୌସୁମୀ' ମୌସୁମୀର ଆତ୍ମଲିପି । ମେଘକୁ ଋଗ୍‌ବେଦରେ ଦୈତ୍ୟ ରୂପରେ ବର୍ଣ୍ଣନା କରାଯାଇଛି । ମେଘକୁ ବୈଦିକ କାଳରେ ବୃତ୍ରାସୁର ବୋଲି କୁହାଯାଇଛି । ବଜ୍ର ଓ ବିଜୁଳି ଏହାର ସହାୟକ । Ode to the West Wind କବିତାରେ ପୁଣି ଦେଖାଯାଏ ଶେଲୀ ଗ୍ରୀକ୍ ଦେବୀ ମେନାଦ୍‌ଙ୍କ ରୂପର ସାହାଯ୍ୟ ନେଇଛନ୍ତି ଏଇ ପଶ୍ଚିମା ପବନକୁ ବର୍ଣ୍ଣନା କରିଲାବେଳେ ।

"Like the bright hair up lifted
from the head
of some fierce Meanad."

ଋଗ୍‌ବେଦରେ ମରୁତ୍ ହେଉଛନ୍ତି ରୁଦ୍ରପୁତ୍ର । ପୁଣି ସେ ମଧ୍ୟ ସେଠାରେ ସୃଷ୍ଟିର କଲ୍ୟାଣକାରୀ ସତ୍ତାରୂପେ ବର୍ଣ୍ଣିତ । ରାଧାମୋହନ ଗଡ଼ନାୟକ ମଧ୍ୟ ଅନୁରୂପ ବର୍ଣ୍ଣନା ଏଠାରେ କରିଛନ୍ତି । ମୌସୁମୀ ଏଠାରେ କଲ୍ୟାଣକାରୀ ପୁରୁଷ (ଶିବ) ରୂପ ଧାରଣ କରିଛି । କବିତାରେ Romantic episode ଚାଲିଛି ସାଗର ତନୟା ଊର୍ମି ଓ ଶକ୍ତିଶାଳୀ ପୁରୁଷ ମୌସୁମୀ ମଧ୍ୟରେ । କଥୋପକଥନ, ଆତ୍ମକଥା ବର୍ଣ୍ଣନା, ନିଜର କାର୍ଯ୍ୟ ବର୍ଣ୍ଣନା, ଉଦ୍ଦେଶ୍ୟ ବର୍ଣ୍ଣନା ମଧ୍ୟରେ କବିତାଟି ଏକ ନାଟକୀୟ ପରିବେଶ ଦେଇ ଗତିକରିଛି ଓ ଶେଷରେ ଏକ ଶିବ ସୂଚନା ପ୍ରଦାନ ପୂର୍ବକ ମୌସୁମୀ ଆଶା-ଆକାଂକ୍ଷା ଓ ଜୀବନାଭୀପ୍‌ସା ସୃଷ୍ଟି କରିଛି । ମୌସୁମୀ ନିଜ ଅନ୍ତରର ଜୀବନରତ୍ନ ରଖିଥିବା କଥା ଜାଣିଛି । "He is very sure about the life and the eternal, immortal life bearing quality (aquarious quality) of himself." କିନ୍ତୁ Ode to the West Wind ରେ କବି ସୂଚେଇଛନ୍ତି, ଆଶାବାନ୍ଧି ବସନ୍ତକୁ ଅପେକ୍ଷା

କରିବାକୁ କହିଛନ୍ତି । ମଧୁସୂଦନ ରାଓ ମଧ୍ୟ ସେହିପରି ଶୀତ ଓ ବସନ୍ତର କଥା କହିଛନ୍ତି । କିନ୍ତୁ ସେ ମଧ୍ୟ ଉତ୍ତର ପର୍ଯ୍ୟାୟର ବର୍ଣ୍ଣନା ।

ମୋଟାମୋଟି ଭାବରେ ଗଡ଼ନାୟକଙ୍କୁ ଆଧୁନିକ ବୋଲି କୁହାଯାଇପାରେ । କିନ୍ତୁ ସେ ଯେ ରୋମାଣ୍ଟିକ୍ ନୁହଁନ୍ତି ଏକଥାକୁ ଏକାବେଳେ ଅସ୍ୱୀକାର କରାଯାଇନପାରେ ।

ମୌସୁମୀ ଆସିଛି । ନବକଳେବର ହୋଇଛି । ଆତ୍ମାର ଘର/ ଘଟ ପରିବର୍ତ୍ତନ ହୋଇଛି । କାଳ-ଦେଶ-ପାତ୍ରାନୁସାରୀ ବିଭାବ ବଦଳିଛି । ଭାବ ବଦଳିଛି । ବେଦରେ ବର୍ଣ୍ଣିତ 'ମରୁତ' କ୍ରମେ ସ୍ଥାନ ଭେଦରେ ଶେଲୀଙ୍କ West wind (ପଶ୍ଚିମା ପବନ) ହୋଇଛି । ତାହା ରବୀନ୍ଦ୍ରଙ୍କ ଠାରେ 'ବର୍ଷଶେଷ'ର ଚୈତ୍ରଝଡ଼ରେ ପୁଣି କାଳାନ୍ତରେ ରୂପାନ୍ତରିତ ହୋଇଛି । ସେହିପରି କାଳକ୍ରମେ ମଧୁସୂଦନ, ମାନସିଂହ (ଦକ୍ଷିଣା)ଙ୍କ ଠାରେ ବିବିଧ ରୂପଧାରଣ କରିଛି । ପରିଶେଷରେ ଆମେ ଗଡ଼ନାୟକଙ୍କ 'ମୌସୁମୀ'କୁ ଦେଖୁ । ଏଣୁ ଏସବୁ physical metamorphosis ମାତ୍ର । ଶରୀରର ପରିବର୍ତ୍ତନ, ଆଂଗିକ ଭେଦ ମାତ୍ର । ମୂଳରେ କିନ୍ତୁ ରହିଛି ସନାତନୀ 'ମରୁତ୍'ର ଆଚରଣ ଓ ଉଚ୍ଚାରଣ । ଏହା (ମୌସୁମୀ) ଯଥାର୍ଥରେ ଏହି ସନାତନୀ ଆତ୍ମାର ଜୟଯାତ୍ରାରେ ଏକ ଅବସ୍ଥିତି, ଏକ ଅଭିପ୍ରାୟ- ଏଥିରେ ଦ୍ୱିରୁକ୍ତି ନାହିଁ ।

**ଅନୁସୃତ ଗ୍ରନ୍ଥାବଳୀ :**


1. Green, David, (Ed.), (2002)- The Winged Word, Chennai: Macmillan.
2. ନନ୍ଦ, ଡ. ବିଜୟ କୁମାର, ଦାଶ, ପ୍ରଫେସର କୁମୁଦଚନ୍ଦ୍ର, (୨୦୧୨), କାବ୍ୟନାୟକ ଗଡ଼ନାୟକ- କଟକ- ଆରୋହୀ ।
3. ନାୟକ, ସନ୍ତୋଷ କୁମାର (ସଂ) (୨୦୧୨)- ଶବ୍ଦ ନିରବଧି- ବାଲେଶ୍ୱର: ବ୍ରହ୍ମୋଽସ୍ମି ।
4. ବେହେରା, ଡକ୍ଟର ପ୍ରମୋଦ କୁମାର (୨୦୧୨)- ସାରସ୍ୱତ ସ୍ୱର ଓ ଝଙ୍କାର- କଟକ- ବିଦ୍ୟା ପ୍ରକାଶନ ।



ବିଭାଗମୁଖ୍ୟ, ଓଡ଼ିଆ ବିଭାଗ
ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ, ମିତ୍ରପୁର,
ବାଲେଶ୍ୱର-୭୫୬୦୨୦, ଓଡ଼ିଶା
ଭ୍ରାମ୍ୟଭାଷ- ୯୦୪୦୬୭୭୯୪୫
ଇମେଲ୍-nayak.madhu99@gmail.com

ISSN -2583-147X(P), Vol.- 8, Issue No. IV, July 2022
Bastabatara Pariprakash Prachee
*Peer Reviewed and Referred Research Journal*

# 'ସମର୍ପଣ' ଓ 'ସମ୍ମୋହନ'ର ଅଦୃଶ୍ୟ ଝୋଟିଚିତା : ଛନ୍ଦାଚରଣଙ୍କ କବିତା

**ଡ. ଆଲୋକ ବରାଳ**

ଛନ୍ଦାଚରଣ ଆଚାର୍ଯ୍ୟ (୧୯୫୯-୧୯୯୫) ଓଡ଼ିଶାର ଚିତ୍ରକଳା ଓ କବିତାର ଆକାଶରେ ଉଲ୍‌କା ଭଳି ଦେଖାଦେଇ ହଜିଯାଇଥିଲେ ହେଁ ସେ ଉଲ୍‌କାର ଆଲୋକ ଛାଡ଼ିଯାଇଛି ଅଦ୍‌ଭୁତ ବିକିରିତ ଆଲୋକରଶ୍ମି । ଶିଳ୍ପୀ ଛନ୍ଦାଚରଣଙ୍କ ଚିତ୍ରରେ କବିତାକୁ ଏବଂ କବିତାରେ ଚିତ୍ରକୁ ଏକତ୍ର ଦେଖିହୁଏ । କବିତା ଓ ଚିତ୍ରର ଅଦ୍‌ଭୁତ ଯୁଗଳବନ୍ଦୀ ଥିଲା ଛନ୍ଦାଙ୍କ ସର୍ଜନ । କବି ଛନ୍ଦା କହିଲେ - ମନେ ପଡ଼େ ନିହାତି ପ୍ରେମିକ ମଣିଷଟିଏ; ଗୀତ ଗାଉଚି ଦୂର କେଉଁ ତାଳବଣ ଘେରା ଗାଁ ଭିତରେ ଅବା ଏକାଏକା ସମୁଦ୍ର କୂଳରେ । କବି ଛନ୍ଦାଚରଣଙ୍କ 'ଚଇତି ଓଠର ଚିଠି' ପରେ 'ଅର୍କବିଗ୍ରହ' ଅନ୍ୟ ଏକ ସମ୍ଭାବନାପୂର୍ଣ୍ଣ କାବ୍ୟିକ ଅଭିବ୍ୟକ୍ତି । 'ଅର୍କବିଗ୍ରହ' (୧୯୯୫) ଆତ୍ମପ୍ରକାଶ କରିଥିଲା କବିଙ୍କ ମୃତ୍ୟୁପରେ । ଯାହାର ସବୁଯାକ କବିତା ଅନାମିକା । ଯାହାକୁ ନିଜେ ଚୟନ କରିଥିଲେ କବି । କବିତା ଓ ଚିତ୍ରର ଅଭିନବତାକୁ ବହନ କରୁଥିବା 'ଅର୍କବିଗ୍ରହ'ର ସ୍ୱାତନ୍ତ୍ର୍ୟଟି ତେଣୁ ଅଲଗା । 'ଅର୍କବିଗ୍ରହ'କୁ ସାମ୍ନାରେ ରଖି ଶିଳ୍ପୀ ଛନ୍ଦାଚରଣଙ୍କ କବିତାମାନଙ୍କ ଦୃଷ୍ଟିକୁ ବିଶ୍ଳେଷଣ କରିବା ଏ ଆଲେଖ୍ୟର ଲକ୍ଷ୍ୟ ।

### ସ୍ମୃତି ମୋର ସାଇତା ସପନ :

ଛନ୍ଦାଚରଣଙ୍କ କବିତା ସ୍ମୃତିରେ ମହମହ ଏକ କାବ୍ୟ-ପରିଧି । ସେ ସବୁ ସ୍ମୃତି ଛନ୍ଦାଚରଣଙ୍କ କବିତା ସହ ଚିତ୍ରଗୁଡ଼ିକରେ ଛାଡ଼ି ଦେଇଚି ଗହୀର ଚିହ୍ନ! "ତାର ସ୍ମୃତି ସ୍ମୃତି, ଶେଷ ନିଶାଣ (ପୃ - ୪୧) । ଛନ୍ଦାଚରଣଙ୍କ ପ୍ରେମିକା ଭଳି ଏକ ଅନୁଭବ । ଯାହା ଜୀବନକୁ ଟାଣିଧରୁଥାଏ ପ୍ରତି ମୁହୂର୍ତ୍ତରେ । ସ୍ମୃତି ଏକ ଜୀବନ୍ତ ପ୍ରତିମା ସଦୃଶ, ଯାହାର ରହିଚି ମଧ୍ୟ ବୟସ ଓ ସମୟ : "ସ୍ମୃତିଗୋ କେମିତି ବୁଝନି ସତରେ/ଦିନ ସରି ସରି ଯାଏ/ ଅଳତାରଙ୍ଗା ଅଳସୀ ତୁମର ପାଦ/ କେତେ ଆଚକିତ କରିଦେଇ ସତେ/ ଆହୁରି ଆଗକୁ/ ମତେ ଭିଡ଼ିନେଇ ଯାଏ (ପୃ - ୪୬) । ଛନ୍ଦାଙ୍କ ପାଇଁ ସ୍ମୃତି ଏକ ବ୍ୟାପ୍ତ ଜୀବନବୋଧ, ଯାହାର ପରିସୀମା ଅନନ୍ତ ଆଉ ଅସୀମ ।

ଛନ୍ଦାଚରଣଙ୍କ କବିତାରେ ସ୍ମୃତି ଭଳି ଅତୀତ, ସତ୍ୟଶୀଳ-ମନ୍ତ୍ରମୁଗ୍ଧ ଏକ ବାତାୟନ । ସେ ଅତୀତ ସବୁବେଳେ ଜୀବନ ସହ ଛାଇ ହୋଇ ଚାଲିଥିବାର ଏକ ପ୍ରକ୍ରିୟା । ଜୀବନ ସହ ଯୋଡ଼ି ହୋଇଥିବା ଅବିଚ୍ଛିନ୍ନ ଏକ ଏକ ଗଭୀର ପ୍ରତ୍ୟୟ ।

ମଣିଷକୁ ଅନୁସରଣ କରୁଥିବା ଭଳି ସମ୍ମୋହନ; ଯାହାକୁ ଭୁଲିହୁଏ ନାହିଁ; ପୋଛିଦେଇ ହୁଏ ନାହିଁ: ଅତୀତ କିନ୍ତୁ "ସେମିତି ରହିବ/ଚଢ଼ାଉତୁରା ଭିତରେ,/ ତାକୁ ପୋଛିଦେଇ ହବନି/ତାକୁ ଭୁଲିହବନି/ସତ ବା ଏମିତି ଲୁଚିବ କେମିତି ଅନ୍ଧାରେ" (ପୃ-୧୩) । ସବୁ ଅତୀତ; ଅତୀତ ନୁହେଁ । ଯାହା ସତ୍ୟ, ତାହା ହିଁ ଅତୀତ ହୋଇ ରହିଯାଏ ସଦାକାଳ । ସେଇ ଯନ୍ତ୍ରଣା ଆଉ ଅନୁରାଗରେ ମଣିଷ ବ*ଥାଏ କାଳ କାଳ । ସନ୍ତପ୍ତ ଜୀବନବୋଧ ତଳେ ଲଟେଇ ଥିବା ମହକିତ ଇଲାକାଟି ଅତୀତର ମହକରେ ଭରିଛି (ପୃ-୨୩) । ଛନ୍ଦାଚରଣୀୟ କବିଆତ୍ମା ସବୁବେଳେ ଝୁରି ହୋଇଛି ଅତୀତ ସହ; କବି ପାଇଁ ଆତ୍ମା ଭିତରେ ଲୁଚି, ସଂଶୋଧିତ ହୋଇ ସାଇତା ହୋଇଥିବା ସପନ ହିଁ ଅତୀତ: ସ୍ମୃତି ଆଗୋ ମୋର ସାଇତା ସପନ (ପୃ-୨୭) । ଯେମିତି ଅତୀତ ମୋର ସ୍ମୃତିମୋର ଚିରଞ୍ଜିବୀ ହେବ (ପୃ-୩୫) । ଅତୀତକୁ ଚିରଞ୍ଜିବୀ ରଖିବାରେ ବିଶ୍ୱାସୀ କବିଆତ୍ମାଟି ଦୁଃଖ ଆଉ ଅବସାଦରେ ଭରା, ଅଥଚ ସେଇ ସବୁ ସ୍ମୃତି ପାଇଁ ବିଭୋର ଓ ଚ*ଳ ହୋଇ ଉଠିଚି ଛନ୍ଦାଚରଣୀୟ ଆବେଗ । ନଚେତ୍ ଅତୀତକୁ ସତ୍ୟ, ସାଇତା ସ୍ୱପ୍ନ, ଜୀବନର ମହକିତ ଇଲାକା କହୁଥିବା କବି, କେବେ ହେଲେ କହିପାରେ "ଅତୀତ : ଆଞ୍ଜୁଳାରେ ମୋର, ମୋ ନିଜର ଲୁହଟୋପେ ପରି" (ପୃ-୩୫) ।

### ଏକା ଏକା ସମୁଦ୍ରର କୂଳେ :

ଜୀବନ ପ୍ରତି ଅପୂର୍ବ ସମ୍ମୋହନ ଆଉ ବିଭୋର କବି ଛନ୍ଦାଚରଣଙ୍କ କବିତାରେ ମଣିଷଟି ଅତ୍ୟନ୍ତ ନିଃସଙ୍ଗ (ଯା ଜୀବନ ବିରାଟ ଶୂନ୍ୟତା/ତାକୁ କାହିଁ ପଚାରୁଛୁ ସପନର କଥା (ପୃ-୫୬) । ସେ ନିଃସଙ୍ଗତା ଭିତରେ କାବ୍ୟପୁରୁଷଟି ସବୁବେଳେ ଜୀବନମୁଖୀ ଆଉ ଊର୍ଦ୍ଧ୍ୱମୁଖୀ । ଅଥଚ ଜୀବନ ପ୍ରତି ରଖିଛି ଅପୂର୍ବ ଅନୁରାଗ ।

ପ୍ରତ୍ୟେକ ମଣିଷ ଯେ ଏକଲା ଗୋଟିଏ ମଣିଷ, ଆଉ ତାର ବାଟ ଚାଲିବାର ଏକାକୀତ୍ୱକୁ "କେହି କୁଆଡେ ନାଇଁ କିଛି/ ଏକା ଏକା ସମୁଦ୍ର କୂଳରେ (ପୃ-୭) କାବ୍ୟାଂଶଟି ପ୍ରତୀକିତ କରୁଚି । ପ୍ରାତ୍ୟହିକ ମର୍ତ୍ତ୍ୟ ଜୀବନରେ 'ଅର୍କବିଗ୍ରହ'ର କାବ୍ୟପୁରୁଷ ବିତସ୍ପୃହ ! ଜାଗତିକ ଭିଡ ଭିତରେ ଏକାକୀତ୍ୱର ଯନ୍ତ୍ରଣା ଭିତରେ ସେ ସନ୍ତ୍ରସ୍ତ (ଶୂନ୍‌ଶାନ୍ କୋଠରିରେ ଏକା ଏକା/ ଖୁବ୍ ଅସହାୟ, ପୃ-୧୯) କାବ୍ୟପୁରୁଷ ଅମର୍ତ୍ତ୍ୟ-ଦେହାତୀତ ହୋଇ ଜୀବନର ବିପୁଳତାକୁ ଉପଲବ୍ଧି କରିବାରେ ସମ୍ମୋହିତ ସେଇ ଭାବନାରୁ ଆକାଶର ଏକୁଟିଆ ତାରା ସହ ଜୀବନର ଆଧିଭୌତିକ ସମୀକରଣରେ କବି ଆତ୍ମାଦୀପ ଜାଳୁଥାଏ । ନିର୍ବାପିତ ହେବାର ନିଶାରେ, ପୃ-୨୦) ବଂଚିଥିବା ପୃଥିବୀ ସହ ଛନ୍ଦାଚରଣୀୟ କାବ୍ୟପୁରୁଷର ସମ୍ପର୍କଟି ଅଦ୍‌ଭୁତ ଧରଣର । ସେଇ ପୃଥିବୀ ସହ ଏକ ପ୍ରକାର ଛାୟାଚ୍ଛନ୍ନ ବିଚ୍ଛିନ୍ନତା ଭାବ ଲୁକ୍‌କାୟିତ (ସପନର ଫୁଲ କିଛି/ଇମିତି ପଡିଛି ଆସି ମୋ ନିସଙ୍ଗ ଶେଯେ,/ମୋ ଆଖିର ନିଦ ସବୁ ଉଭେଇ ଯାଇଛି/ମୋ ନିଜର ଇଲାକାଟି, ପୃ-୨୩) । କାରଣ ସେ ଜୀବନସାରା ଖୋଜି ହେଉଥାଏ ମନର ମଣିଷଟେ/ ଆପଣାର ପାପଭର୍ତ୍ତି ପାପୁଲିରେ ଯିଏ ହାତ ଥାପି, ଘଷିଦେବ/ ପୃଥିବୀକୁ,/ମୁଁ ଯାରା ଅଂଶୀଦାର ବୋଲି, ପୃ-୩୦) । ଏହି ଅନ୍ୱେଷଣରେ କବିର ଆକୁତି ଦେହରୁ ଦେହାତୀତ ଆଡକୁ ପ୍ରଲମ୍ବିତ (ମତେ ଏକାକୀ ଛାଡ଼ି ଦିଆ ହେଇଛି.../ କିଏ ତମେ !/ ଯିଏ ପରଶି ଯାଉଛି ଏ ନିଃସଙ୍ଗ ନିର୍ଜନତା ? ଆସ,/ନିବିଡ ହୋଇ ଆସ/ ଏ ନିର୍ଜନତାରୁ ଅଧିକ ଅନ୍ତରଙ୍ଗ/ଏ ନୀରବତାରୁ ଆଉରି ମୁଖର/ ସ୍ଥିତି, ଶୂନ୍ୟ/ ଶେଷ ମହାଶେଷ ହେଇ, ପୃ-୩୪) ।

ନିଃସଙ୍ଗତା ଛନ୍ଦାଚରଣଙ୍କ କବିତାର ଅନ୍ତରୀଣ ଏକ ଯୋଗସୂତ୍ର, 'ଅର୍କବିଗ୍ରହ'ର ପ୍ରଚ୍ଛନ୍ନରେ ଏହି ନିଃସଙ୍ଗଭାବ ଛାଇ ହୋଇ ଲାଖି ରହିଛି । ଏହି ନିଃସଙ୍ଗତା କାବ୍ୟ-ଦର୍ଶନ ପ୍ରତିମ 'ଅର୍କବିଗ୍ରହ'କୁ ଊର୍ଦ୍ଧ୍ୱଗାମୀ କରିଛି; ତଥା ସୃଷ୍ଟି ରହସ୍ୟର ଏକା ଏକା ବାଟଚାଲିବାର ଅବବୋଧକୁ ପ୍ରତୀକିତ କରୁଛି : "ମୋତେ ଲାଗେ ବହୁ ଦୂର/ଯେମିତି କି ମୋ ମା କହୁଛି/ ନିଜ ଗାଲ ନିଜେ ଥାପୁଡେଇ/ନିଜ ପାଇଁ ନିଜେ ଗୀତ ଗାଇ ଚୁପ୍‌ଚାପ୍ ଶୋଇପଡ/ ଶୋଇ ପଡ ବାପା" ।

## ରହସ୍ୟ ନଈର ସୁଏ ଉବୁଟୁବୁ ଡଙ୍ଗା :

'ଅର୍କବିଗ୍ରହ'ରେ ଛନ୍ଦାଚରଣଙ୍କ ଜୀବନଦର୍ଶନ ଅତ୍ୟନ୍ତ ସୂକ୍ଷ୍ମ । ଯାହାକୁ ସ୍ଥୂଳତାରେ, ପାର୍ଥିବତାରେ ଓ ଇନ୍ଦ୍ରିୟଦ୍ୱାରା ଉପଲବ୍ଧ କରିହୁଏ ନାହିଁ । ରହସ୍ୟମୟ ରୂପକଳ୍ପର ପରିଧିରେ ସେ ଦର୍ଶନ ପ୍ରତୀକିତ । ଯେଉଁ କବି ପାଇଁ ଜୀବନ ବର୍ଷା ବୁଦ୍‌ବୁଦ୍ ଭଳି, ଡବ୍‌ଡବ୍/ ଧାଉଁ ଥାଏ ଜୀବନ, ସୁଖରେ-/ ଥିବା ଯାଏଁ ଦିଶୁଥାଏ,/ହଜିଗଲେ ପଡେ ନାହିଁ ଚିହ୍ନା (ପୃ-୫୮) ଆଉ ମୃତ୍ୟୁ: ନା ଆସିବା ବେଳ ଜଣାଏ/ ନା ଗଲାବେଳ କହିଦେଇ ଯାଏ/ଚୁପ୍‌ଚାପ୍ ଆସେ/ଆଉ ଆପଣା ଇଚ୍ଛାରେ/ବଗିଚାର ଫୁଲ ପରି/ ତୋଳି ନେଇ ଯାଏ (ପୃ-୪୪) । ଜୀବନ ସହ ମୃତ୍ୟୁଚେତନା (Death Consciousness) ଯୋଡିହୋଇ ରହିଚି 'ଅର୍କବିଗ୍ରହ'ରେ । 'ଅର୍କବିଗ୍ରହ'ର କାବ୍ୟପୁରୁଷର ଜୀବନବୋଧ ଏକାନ୍ତ ଏକଲା । ଜୀବନ ତା ଆଗରେ ବିଶାଳ ଓ ବିସ୍ତୃତ ! ପୁଣି ମୃତ୍ୟୁ ଆକସ୍ମିକ ଓ ଅପ୍ରତ୍ୟାଶିତ ପହଂଚିଥିବା ଅତିଥିଟିଏ । ଛନ୍ଦାଚରଣଙ୍କ ପାଖରେ ମୃତ୍ୟୁ ଭୟପ୍ରଦ ନୁହେଁ । ଜୀବନ ଏକ ଋତୁ ଭଳି । ଗୋଟିଏ ଫୁଲ ବଗିଚା (କଢଠାରୁ ଫୁଲ ଫୁଟି ଝରି ଯିବା ଯାଏ/ଆରେ ସଖି; ମାତି ଯିବା/ଏଇ ଦେଖ ବସନ୍ତଟି ବିତି ବଢି ଯାଏ (ପୃ-୨୯) । ଛନ୍ଦାଚରଣଙ୍କ ପାଇଁ ଜୀବନ କେତେବେଳେ ବସନ୍ତ ଭଳି; ପୁଣି ସେଇ ବସନ୍ତଟି ମୃତ୍ୟୁଭଳି (ଋତୁଟେ ଝଡିଗଲା ଦେଖ ଲୁହ ଟିକେ ଝରିଲାକି/ଋତୁଟେ ବଦଳିଗଲା ଦେଖ/ମେଘଟିକେ ଘୁଂଚିଲା ଓ ହସଟେ ଚହଲିଲା ତ; ପୃ-୫୦) । ମୃତ୍ୟୁମନସ୍କ ଜୀବନ-ସରଣିରେ ଜୀବନ ଅଛୁଆଁ ରହସ୍ୟମୟ ଅଥଚ ଏକ ଅବ୍ୟକ୍ତ ଶିହରଣ: ତା ଛାତିରେ ଖୁବ୍ ଶିହରଣ,/ସେ କିନ୍ତୁ ଚହଲେନି/କି ଚହଲାଏ ନାଇଁ ।/ଦୂରେ ଥାଏ-/ ଦହୁଥାଏ/ହାତ ବଢେଇଲେ/ମୋଟେ ଛୁଇଁ ହୁଏ ନାଁ (ପୃ-୪୩) । 'ଜୀବନ' ଅଥବା 'ମୃତ୍ୟୁ' ଛନ୍ଦାଚରଣଙ୍କ କବିତାରେ ମୁଦ୍ରାର ଦୁଇ ପାର୍ଶ୍ୱପରି ପରିପୂରକ । ତାହା ରହସ୍ୟମୟ ଦୁଇଟି ନାଁ କେବଳ । ବେଳେ ବେଳେ ତାହାର ରୂପବୋଧ ପ୍ରେୟସୀ ପ୍ରତିମ ସନ୍ତର୍ପଣେ ଠିଆ ହୋଇ ଥିବା ପ୍ରେମିକା ଭଳି ଅପୂର୍ବ ରୋମାଣ୍ଟିକତାରେ ଭରା; ତ ଆଉ କେତେବେଳେ 'ମୃତ୍ୟୁ'ଏକ ମଧୁର ବର୍ଷାର ପ୍ଲାବନ;ଋତୁର ମହ୍ଲାର ଅବା ବସନ୍ତର ମହକିତ ସୁରଭି । ଛନ୍ଦାଚରଣଙ୍କ କବିତାରେ ଜୀବନମାନେ ହିଁ ମୃତ୍ୟୁ ଆଉ ମୃତ୍ୟୁମାନେ ହିଁ ଜୀବନ !

## ଆସିବ ଆସିବ ହେଇ ଆକାଶର ରଙ୍ଗ ବଦଳିଲା :

ଛାୟାଚ୍ଛନ୍ନ ରୋମାଣ୍ଟିକ ଭାବନା ସମଗ୍ର ଛନ୍ଦାଚରଣୀୟ କାବ୍ୟ-ପରିଧିର ପ୍ରମୁଖ ଏକକ । ସେଥିରୁ 'ଅର୍କବିଗ୍ରହ' ବିଚ୍ୟୁତ ନୁହେଁ । ଜୀବନ-ମୃତ୍ୟୁ-ଆଧିଭୌତିକତା-ମାଟିମନସ୍କତା-ଅନୁରାଗ-ସଂବେଗର କାବ୍ୟିକ ଉଲ୍ଲମ୍ଫନ, ସବୁରି ଭିତରେ ଛପି ରହିଚି ଛନ୍ଦାଚରଣୀୟ ରହସ୍ୟମୟ ରୋମାଣ୍ଟିକ୍ ଅବବୋଧଟିଏ । ଏ ରୋମାଣ୍ଟିକ ଆବେଗଟି ପ୍ରେମ ନୁହେଁ । ଏ ରୋମା[କିତା ନିଃସଙ୍ଗ, ବିଷାଦକୈନ୍ଦ୍ରିକ ଜୀବନଧର୍ମୀ ଏକ ଏକ କାବ୍ୟିକ ଉଚ୍ଚାଟନ । ସେହିଭଳି ଛନ୍ଦାଚରଣଙ୍କ କବିତାରେ ପ୍ରେମର ପରିଧିଟି ସଂପୂର୍ଣ୍ଣ ନିଆରା । (ପ୍ରେମ ଶବ୍ଦଟିଏ/ସମ୍ପର୍କର/କାମ-ରୂପ/ଦେହ ଆଧାର/

ମନ ଦୀପାଳିଟିଏ/ହୃଦ ଆଲୋକ,/ ବାସ୍ନା ସପନ.../ତାଡି ପଲକ ।/ ତା'ର ସ୍ମୃତିର, ସ୍ମୃତିରେ ଶେଷ ନିଶାଣ/ତା'ର ଏକାନ୍ତ ଏକାନ୍ତ, ଚିର ମଗନ" (ପୃ-୪୯) । 'ଅର୍କବିଗ୍ରହ'ରେ ପ୍ରେମ କେଉଁଠି ହେଲେ ସିଧାସଳଖ ପ୍ରେମିକା ସତ୍ତା ସହିତ ସନ୍ତର୍ପଣେ ଠିଆ ହୋଇନାହିଁ । ସବୁଠି ଅଦ୍ଭୁତ ଏକ ରହସ୍ୟମୟତା, ପ୍ରକୃତିର ନୀରବ ସଂସର୍ଗରେ ଅବିରତ ଛାଇ-ଆଲୁଅର ଖେଳ ଭିତରେ ପ୍ରତୀୟମାନ: "ଫୁଲ ମିଳୁକି ପତର/ଲୁହ ମିଳୁକି କାକର/ଯାହା ମିଳିଲା ସବୁ ମୋର । ଛନ୍ଦାଚରଣଙ୍କ କବିତାରେ 'ତୁ' ଅମୀମାଂସିତ ଏକ ବ୍ୟକ୍ତିସ□।! ସେହି 'ତୁ' ବ୍ୟାପି ରହିଛି ସମଗ୍ର ଛନ୍ଦାଚରଣୀୟ କାବ୍ୟଭୂଗୋଳକୁ । 'ଅର୍କବିଗ୍ରହ'ରେ ସେଇ 'ତୁ' ଟି ହୋଇପାରେ ପ୍ରେୟସୀ; ହୋଇପାରେ ପ୍ରକୃତି; ହେଇପାରେ ଈଶ୍ୱରୀୟବୋଧ ଅବା ଅବୋଧ୍ୟ ନିରାକାର ଜୀବନ ଅବା ମୃତ୍ୟୁ: "ଚିତ୍ରାଧାର ପୃଷ୍ଠାତଳୁ/ଉତୁରି ଆସୁ ତୁ...ତୁ...ତୁ.../ଏ ବିଶ୍ୱସତ୍ତାଟି 'ତୁ' ମୟ ହୋଇଯାଏ' (ପୃ-୧୯) ।

'ଅର୍କବିଗ୍ରହ'ରେ ଅପେକ୍ଷାର ଭାବ ସହ ରୋମାଣ୍ଟିକତା, କବିତା ଭିତରେ ନିବିଡ ହୋଇ ରହିଚି : "ବରଷା ଆସିଲା, ବାଦଲ ଆସିଲା ସିନା/ତମେ ଆସି ନାହଁ ଭଲ ଲାଗେ ନାହିଁ ଜମା/ ଆକାଶେ ଦେଖିଲେ ଗେଣ୍ଡାଳିଆର ଯୋଡି/ସ୍ମୃତି ! ତମ କଥା କୋହ ହୋଇ ମୋର/ ଛାତି ତଳେ ଯାଏ ଭରି, (ପୃ-୨୧) । ପ୍ରକୃତିର ନିସର୍ଗ ରମଣୀୟତା ଭିତରେ ଅପେକ୍ଷାର ମଧୁର ଅଭିସାର (ତୁ ଖାଲି ଆସିଲୁନି, ଚଇତ ଆସିଲା.../ତୋ ସପନ ନ ସରୁଣୁ ରାତି ପାହିଗଲା/..ସେ ଚଇତ ସେ ସକାଳେ ଲାଭ କ'ଣ ?(ପୃ-୧୮) । ଛନ୍ଦାଚରଣଙ୍କ କବିତାରେ କାବ୍ୟପୁରୁଷ ପ୍ରେୟସୀକୁ ଅପେକ୍ଷା କରୁଚି-ଋତୁ ଯାଏଁ । ଜୀବନ ବଂଚିଚି ଏକ ମୁଗ୍ଧ ସମ୍ମୋହନରେ । ସେଇ ପ୍ରେମର ଅପୂର୍ବ ଶିହରଣର କୌଣସି ସ୍ୱାଦ ନାହିଁ, ନାହିଁ ମଧ୍ୟ ସଂଜ୍ଞା । ଚୈତ୍ରର ଶିହରଣ ପରି ସେ ଖାଲି ଛୁଇଁ ଯାଉ ଥାଏ ଦେହକୁ; ସରି ସରି ଯାଉ ଥାଏ ବସନ୍ତର ମାଦକତା (ଆରେ ସଖି; ମାତି ଯିବା- ଏଇ ଦେଖ ବସନ୍ତଟି ବିତି ବିତି ଯାଏ । (ପୃ-୨୯) । ସ୍ୱପ୍ନରେ, ଅପେକ୍ଷାରେ 'ଅର୍କବିଗ୍ରହ'ର କାବ୍ୟପୁରୁଷ ବିତାଉ ଥାଏ ଜୀବନ (ମୁଁ ଅଧୀର ହାତ ବଢ଼େଇଲେ/ସପନ ସରୁଚି, ପୃ-୩୨) । ଅଥଚ ପ୍ରାଣର ପ୍ରେୟସୀକୁ କହୁଥାଏ ବାରମ୍ବାର ଯେ, ଏ ପ୍ରେମର ଋତୁ ନ ଶୁଖିଯାଉ ଯେମିତି : "ପ୍ରିୟତମା;/ ତମ ଆଖିର ମହୁଲି ପିଇ/ଜନମ-ଜନମ, କୋଟି ଜନମ/ ଏମିତି ଯିବି ମୁଁ ଜୀଇଁ/ କଥାଦିଅ ମୋତେ/ ପାଗଳ ଭଅଁର କହି/ମୁଦା ପାଖୁଡାରେ/ପ୍ରେମକୁ ଆମର ଶୁଖାଇ ମାରିବ ନାଇଁ (ପୃ-୪୦) । ଯେଉଁଠି କାବ୍ୟପୁରୁଷ ଯିଏ ଯେଉଁଠି ଥିଲେ ମଧ୍ୟ ନିତି ଯେ ପ୍ରେୟସୀ ସହିତ ତା'ର ମିଳନ ହୁଏ ବୋଲି (ଯେହେତୁ ଏଇଠି ନିତି/ଦେଖାହୁଏ ତମରି ସାଥିରେ/ ଖୋଲାଖୋଲି ସପନ ସାଥିରେ, ପୃ-୩୮) ଜାଗତିକ ପ୍ରେମର କଥା କହୁଥିଲେ ହେଁ, ପୁଣି କେଉଁଠି ସେଇ ପ୍ରେମ ଲାଗେ ଅସ୍ପଷ୍ଟ, ଧୂମାଭ ଆଉ ରହସ୍ୟମୟ : "କେତେ ଯେ କଷ୍ଟ ଖୋଜିଛି/ତତେ ମୁଁ ମଉନେ/ ଚୁମିବି ବୋଲି ତୋ ଚିତ୍ର/ ପ୍ରତିମା ଗୋପନେ,/... ଆଞ୍ଜୁଳାଏ ମୋ ଅଶ୍ରୁରେ/ ଆଜି ଭରପୂର/ସ୍ମୃତିରେ ସହଜ ଏତକ/ ପ୍ରୀତିର ଉପହାର,/ପ୍ରାର୍ଥନା ହେଉ କଣ୍ଠେ/ସରଳ ସୋହାଗର/ ମୁଗ୍ଧମାନସେ ଚୁମୁଥାଏଁ/ତୋର ପାଦତଳ" (ପୃ-୪୩) । ଛନ୍ଦାଚରଣଙ୍କ କବିତାରେ ପ୍ରେୟସୀ ଯେଉଁଠି ସ୍ପଷ୍ଟ ପ୍ରତୀୟମାନ, ସେଇଠି ମିଳନର ମଧୁଛନ୍ଦା ବର୍ଷିଛି । ସେଇଠି କାବ୍ୟପୁରୁଷ ସାଜିଛି ସାଧାରଣ ମାନବଟିଏ: "ତମ ନୀବିବନ୍ଧର ଆନିକଟ୍‌ରେ/ନଜରବନ୍ଦି ମୁଁ ନଦୀ,/ତମେ ଖସେଇ ନଉଛ ପଣତ ତ/ମୁଁ ଉତ୍‌କି ଉଠୁଛି ।" (ପୃ-୨୬)

### ହେ ମୋର ପ୍ରିତମ ମାଟି :

ଅମର୍ତ୍ତ୍ୟ ଭାବବୋଧ ସହ ଛନ୍ଦାଚରଣଙ୍କ କବିସତ୍ତା ନିମଗ୍ନ ହୋଇଥିଲେ ହେଁ ତା ଭିତରେ ସଂସ୍ରବିତ ହୋଇ ରହିଛି ମାଟି ପ୍ରତି ତୀବ୍ର ଭଲ ପାଇବା । "ଯେତେ ଯେତେ ମୁଁ ଗୋ ଉତ୍ତାଳ ହେଇଛି/ ଅସ୍ଥିର ଏ ମୋ ଛାତି"(ପୃ-୪) । ଏଠି ସ୍ମରଣକୁ ଆସେ କବି ମାୟାଧର ମାନସିଂହଙ୍କ 'ଦେବଶିଶୁ' କବିତା ସହ କବି ବିନୋଦ ନାୟକଙ୍କ 'ଏ ପୃଥ୍ୱୀ' କବିତା ଦ୍ୱୟର ଭାବ । ଯେଉଁଠି ଊର୍ଦ୍ଧ୍ୱମୁଖୀ ହୋଇ ମଣିଷ ଯେତେ ଉପରକୁ ଉଠିଗଲେ ହେଁ, ତାକୁ ପୁଣି ଶେଷରେ ଏ ମାଟିକୁ ହିଁ ଫେରିବାକୁ ହୋଇଥାଏ । ତା'ର ଆପଣାର, ଏ ମାଟି ହିଁ ତା'ର ଚିର ପରିଚିତ ଆଉ ସର୍ବଦା ଅନ୍ତରଙ୍ଗ । ଏ ଦୁଇ କବିତାରୁ କିଂତୁ ଅଲଗା ଚନ୍ଦାଚରଣଙ୍କ ଅଭିବ୍ୟକ୍ତି । ଏଠି ମାଟିର ତୀବ୍ର ଭଲ ପାଇବା ଉପରକୁ ଉଠିବାକୁ ଦେଉନାହିଁ । ଛନ୍ଦାଚରଣଙ୍କ ସେଇ ମାଟିମନସ୍କତାରୁ ଆକାଶ ସେଇଠି ବିସ୍ତୃତ ଆଉ ବିଶାଳ : "ମୁଁ ସିନା ତୋ'ର ବିଶାଳତା/ ମାପି ପାରିନିରେ ଆକାଶ ।/ ତୁତ ମତେ ଚିହ୍ନିଯାଇଥିବୁ" (ପୃ-୨) । ଛନ୍ଦାଚରଣଙ୍କ ମାଟିମନସ୍କତା ପୃଥିବୀରେ ସୀମାବଦ୍ଧ: "ତୁ ତ ସିନା ଉଡିବୁଲୁ,/ପକ୍ଷୀ ତୁଇ; ଦୁଇ/ ତୋ ଆଗରେ ଅସୀମ ଆକାଶ,/ ମୁଇଁ କିନ୍ତୁ ଅସହାୟ/ସୀମାବଦ୍ଧ ପୃଥିବୀର-/ ଗୋଟାଏ ମଣିଷ" (ପୃ-୫) । କାବ୍ୟପୁରୁଷର ଆକାଶମୁଖୀ ହେବାର ଅଭୀପ୍ସା ଥିଲେ ହେଁ ଏ ମାଟି ତାର ଅତି ଆପଣାର (ହେ ମୋର ପ୍ରିୟତମା ମାଟି, ପୃ-୩) । ମାଟିକୁ ଛାଡ଼ି ତା'ର ସତ୍ତାର କଳନା ନାହିଁ । ଅସ୍ତିତ୍ୱ ନାହିଁ । ମାଟିରୁ ଆକାଶକୁ ଚାହିଁଲେ, ମାଟିଠାରୁ ବିଚ୍ଛିନ୍ନ ହେଉଥାଏ ମଣିଷର ଭାବନା । ଏଠାରେ କବିଦୃଷ୍ଟି ରୂପାୟିତ ହୋଇଛି ଭିନ୍ନ ଭାବେ: "ମାଟିରୁ ଯଦି କେ ଆକାଶକୁ ଚାହେଁ/ମାଟି ଆଉ ଦିଶିବକି" ?(ପୃ-୨୪) । ଊର୍ଦ୍ଧ୍ୱମୁଖୀ ଆଉ ମାଟି ପ୍ରତି ଆକର୍ଷିତ ହେବା ଭଳି ଦୁଇ ଦ୍ୱନ୍ଦ୍ୱାତକ ଭାବ

ଛନ୍ଦାଚରଣଙ୍କ କବିତାରେ ବେଶ୍ ହୃଦ୍ୟ । ଯାହା ଭିତରେ ଅନୁଭବି ହେବ ମେଟାଫିଜିକାଲ ଅନ୍ତର୍ବୋଧକୁ ।

### ସମୁଦ୍ର ବି ଦେଖାଯାଉ ଲୁହଟୋପେ ପରି :

ସୃଷ୍ଟିର ବିଶାଳତା ଆଗରେ ନିଜକୁ ତୁଚ୍ଛକରି – ମଣିଷ ଯାବତୀୟ ଦୁଃଖ, କଷଣ, ପୀଡନ, ସଂନ୍ତ୍ରସ୍ତ ଭାବକୁ ନିଜ ଭିତରେ ମିଶାଇ ଦେବା ଭଳି ଏକ ଅହଂଶୂନ୍ୟ ଅବବୋଧ 'ଅର୍କବିଗ୍ରହ'ରେ ଆଲୋକିତ ହୋଇ ଉଠୁଥିବା ଦିଗ୍‌ବଳୟଟିଏ । ଏକ ବିଶ୍ୱମୟ ପ୍ରାଣର ସମର୍ପଣ ଭାବ ସହିତ ସ୍ୱୀୟ ହୃଦୟକୁ ବ୍ରହ୍ମାଣ୍ଡ ଭଳି ବ୍ୟାପ୍ତ କରିଦେବାର ଅଭୀପ୍ସା କବିତାରେ ବେଶ ଛଳ ଛଳ : "ଏମିତି ଆଖିଟେ ଦେ/ଯେ ସମୁଦ୍ର ବି ଦେଖାଯାଉ/ ଲୁହଟୋପେ ପରି/ ଆଖିର କୋଣରେ" (ପୃ-୧) । ସେହିଭଳି "ମୁଁ ତୋର ଦରଦୀବନ୍ଧୁ ତୋ'ର ଦୁଃଖର" (ପୃ-୧୫) କାବ୍ୟ-ପଂକ୍ତି ଭିତରେ ଜୀବନକୁ ଅନ୍ୟ ପାଇଁ ଉତ୍ସର୍ଗ କରିବାର ଆକୃତି ସ୍ପଷ୍ଟ ! ଜୀବନ ପ୍ରତି, ପୃଥିବୀ ପ୍ରତି ଅନୁରାଗବୋଧ ସହ ମଣିଷକୁ ଭଲପାଇବାର ପ୍ରତ୍ୟାଶାରୁ ଅନେକତ୍ର କବିତାଗୁଡ଼ିକରେ ଶୁଣିବାକୁ ମିଳେ ଦୁଃଖକୁ ପିଇ ଦେବାର ଶବ୍ଦ !: "କ'ଣ ନ ଲାଗେ ସତେ/କହ ଯେତେ ପାଖୁଡା ମେଲାଏ/ ବାସ୍ନାବାରି ବସିପଡେ ପ୍ରଜାପତି/ଫୁଲ ପାଖେ ମୌନ-ମୁଖର,/କ'ଣ ସତେ ନ ଲାଗେ ଯେ, / ଜଣେ ଜଣେ ଯେବେ ଗୀତ ଗାଏ ନୀରବରେ/ଆଉ ଜଣେ ଶୁଣି ବସେ/ଆଖି କାନ ବନ୍ଦ କରି/ଖୋଲି ଦେଇ ଛାତିର ଦୁଆର" (ପୃ-୩୩) । ଏସବୁ ଭାବି ପାରୁଥିବା ଚେତନାର କବିଟି କିନ୍ତୁ ନିଜକୁ ମଣୁଥାଏ ତୁଚ୍ଛ କୁନି ଚଢେଇଟିଏ: "କିଛି ସ୍ୱପ୍ନ ଜିଇଁବାର.../କିଛି ସ୍ୱପ୍ନ ହଜିବାର..../ ନେଇ, ମୁଁ କୁନି ଚଢେଇଟେ" (ପୃ-୨) ।

### ପତ୍ରଝଡାର ଗୀତ ଏଇଠାରେ ସରୁ :

ଛନ୍ଦାଚରଣଙ୍କ ପାଇଁ କବିତା ହେଉଛି : "ଯୋଉ କବିତାରେ ଫୁଲଝରେ ଖାଲି/ଫୁଟିବାର କଥା ନାଇଁ/ସେମ୍ତି କବିତା ଆଉ ମୁଁ ଲେଖିବି ନାଇଁ/ ପତ୍ରଝଡାର ଗୀତ ଏଇଠାରେ ସରୁ/ ଲାଭ କ'ଣ ଯଦି ମୋର ଗୀତର ସୁରେ/ପଲ୍ଲବିଲାନି ତରୁ" (ପୃ-୪୯) । କବିତା କହିଲେ 'ନବସୃଜନର ମନ୍ତ୍ରପାଠ" ବୁଝିଥିବା କବି, ସୃଜନରେ ବିଶ୍ୱାସୀ କବି ପୁଣି କବି କହିଲେ ବୁଝେ : "ନା ମଣିଷ/ନା ଯୋଗୀ,/ କବି !/ ଗୋଟେ ଭୋଗୀ-ବଇରାଗୀ" (ପୃ-୪୨) । କବିକୁ ନେଇ ଛନ୍ଦାଚରଣଙ୍କ ଏ ଅଭିବ୍ୟକ୍ତିଟି ସ୍ପଷ୍ଟ ପୁଣି ଅସ୍ପଷ୍ଟ ! ନିଜ ସ୍ୱୀକାରୋକ୍ତିରେ କବିଟିଏ ତ୍ରିଶଙ୍କୁ ଭଳି ମଧ୍ୟ-ସ୍ୱର୍ଗର ପ୍ରବାସୀ । ଜୀବନ-ମୃତ୍ୟୁ, ସମୟ ଅସମୟ, ସ୍ଥିତି – ସ୍ଥିତିହୀନତାକୁ କୌଣସି ମୂଲ୍ୟ ଦେଉନଥିବା ଅଦ୍‌ଭୁତ ମଣିଷଟି ହେଉଛି କବି : "ତମ ନାଭିନାଡେ ବିସ୍ମୟ ଥିବା ଯାଏଁ/ଦେଖିବି ରହିଛି ଉନ୍ମେଷ ଚିରକାଳ/ ମରିନାଇଁ, ଶିବ ସମାନ ଶୋଇଛି/ କରୁଛି ଗରଳ ପାନ/ମୃଦୁ ଚୁମ୍ବନେ ଦେବ ସଖି, ଧନଦାନ/ତମ ଅମୃତ ଧାରେ/ଦେଖିବ ଖୋଲୁଛି ପଲକ କବିର/ଉଷ୍ମାର ଅଭିସାରେ" (ପୃ-୪୭) । ପୁଣି ସେଇ କବି ସ୍ୱୋଟହୀନ ଶବ୍ଦସବୁ ଧାର ଆଣି ଲେଖେ କବିତା : "ମୁଁ ତମର ଶବ୍ଦ ସବୁକୁ/ସଜେଇ ଦେଇ କବି ହୋଇଗଲି" (ପୃ-୩୭) । କବି ଛନ୍ଦାଚରଣଙ୍କ କାନ୍‌ଭାସ୍‌ରେ କବି ଏକ ଖିଆଲି ମଣିଷ ନୁହେଁ । ସ୍ଥିତିହୀନ ହୁଏତ ସ୍ଥିତିବାନ୍ ! ଅଦ୍‌ଭୁତ ଏକ ବ୍ୟକ୍ତିତ୍ୱଧାରୀ ଜୀବ । ଯାହାର ପରିଚୟ କେବଳ କବି । କବିର କଲମରେ ରୂପପାଏ ଅନୁଭବର ଚିତ୍ରିତ ପ୍ରତିମା । ତେଣୁ କବିତାର ଦର୍ପଣରେ କବି ନିଜେ ଆଶ୍ଚର୍ଯ୍ୟ ଚକିତ ! ତେଣୁ ସେ ପ୍ରିୟତମାକୁ ସଂବୋଧନ କରି କହିଛି, ହେ ପ୍ରିୟତମା, ଯଦି କେହି ପଚାରେ – ତେବେ କହିଦେବ ମୋର ପରିଚୟ : "ପ୍ରିୟତମା, ଜିଜ୍ଞାସୁ ଭେଟିଲେ କେବେ, କହିଦେବ/ଶବ୍ଦରୁ ରୂପଆଡକୁ ବିସ୍ତାରିତ କବିଟିଏ ଏବେ" (ପୃ-୫୪) । ଛନ୍ଦାଚରଣଙ୍କ କବିତା ଭିତରେ, ଚିତ୍ରରେ ଆଉ ଖୋଦ୍ କବି ଭିତରେ ଆମେ ଯେଉଁ କବିଙ୍କୁ ଖୋଜି ହେଉ – ସେ କବି କବିତା ଆଉ ଚିତ୍ର ଭଳି; ଉପଲବ୍ଧିର ଅନନ୍ତ ସାଗର । ସ୍ମୃତି ଆଉ ଅତୀତ ଭଳି ଜୀବନ୍ତ ! ମୃତ୍ୟୁଞ୍ଜୟ !

### ଯଦି ମୋ ଗୀତର ସୁରେ ପଲ୍ଲବିଲାନି ତରୁ :

କବିତାର କବି ଭାବେ ଛନ୍ଦାଚରଣ ଆଶାବାଦୀ । ଭଙ୍ଗୁରତାରେ ତାଙ୍କ କାବ୍ୟପୁରୁଷ ଅବିଶ୍ୱାସୀ । ସେ ଦୃଷ୍ଟିରୁ ସମଗ୍ର 'ଅର୍କବିଗ୍ରହ'ରେ ଛନ୍ଦାଚରଣ ଏକ ଆତ୍ମିକ ପ୍ରତ୍ୟାଶାଦ୍ୱାରା ଅନୁପ୍ରେରିତ ! "ଆଜିର ଆଶୀର୍ବାଦକୁ ପାଦରେ ସ୍ୱୀକାରି ନିଅ/ ପ୍ରଭାତୀ ପକ୍ଷୀର ଡାକ/ ଶୀତରାତି ଫୁଲର ମହକ/ ସକାଳର ସବୁଜ ରଙ୍ଗେ/ ଅନାଅ ଆଗକୁ/ ଏବେ ଚାଲିବାକୁ ଆରମ୍ଭ କର/ ବିଶ୍ୱାସର ଉଜ୍ଜ୍ୱଳ ବୀଜରେ/ ବଂଧ୍ୟାମାଟି ଗର୍ଭବତୀ ହେବ," (ପୃ-୧୦) । ସେହିଭଳି "ପୁଣି ଯେବେ ବର୍ଷା ହେଇ ଉତୁରିବ/ମାଟିତଳୁ ସମ୍ଭାବନା ସବୁ ଆପେ ଆପେ ଗଜୁରି ଆସିବ" (ପୃ-୫୧) ଆଦି କବିତାରେ ଛନ୍ଦାଚରଣ ବଂଧ୍ୟାମାଟିରେ ନୂତନ ସର୍ଜନ ହେଉ ଅଥବା ମାଟିତଳୁ ସଂଭାବନାର ସ୍ୱପ୍ନ ଦେଖିବା ହେଉ, ତାହା ତୀବ୍ର ଆଶାବାଦକୁ ପ୍ରତିବିମ୍ବିତ କରେ । ନିଃସଙ୍ଗତା, ଏକାକୀତ୍ୱ ସତ୍ତ୍ୱେ ଛନ୍ଦାଚରଣଙ୍କ କବିତା ଭିତରେ ଭରି ରହିଛି ଅମାପ ଜୀବନ : "ଲାଭ କଣ ଯଦି ମୋ ଗୀତର ସୁରେ/ ପଲ୍ଲବିଲାନି ତରୁ" (ପୃ-୪୮) ଛନ୍ଦାଚରଣଙ୍କ କବିତାରେ ବେଳେ ବେଳେ କାବ୍ୟପୁରୁଷ ହାରିଯିବା ଭଳି ବା ହତାଶ ହୋଇଯିବା ଭଳି ଭାବନାଦ୍ୱାରା ଯେଉଁଠି ଭାରାକ୍ରାନ୍ତ ମନେ ହୋଇଛି – ସେଠାରେ ଲକ୍ଷ୍ୟ କରିବାର ବିଷୟଟି ହେଉଛି, ସେଠାରେ ତାହା ଚେତନାର ଉତ୍ତରଣର ଅଭୀପ୍ସା ଆଧାରିତ । ସମଗ୍ର ଭାବେ

'ଅର୍କବିଗ୍ରହ'ରେ କବିଙ୍କୁ କ୍ଷୟଶୀଳତା ରୁଗ୍‌ଣ କରିପାରି ନାହିଁ । ଜୀବନର ଉତ୍‌ଥାନ ପତନରେ ଚାଲିଯିବାରେ ବିଶ୍ୱାସୀ ହୋଇ ଉଠିଛନ୍ତି କବି : "ପାହାଡରୁ ଓହ୍ଲେଇଲା ବେଳେ/ପଥରଟେ ଟଳମଳ ଯଦି ଆଡେଇ ଚାଲିଯା,/ ଅବା ସକଳ ଶକତି ଦେଇ ପଥରକୁ ଲେଉଟେଇ ଦେ" । (ପୃ-୪୯) ।

**ସମୁଦ୍ର ହୋଇ ସଞ୍ଚିଛି ସବୁ ଯତନେ :**

'ଅର୍କବିଗ୍ରହ'ର ସବୁଯାକ କବିତା ଅନାମିକା । ସବୁଯାକ କବିତା ସଂକ୍ଷିପ୍ତ । ଅଥଚ ବିନ୍ଦୁ ଭିତରେ ସିନ୍ଧୁକୁ ଅବଲୋକନ କରାଯାଇପାରେ । କବିତାଗୁଡ଼ିକୁ ଦେଖିଲେ, ତାହା ବିକ୍ଷିପ୍ତ ଓ ବିପର୍ଯ୍ୟସ୍ତ ମନେ ହୋଇଥାଏ ସ୍ଥୂଳଦୃଷ୍ଟିରେ; ମାତ୍ର ଏକ ଆଭ୍ୟନ୍ତରୀଣ ସମ୍ପର୍କ ରହିଛି ପ୍ରତ୍ୟେକଟି କବିତା ଭିତରେ । ଜୀବନକୁ ତୀବ୍ର ଭଲପାଉଥିବା ଛନ୍ଦାଚରଣ ସବୁବେଳେ ବୃହତ୍ ଏକ ଚିନ୍ତନଦ୍ୱାରା ହୋଇଉଠିଛନ୍ତି ବିଶ୍ୱାସୀ । ସେଇଥିପାଇଁ ତାଙ୍କ କବିତା ଓ ଚିତ୍ରର କାନ୍‌ଭାସ୍ ସବୁବେଳେ ଉର୍ଦ୍ଧ୍ୱମୁଖୀ । ବ୍ୟାପ୍ତ ହୋଇ ଯିବାପରି । ବେଳେ ବେଳେ ପାରଦ ଭଳିଢଳ ଢଳ ତ ବେଳେ ବେଳେ ବାଷ୍ପାୟିତ । ଏହା ହିଁ କାରଣ ତାଙ୍କ କବିତାରେ ସମୁଦ୍ର-ନଦୀ-ମାଟି-ଆକାଶ-ରତୁମାନଙ୍କୁ ଧରି କବି କାବ୍ୟ-ସଂସାରରେ ଆତ୍ମିକ ପଦାର୍ପଣ କରିଛନ୍ତି । ସେଇ କବି ହିଁ ସେଥିପାଇଁ କଳୁଛି ଆଖିର କୋଣରେ ସମୁଦ୍ର ଲୁହଟୋପେ ପରି ଲାଖି ରହୁ ଥିବା ନଦୀମାନଙ୍କୁ ନିଜ ସହ ନୀରବତା ଭିତରେ; ଏକତ୍ର ଶୋଇ ଯିବାର କରୁଛି କଳ୍ପନା । ସେହିଭଳି କାବ୍ୟପୁରୁଷ "ମୁଁ ତ ଚିରକାଳ ଶୋଷଟିଏ/ଆଗୋ ନଈ" ଅବା "ଭାଙ୍ଗିଛି ଯେତେ ଲୁହର ସିଆର/ନଈ କଲା" ଭଳି ବହୁ ପଂକ୍ତିରେ ପ୍ରସାରିତ ହୋଇଯିବାର; ପ୍ରଲମ୍ବିତ ହୋଇଯିବାର ଜୀବନମନସ୍କତା ପରିଲକ୍ଷିତ । ଛନ୍ଦାଚରଣଙ୍କ କବିତାରେ ଏହି 'ନଦୀ' ହିଁ ବହୁ ଭାବେ ଜୀବନ-ମୃତ୍ୟୁ-ସମୟ-ପ୍ରେୟସୀର ରୂପବୋଧକୁ ପ୍ରତୀକିତ କରୁଛି । ସମଗ୍ର 'ଅର୍କବିଗ୍ରହ'ରେ କବି ଛନ୍ଦାଚରଣ 'ନଦୀ' ଓ 'ସମୁଦ୍ର' ମନସ୍କ ।

ଛନ୍ଦାଚରଣଙ୍କ କବିତାରେ ଶବ୍ଦମାନେ ବର୍ଣ୍ଣିଳ । ଶବ୍ଦମାନେ ଆପେ ଆପେ ଗଡିଆସିଛନ୍ତି କବିତାର ବଗିଚାକୁ । ଅଦ୍‌ଭୁତ ଏକ ଶବ୍ଦର ମନୋହରୀ ବଗିଚା ହେଉଛି ଛନ୍ଦାଙ୍କ କବିତାର ବିସ୍ତୃତ କାନ୍‌ଭାସ୍ । ଆବେଗ ଓ ଅନୁରାଗ ଏହି ଜୀବନର ବିଭୋରତାର ରଙ୍ଗ ମାଖି ହୋଇ ସତେ ଅବା ଶବ୍ଦମାନେ ଲାଖିରହି ଯାଇଛନ୍ତି ସେଇ କବିତାର ପଂକ୍ତିଗୁଡ଼ିକ ଭିତରେ । କାହାକୁ କେଉଁଠାରୁ ଅଲଗା କରିଦେଇ ହେବ ନାହିଁ । ଛନ୍ଦାଙ୍କ କବିତାରେ ଶବ୍ଦଙ୍କର ଏହି ଖଞ୍ଜି ହୋଇ ଯିବାର କଥାର ମର୍ମଟି ତାଙ୍କ ଶବ୍ଦଶିଳ୍ପର ବୈଚିତ୍ର୍ୟ ଅଟେ । କାବ୍ୟଭାଷା ସେହିଭଳି ସଂକ୍ଷିପ୍ତ, ଅର୍କବିଗ୍ରହ ଆଉ ଜୀବନବୋଧକୁ ଧରିରଖିଲା ଭଳି ଭାଷା ପାଣ୍ଡିତ୍ୟ ଅପେକ୍ଷା ନିଛକ ସାଧାରଣ ମନଟିଏ ବସିରହିଛି - ସେ ଭାଷାର ମଞ୍ଚ ହୋଇ । ନିରାଡମ୍ବର, ଆବେଗର ଅଦ୍‌ଭୁତ ଖିଆଲି ନଈଟିଏ ଭଳି ଛନ୍ଦାଚରଣଙ୍କ କାବ୍ୟଭାଷା - ଟାଣିନିଏ, ଦୂରରୁ ଶୁଭୁଥାଏ ରତୁଙ୍କ ମନ୍ତ୍ରପାଠ ପରି ।

'ଅର୍କବିଗ୍ରହ'ରେ କବି ଛନ୍ଦାଚରଣଙ୍କ ପରିବେଶିତ ଚିତ୍ର ମଧ୍ୟ କବିତା ଭଳି ମୁଖର । ଅନେକତ୍ର ଅଦ୍‌ଭୁତ ଭାବେ କବିତାସହ ଭାବସିକ୍ତ ହୋଇ ଆବୋରି ରହିଛି ଚିତ୍ର ସବୁ । କବିତା ଭଳି ଚିତ୍ରଗୁଡ଼ିକ ମଧ୍ୟ ଆପେ ଆପେ ଅର୍ଥବହନ କରି ସତେ ଯେମିତି ଜୀବନ୍ତ ହୋଇ ଉଠୁଛନ୍ତି କାନ୍‌ଭାସ୍ ଉପରେ । ଜଣେ ଶିଳ୍ପୀ ମଣିଷର ସର୍ଜନର ଦୁଇ ରୂପ 'ଚିତ୍ର' ଓ 'କବିତା', 'ଅର୍କ ବିଗ୍ରହ'ରେ ଏକାତ୍ମ ହୋଇ ଆଖି ଆଗରେ ଅଦ୍‌ଭୁତ ପୂର୍ବାଶାକୁ ସଂଦର୍ଶନ କରୁଛି ।

'ଅର୍କବିଗ୍ରହ'ର ଶୈଳୀ ସମ୍ପର୍କରେ ଏତିକି କୁହାଯାଇପାରେ ଶିଳ୍ପୀ ଛନ୍ଦାଙ୍କ 'କବିତା' ଓ 'ଚିତ୍ର' କହିଲେ ଯାହା ବୁଝାଯାଏ ତାହା 'ଅର୍କବିଗ୍ରହ'ରେ ସମୀକୃତ । ପରିଶେଷରେ ଏତିକି କୁହାଯାଇପାରେ କବି ଛନ୍ଦାଚରଣଙ୍କ ଶିଳ୍ପୀର ଜୀବନ ଓ କବିତ୍ୱକୁ 'ଅର୍କବିଗ୍ରହ'ର ଭିତ୍ତିରେ ପରଖିବାର ଏହା ଏକ ମୁଗ୍ଧ ପ୍ରୟାସ ମାତ୍ର, ଯାହା ମୋ ପାଇଁ 'ଆଖି ଆଗରେ ଅଦ୍‌ଭୁତ ପୂର୍ବାଶା'ର ବିରଳ ସମ୍ମୋହନ ।

ବିଭାଗ ମୁଖ୍ୟ (ଓଡ଼ିଆ)
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

ISSN -2583-147X(P), Vol.- 8, Issue No. IV, July 2022
Bastabatara Pariprakash Prachee
*Peer Reviewed and Referred Research Journal*

# ପରିପୂର୍ଣ୍ଣ ଜୀବନପାତ୍ର ଓ ଚେତନାର ଉତ୍ତରିତ ପଥ : ବୈକୁଣ୍ଠନାଥଙ୍କ 'ଯାତ୍ରାସଙ୍ଗୀତ'

ଡ. ବିଦ୍ୟୁତପ୍ରଭା ରାଉତ

ଯେଉଁ କେତେଜଣ ତରୁଣ କବିଙ୍କୁ ନେଇ ଓଡ଼ିଆ ସାହିତ୍ୟରେ ସବୁଜ ଯୁଗର ସୂତ୍ରପାତ ହୋଇଥିଲା, ସେମାନଙ୍କ ମଧ୍ୟରେ କବି ବୈକୁଣ୍ଠନାଥ ପଟ୍ଟନାୟକ ଥିଲେ ଅନ୍ୟତମ। ସତ୍ୟବାଦୀ ଯୁଗଆଦର୍ଶ କ୍ରମେ ଅପସରି ଯାଉଥିବା ବେଳେ ରେଭେନ୍ସା ମହାବିଦ୍ୟାଳୟର କିଛି ତରୁଣ ଛାତ୍ର ସମସାମୟିକ ସମାଜର ପରିସ୍ଥିତି, ମୂଲ୍ୟବୋଧ ଆଦର୍ଶ ଏବଂ ବାସ୍ତବତାଠାରୁ ଦୂରେଇଯାଇ କଳ୍ପନା ପ୍ରସୂତ ଏକ ଜଗତରେ ବଞ୍ଚିବାକୁ ଏବଂ ସ୍ୱପ୍ନଦେଖିବାକୁ ତତ୍ପର ଥିଲେ। ଉଦାସୀନ ଥିଲେ ତାତ୍‌କାଳୀକ ବାସ୍ତବତା ପ୍ରତି। ସେହି ସମୟରେ ବଙ୍ଗଳା ସାହିତ୍ୟରେ ରବୀନ୍ଦ୍ରନାଥ ଠାକୁରଙ୍କ 'ଓରେ ସବୁଜ, ଓରେ ଅବୁଝ୍'ର ଅଭିବ୍ୟକ୍ତି ଏବଂ ବଙ୍ଗୀୟ କଲ୍ଲୋଳ ସାହିତ୍ୟଦ୍ୱାରା ଏହି ତରୁଣ ଗୋଷ୍ଠୀ ଅତିମାତ୍ରାରେ ପ୍ରଭାବିତ ହୋଇପଡ଼ିଥିଲେ। ବିଶ୍ୱଯୁଦ୍ଧର ଘନଘଟା, ସ୍ୱାଧୀନତା ଆନ୍ଦୋଳନର ନାରା ଏମାନଙ୍କୁ ପ୍ରଭାବିତ କରିପାରି ନଥିଲା। ଓଡ଼ିଆ ସାହିତ୍ୟରେ ଏହି ସବୁଜ ଯୁଗର ଉଦ୍ୟୋକ୍ତାମାନେ ଥିଲେ ଅନ୍ନଦାଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଶରତ ଚନ୍ଦ୍ର ମୁଖାର୍ଜୀ, ହରିହର ମହାପାତ୍ର ପରବର୍ତ୍ତୀ ସମୟରେ ଆହୁରି ଅନେକ କବି ଏହି ସବୁଜ ସ୍ରୋତରେ ଯୋଗ ଦେଇଥିଲେ। ଏହି ତରୁଣ ଛାତ୍ରମାନେ ନନ୍‌ସେନ୍ସ କ୍ଲବ ଗଠନ କରିଥିଲେ ଏବଂ ସେହି କ୍ଲବ୍ ତରଫରୁ ମୁଖପତ୍ର ମଧ୍ୟ ପ୍ରକାଶ କରିଥିଲେ। ଚାରିବନ୍ଧୁଙ୍କ ନାମର ପ୍ରଥମ ଅକ୍ଷର ଅନୁସାରେ ପତ୍ରିକାର ନାମ ରଖିଥିଲେ ଅବକାଶ। ପରବର୍ତ୍ତୀ ସମୟରେ 'ସବୁଜ ସାହିତ୍ୟ ସମିତି' ଗଠନ କରି ୧୯୩୩ ମସିହାରେ ଏହାର ଏକ ମୁଖପତ୍ର 'ଯୁଗବୀଣା' ପ୍ରକାଶ ପାଇଥିଲା। ଏହି ସବୁଜ ଗୋଷ୍ଠୀର କବିମାନଙ୍କର ମୁଖ୍ୟ ଆଭିମୁଖ୍ୟ ଥିଲା ନିଜଦ୍ୱାରା ସୃଷ୍ଟ ଏକ ସୁନ୍ଦର ଚିର ସବୁଜ ବଳୟରେ ରୋମାଣ୍ଟିକ୍ ଚେତନାରେ ବାସ କରିବା। ବାସ୍ତବ ଜଗତର ଦୈନ୍ୟତା ଯେପରି ତାଙ୍କ ଜୀବନ ପରିଧିକୁ ସ୍ପର୍ଶ କରିପାରୁନଥିବା ସ୍ୱପ୍ନର ଜଗତରେ ହିଁ ଶାନ୍ତିର ସନ୍ଧାନ ତାଙ୍କର ଅଭିମୁଖ୍ୟ ଥିଲା। ସବୁଜ କବିମାନେ 'କଳ୍ପନାରାଜ୍ୟ'ରେ ଅବତରଣ କରି ଏକ ଛାୟାଚ୍ଛନ୍ନ ରମଣୀୟତା ଭିତରେ ଜୀବନ ଜିଇବାର ଯେଉଁ ପ୍ରତ୍ୟାଶା ରଖିଥିଲେ; ସେଇ ପ୍ରତ୍ୟୋଶା ପାଇଁ ସେମାନଙ୍କୁ 'ପଳାୟନପନ୍ଥୀ' ଏବଂ 'ପଦ୍ମଭୁକ୍' (Lotus Eater) ବୋଲି ଯେଉଁ ମୋହର ମରାଯାଇଥିଲା; ତାହା ସ୍ଥିର ହୋଇ ରହିନାହିଁ। କାରଣ ସେମାନଙ୍କୁ ସେହି ସାବୁଜିକ ଉପଲବ୍ଧି ବେଶୀ କାଳ ମୋହାବିଷ୍ଟ କରି ରଖିପାରିନଥିଲା। ଅନ୍ନଦାଶଙ୍କରଙ୍କର କଲିକତା ପ୍ରତ୍ୟାଗମନ; ଓଡ଼ିଆ ଅପେକ୍ଷା ବଙ୍ଗଳା ସାହିତ୍ୟ ଚର୍ଚ୍ଚାରେ ଅଧିକ ମନୋନିବେଶ; କାଳିନ୍ଦୀଚରଣଙ୍କର ରୋମାଣ୍ଟିକ ଚିନ୍ତନ ସହ କିୟତ୍ ସମଦୃଷ୍ଟି କୈନ୍ଦ୍ରିକ ଏବଂ କିୟତ୍ ମାର୍କ୍ସ-ଗାନ୍ଧୀ ମିଳିତ କାବ୍ୟ-ଇସ୍ତାହାର ଏବଂ ବୈକୁଣ୍ଠଙ୍କର ଆଧ୍ୟାତ୍ମିକତା ଓ ଆଧିଭୌତିକତାର ଜୀବନଯାତ୍ରା ଭିତରେ ସବୁଜ ସାହିତ୍ୟ ବଦଳେଇ ଦେଇଥିଲା ତା'ର ଆତ୍ମିକ ଓ ଆଙ୍ଗିକ ପରିଚୟ; କାବ୍ୟ-ରୋମାଣ୍ଟିକତାର ପରିଧି ଭିତରୁ ଏ କବିମାନେ ବିଚ୍ଛିନ୍ନ ନହୋଇଥିଲେ ହେଁ ପ୍ରଥମ ନାମ-ରବୀନ୍ଦ୍ର ପ୍ରଭାବିତ ନବୀନ-ସବୁଜ କଲ୍ଲୋଳୀୟ ଭାବଧାରୁ ପୂର୍ଣ୍ଣତଃ ଅପସରି ନ ଆସିଥିଲେ ହେଁ ଏକ ମୌଳିକ ଏକକ କବିସ୍ୱର ଦେଇ ଉଦ୍‌ଭାସିତ ହୋଇଥିଲେ ଓଡ଼ିଆ କବିତାର ପ୍ରାଙ୍ଗଣରେ। ଅନୁରୂପ ଭାବରେ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କର ମଧ୍ୟ ଚେତନାର ଯାତ୍ରା ସଙ୍ଗୀତରେ ଘଟିଥିଲା ଉତ୍ତରାୟଣ। ସେଥିରେ ଅବଶ୍ୟ ସଂଯୁକ୍ତ ଥିଲା ତାଙ୍କ ଜୀବନରେ ଆସିଥିବା ସଂଘର୍ଷ ଓ ବିପର୍ଯ୍ୟୟର ଛାପ; ସବୁଜ କବିତାର ମୂଳ ସ୍ରୋତରୁ କିନ୍ତୁ ଓହରି ରୋମାଣ୍ଟିକ୍ ଭାବ ବଳୟର ବିଷାଦ ଓ ନବୀନତାର ଅପୂର୍ବ କାବ୍ୟ ପରଶ ସହ ଆଧ୍ୟାତ୍ମିକତା ଓ ରହସ୍ୟମୟ କାବ୍ୟଚିନ୍ତନରେ କବି ବୈକୁଣ୍ଠନାଥଙ୍କର ଲେଖନୀ ହୋଇଉଠିଥିଲା ପ୍ରେମିଳ, ସରଳ ପୁଣି ମୁଖର।

କବି ବୈକୁଣ୍ଠନାଥ ପଟ୍ଟନାୟକ କଟକ ଜିଲ୍ଲାର ବଡମ୍ବାଠାରେ ୧୯୦୪ ମସିହାରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୭୯ ମସିହାରେ ମୃତ୍ୟୁବରଣ କରିଥିଲେ । ଛାତ୍ରଜୀବନରୁ ହିଁ ତାଙ୍କ ପ୍ରତିଭାର ପରିଚୟ ମିଳିଥିଲା । 'ଉତ୍ତରାୟଣ' ଏବଂ 'କାବ୍ୟ ସଂଚୟନ' ତାଙ୍କର ଦୁଇଟି ପ୍ରମୁଖ କବିତା ସଂକଳନ । କବି ବୈକୁଣ୍ଠନାଥ ପଟ୍ଟନାୟକ ଆଦ୍ୟ ଯୌବନରେ ଲେଖିଥିବା କବିତାଗୁଡ଼ିକ ଥିଲା ପ୍ରେମ-ପ୍ରଣୟରେ ଭରା । ପରବର୍ତ୍ତୀ ସମୟରେ ବିଭୁଚେତନା ସହିତ ରହସ୍ୟବାଦୀ କାବ୍ୟ ଚିନ୍ତନର ଉତ୍ତୀର୍ଣ୍ଣତା ପରିଲକ୍ଷିତ ହୋଇଥାଏ ବୈକୁଣ୍ଠଙ୍କ କବିତ୍ୱ ଭିତରେ । ତା'ର ପ୍ରଚ୍ଛନ୍ନରେ ବିଷାଦର କାରୁକାବ୍ୟ କୁଶଳତା ବୈକୁଣ୍ଠଙ୍କ କବିତ୍ୱକୁ କରିଥିଲା ସାନ୍ଦ୍ର ପୁଣି ଭାବଗର୍ଭକ । ଏପରିକି ବୌଦ୍ଧଦର୍ଶନ ଓ ଅଭିବ୍ୟକ୍ତିରେ ବି ତାଙ୍କ କବିତା ଥିଲା ଏ ଭିନ୍ନ ଜଗତର ଦ୍ୟୋତକ । ଅନେକ ଆଲୋଚକ ତାଙ୍କ ସମ୍ପର୍କରେ ଅନେକ ଅଭିବ୍ୟକ୍ତି ରଖିଥିଲେ ମଧ୍ୟ ଏଠାରେ ମାୟାଧର ମାନସିଂହଙ୍କର ଅଭିମତକୁ ଉଲ୍ଲେଖ କରାଯାଇପାରେ : "ତରୁଣ ବୟସରେ ବୈକୁଣ୍ଠନାଥଙ୍କ କବିତାରେ, ଏପରି ଏକ ଉଷ୍ଣତା ଓ ସାଙ୍ଗୀତିକତା ଦେଖାଦେଇଥିଲା, ଯାହା ସ୍ମରଣ କରାଇଦେଉଥିଲା ଇଂରାଜୀ କବି ସେଲୀଙ୍କୁ । କିନ୍ତୁ ଦୁଃଖର କଥା ଯେ, ସେ ଅଗ୍ନିକଣା, ସେ ସ୍ୱତଃସ୍ଫୂର୍ତ୍ତ, ପ୍ରକାଶ ଅତି ଶୀଘ୍ର ଉଭେଇ ଗଲା ଓ ରଖିଗଲା ଗଦା ଗଦା 'ଡଗ୍‌ରେଲ୍' ବାଜେ କବିତା ।" (ପୃ-୩୧୫, ଓଡ଼ିଆ ସାହିତ୍ୟର ଇତିହାସ, ପରିମାର୍ଜିତ ନୂତନ ସଂସ୍କରଣ-୨୦୦୭) ମାନସଂହଙ୍କର ଏହି 'ଡଗ୍‌ରେଲ୍' କହିବାର ଅଭିବ୍ୟକ୍ତି ପଛରେ ବୈକୁଣ୍ଠଙ୍କର ପ୍ରଗଲ୍‌ଭତା ଏବଂ ବିକ୍ଷିପ୍ତ କାବ୍ୟଚେତନାକୁ ହୁଏତ ଲକ୍ଷ୍ୟ କରାଯାଇପାରେ । ମାତ୍ର ଏତଦ୍‌ଭିନ୍ନ ମାନସିଂହଙ୍କର ଅନୁଶୀଳନ ଭିତରେ ଅବଶ୍ୟ ଅନୁଭବି ହେବ ଜଣେ ଆମରଣ କବିଙ୍କୁ । କବିତା ଯାହାଙ୍କର ଥିଲା ସାଧନ ଓ ସିଦ୍ଧିର ମୂଳ କେନ୍ଦ୍ର ଆଉ ଭିତ୍ତି ! କବିଙ୍କର ଜୀବନ, ଯୌବନ, ସ୍ୱପ୍ନ, ପ୍ରେମ ଏବଂ ପ୍ରଣୟକୁ ନେଇ ଯେଉଁ ସବୁ କବିତା ରଚନା କରାଯାଇଥିଲା ସେଥି ମଧ୍ୟରେ ତାଙ୍କ କବିତାଗୁଡ଼ିକ ଥିଲା ରହସ୍ୟମୟ ଓ ବିଷାଦପୂର୍ଣ୍ଣ । ଆଦ୍ୟ ଯୌବନରେ ରଚିତ ତାଙ୍କ କବିତାଗୁଡ଼ିକ ଯଦିଓ ଥିଲା ରୋମାଣ୍ଟିକ୍ ଚେତନାପୂର୍ଣ୍ଣ । ସପ୍ରସଙ୍ଗ 'ଯୌବନ ପୂଜା', 'ନିର୍ଜନ ଉପବନ', ପୌଷ ପବନ, ଶାରଦ ସ୍ପର୍ଶ ଓ କବି ପ୍ରେୟସୀ, ବର୍ଷା ସଙ୍ଗୀତ, ପ୍ରଣୟୀର ସ୍ୱପ୍ନ, ପ୍ରୀତି ଆବାହନ ପ୍ରମୁଖ କବିତାକୁ ସ୍ମରଣ କରାଯାଇପାରେ । ପ୍ରଣୟ, ରୋମାଣ୍ଟିକ ଭାବନା ମଧ୍ୟରୁ କ୍ରମେ କବି ବୈକୁଣ୍ଠନାଥ ଯାତ୍ରା କରିଛନ୍ତି ଏକ ଅଦୃଶ୍ୟ-ଜଗତ ମଧ୍ୟକୁ । ବାସ୍ତବ ଜଗତକୁ ଅଗ୍ରାହ୍ୟ କରି କଳ୍ପନାଲୋକରେ ବିଚରଣ କରୁକରୁ ବିଷାଦବାଦୀ ଏବଂ ରହସ୍ୟବାଦୀ ହୋଇ ଉଠିଛନ୍ତି । ଜୀବନର ଦୁଃଖ, ଦୈନ୍ୟ, ଉଦାସୀଭାବ, ନିରଶା ଭିତରେ ମୁକ୍ତିର ମାର୍ଗଖୋଜି ଈଶ୍ୱରଙ୍କ କୃପା ଲୋଡ଼ିଛନ୍ତି । ବିଭୁପ୍ରେମରେ ପଡ଼ି ଆତ୍ମସମର୍ପଣ କରିଛନ୍ତି ଅଦୃଶ୍ୟଶକ୍ତି ନିକଟରେ । ଦୀର୍ଘଦିନ ଧରି ତାଙ୍କୁ ଏହି ଭକ୍ତିଭାବନା ଏବଂ ଈଶ୍ୱରାନୁଭକ୍ତି କବଳିତ କରି ରଖିଛି । ଯାହାଫଳରେ ତାଙ୍କର କବିତାଗୁଡ଼ିକର ମୁଖ୍ୟ ଭାଗ ଭକ୍ତି ଏବଂ ଆତ୍ମସମର୍ପଣାତ୍ମକ । ୧୯୨୯-୧୯୪୩ ମସିହା ମଧ୍ୟରେ ରଚିତ ତାଙ୍କର କବିତାଗୁଡ଼ିକରେ ଏହି ଈଶ୍ୱରୀୟ ଭାବନା ଦେଖିବାକୁ ମିଳେ । ବୈକୁଣ୍ଠନାଥଙ୍କ କଥା ସ୍ମରଣକୁ ଆସୁ ଆସୁ ସ୍ୱତଃ ସ୍ମରଣକୁ ଆସିଥାଏ ତାଙ୍କର 'ଯାତ୍ରାସଙ୍ଗୀତ' କବିତାର ବିମଳ ଆଧ୍ୟାତ୍ମିକତା ଏବଂ ଅଭିଭୂତ କରିପକାଏ ସମଗ୍ର ଅନ୍ତରାତ୍ମାକୁ । ଆଉ ତା'ରି ସହିତ ତାଙ୍କର କନ୍ୟା ସୁନନ୍ଦା ପଟ୍ଟନାୟକଙ୍କର ବୀଣାକଥା ଗମ୍ଭୀର ଆଧ୍ୟାତ୍ମିକତାରେ ଉବୁଟୁବୁ ସଂଗୀତର ଅପୂର୍ବ ଲହର । ଯାହା 'ଯାତ୍ରାସଙ୍ଗୀତ' କବିତାକୁ ଆକାଶବାଣୀ ମାଧ୍ୟମରେ କରିଥିଲା ଅଧିକ ଲୋକପ୍ରିୟ । କବିତାଟି 'ଶେଷଗୀତି' ଭାବେ ଯେତେ ପରିଚିତ ନୁହେଁ ତା'ଠାରୁ ଅଧିକ ପରିଚିତ ତା'ର ବିକଳ୍ପ ନାଁ 'ଯାତ୍ରାସଙ୍ଗୀତ' ଭାବରେ । 'ଯାତ୍ରାସଙ୍ଗୀତ' ମୁଖ୍ୟତଃ ଏହା ଏକ ରହସ୍ୟବାଦୀ କବିତା । କବିତାଟିରେ କବି ଈଶ୍ୱରଙ୍କ ନିକଟରେ ସମର୍ପଣ କରି ବିଗତ ଜୀବନର ସମସ୍ତ ଆସକ୍ତିରୁ ମୋହଭଙ୍ଗର ସୂଚନା ଦେଇଛନ୍ତି । କବିଙ୍କର ଏହି କବିତାଟି ଯେତେ ଦାର୍ଶନିକତାରେ ଭରା; ସେତେ ବିଷାଦରେ; ପୁଣି ଚରମ ରହସ୍ୟମୟତାରେ ପୁଣି ପ୍ରମତ୍ତ ଆନନ୍ଦବୋଧରେ ସିକ୍ତ; ପରମ ଭୋକ୍ତା ଭାବେ କବି ଦେଖାଇଛନ୍ତି ଭାକ୍ତିକତାର ପରାକାଷ୍ଠା । ସବୁକିଛି ପ୍ରାପ୍ତିର ଜୀବନରେ ଅପ୍ରାପ୍ତି ବୋଲି କ'ଣ ରହିଛି ତଥା ସମଗ୍ର ସଚରାଚରରେ ଯାହା ଅଛି ସବୁକିଛି ସେହି ବିଶ୍ୱନିୟନ୍ତାଙ୍କର ଭଳି ପ୍ରଚଣ୍ଡ ଆତ୍ମସମର୍ପଣର ଭାକ୍ତିକତାର ସ୍ୱର ବେଶ୍ ବଳିଷ୍ଠ କବିଙ୍କର ଶେଷଗୀତିରେ :

"ଜୀବନ ପାତ୍ର ମୋ ଭରିଛ କେତେ ମତେ
ନ ଦେଲ କିଛି ବୋଲି କହିବି କି ହେ ଆଉ ?
ଜୀବନ ପ୍ରିୟତମ ହରିଛ ମୋ ଭରମ
ତରଣୀ ମୋର ତବ ସାଗରେ ବହିଯାଉ"

କବି ପରମ ପ୍ରଭୁଙ୍କୁ ପ୍ରାର୍ଥନା ସମ କୃତଜ୍ଞତା ପ୍ରକାଶ କରିଛନ୍ତି ଯେ ଯେପରି ତାଙ୍କର ଜୀବନ ରୂପକ ପାତ୍ର ପରିପୂର୍ଣ୍ଣ ହୋଇପାରିଛି । ଜୀବନର ସୁଖ-ଦୁଃଖ ରୂପକ ଅନେକ ଅଭିଜ୍ଞତାରୁ ସେ ମୋହମୁକ୍ତ ହୋଇଛନ୍ତି । ଈଶ୍ୱରଙ୍କ ନିକଟରେ ତାଙ୍କର କୃତଜ୍ଞତା ବ୍ୟତୀତ ଅନ୍ୟ କୌଣସି ଅଭିଯୋଗ ନାହିଁ । ବରଂ ଈଶ୍ୱରଙ୍କ କୃପା ସାଗରରେ ତାଙ୍କର ଅବଶିଷ୍ଟ ଜୀବନ ଅବଗାହିତ ହୋଇ ପାରି

ହୋଇଯାଉ ସେହି ଅନାମୟ ଧାମକୁ ବୋଲି ପ୍ରାର୍ଥନା କରିଛନ୍ତି । ଆସକ୍ତି ଭରା ସଂସାର ଏବଂ ମାୟା/ମୋହ ମୁକ୍ତ ଜୀବନର ଅସାରତାକୁ ଉପଲବ୍ଧି କରିପାରିଥିବା କବି ତାଙ୍କର ଏ ଅଳ୍ପକାଳର ଜୀବନ ପ୍ରତି କୌଣସି ମୋହ ନରଖି ଏକ ଦିବ୍ୟ ଜୀବନ ପ୍ରତି ଆଶାୟୀ ହୋଇଛନ୍ତି ।

ଏହି ଜୀବନର ଯାତ୍ରାପଥରେ କେତେ ଯେ ଆତ୍ମୀୟ, ସ୍ୱଜନ, ପ୍ରିୟଜନଙ୍କୁ ପ୍ରଭୁ ଆଣି ତାଙ୍କୁ ଭେଟାଇଛନ୍ତି ଏବଂ ପୁଣି ହରଣ କରିନେଇଛନ୍ତି । ଈଶ୍ୱରଙ୍କ ଲୀଳା ସମ୍ପର୍କରେ ସଚେତନ ନଥାଇ ସେ ହୃଦୟରେ ଭିଡ଼ି ଧରିଛନ୍ତି ସମ୍ପର୍କର ଡ଼ୋରମାନଙ୍କୁ । ହେଲେ ସେ ନିଜର ଅଜ୍ଞାନତାକୁ ସେହି ବିଭୁଙ୍କ କୃପାରୁ ବୁଝି ପାରିଛନ୍ତି । ବୁଝିଛନ୍ତି ମଧ୍ୟ ଚେତନାର ଅଗ୍ରଗତି ନିମନ୍ତେ ଏ ସମସ୍ତ ଆତ୍ମୀୟ ରୂପକ ପଥଚାରୀମାନଙ୍କ ଭୂମିକାକୁ । ସମସ୍ତ କିଛି ଗତିଶୀଳ । ଆଗକୁ ବଢିଚାଲିବା ହିଁ ନିୟତି । ସୁଖ ଦୁଃଖ କେବଳ ଅଗ୍ରଗତିର ବାହକ ମାତ୍ର । ଏହାହିଁ ତାଙ୍କର ଉପଲବ୍ଧି :

"କୂଳର ଜନପ୍ରାଣୀ କେତେ ମିଳାଅ ଆଣି,
ନୟନ ପଲକରେ ଲୁଚାଅ ଜାଣି ଜାଣି
ବୃଥା ମୁଁ ଅଭିମାନୀ ହୃଦେ ଧରଇ ଟାଣି,
ମରତ ପ୍ରବାସୀ ମୁଁ ନଜାଣି ଆଣେ ।"

ଭାଗବତରେ ଆତ୍ମାକୁ ପକ୍ଷୀ ସହିତ ତୁଳନା କରାଯାଇଛି । ଅନୁରୂପ ଭାବରେ 'ପକ୍ଷୀ' ବା 'ହଂସ' ହେଉଛି ଜୀବନର ପ୍ରତୀକ । ତଥା ତା'ର ମଧ୍ୟ ନିର୍ଦ୍ଦିଷ୍ଟ ଏକ ଆଗମନ ଓ ପ୍ରସ୍ଥାନ ରହିଛି । କବି ଏଠାରେ ନିଜକୁ ମାନସ ହଂସଟିଏ ବୋଲି ଅନୁଭବ କରି ମୁକ୍ତିର ପଥରେ ଉଡ଼ିଯିବାକୁ ଚାହିଁଛନ୍ତି । ଅଜ୍ଞାନ ଓ ଅନ୍ଧକାର ମଧ୍ୟରେ କାମନା ଓ ବାସନାର ମୋହରେ ବେଶୀଦିନ ଛନ୍ଦି ହେବାକୁ ସେ ଜନ୍ମି ନାହାନ୍ତି । ମନପକ୍ଷୀ ତାଙ୍କ ପଥହରା ନହୋଇ ନିଜ ଲକ୍ଷ୍ୟମାର୍ଗରେ ଉଡ଼ିଯିବ ଦିନେ ଏ ସମ୍ପର୍କରେ ସେ ଆଶାବାଦୀ ଏବଂ ଦିବ୍ୟକୃପା ପ୍ରାର୍ଥୀ । ନିଜ ରଚିତ ମୋହ-ଜାଲରେ ପଡ଼ିରହିବାକୁ ସେ ଚାହିଁ ନାହାନ୍ତି । ନିଜ କ୍ଷୁଦ୍ର କଳେବର, ତଥା କିଂତ କ୍ଷୁଧା-ତୃଷ୍ଣା ପାଇଁ ଅଜ୍ଞାନ ବଶତଃ ସେ ଆସକ୍ତ ହୋଇଛନ୍ତି ସତ, ମାତ୍ର ଈଶ୍ୱରୀୟ ପ୍ରେମସୁଧା ଲାଭ କଲାପରେ ସବୁ କିଛି ତାଙ୍କୁ ମନେହୋଇଛି ତୁଚ୍ଛ । ମନ-ଆତ୍ମା-ପକ୍ଷୀ ତାଙ୍କ ଲଙ୍ଘି ଯିବାକୁ ଚାହେଁ ଏ ମର୍ତ୍ତ୍ୟ ରୂପକ ପାରାବାର ଏବଂ ଉତ୍ତୁଙ୍ଗ ହିମଗିରି । ନିଜ ରଚିତ ମାୟାଜାଲରେ ଛନ୍ଦି ହେଲେ ସେ ଏହି ଅଜ୍ଞାନତା ଭରା ସଂସାରରେ ଯେ ତାଙ୍କୁ ମୁକ୍ତି ମିଳିପାରିବ ନାହିଁ ତାହା ସେ ଅନୁଭବିଛନ୍ତି । 'ଯାତ୍ରାସଙ୍ଗୀତ' କବିତାର ସବୁଜ ପ୍ରାଣ କବି ଈଶ୍ୱରୋନ୍ମୁଖୀ ହୋଇଉଠିଥିବା ଲକ୍ଷ୍ୟ କରାଯାଏ । ଦିବ୍ୟକୃପା ବଳରେ ଅନ୍ତରାତ୍ମା ତାଙ୍କର ପୂର୍ଣ୍ଣ ହୋଇଉଠିଥିବା ଅନୁଭବ କରି ବାରମ୍ବାର ସେ ଈଶ୍ୱରଙ୍କ ନିକଟରେ କୃତଜ୍ଞତା ସ୍ୱୀକାର କରିଛନ୍ତି:

"ମାନସ ହଂସ ମୁଁ ମାନସେ ଯିବି ଉଡ଼ି,
ମୋ ଦୋଷେ ପଥହୁଡ଼ି ଭରମେ ଅବିରତ,
ଅଳପ ତୃଷ୍ଣା କ୍ଷୁଧା ଲଭି ତୁମରି ସୁଧା,
ତୃପତ ହେଲା, କେବେ ଲୋଡଇଁ ଏ ମରତ !
ନିଜ ବାସନା ଜାଲେ ବିକଳ ବିଧୃତ
ତିମିର ଅଜ୍ଞାନେ ମିଳେ କି ଅମୃତ ?

ଅମୃତର ସନ୍ତାନ ମାନବ; ଅଦିବ୍ୟ ଧାମରେ ଅମୃତର ସନ୍ଧାନ କଲେ ତାହା ପ୍ରାପ୍ତ ହୋଇ ନଥାଏ; କେବଳ ଭ୍ରମରେ ପଡ଼ିବା ହିଁ ସାର ହୋଇଥାଏ । ଜଗତର ସକଳ ସୁଖ, ସୌନ୍ଦର୍ଯ୍ୟ, ପ୍ରେମ ଓ ପ୍ରଣୟ ମଧ୍ୟରେ ପ୍ରଚ୍ଛନ୍ନରେ ଲୁଚି ରହିଛି ମୋହମୁକ୍ତି ନିମନ୍ତେ ପ୍ରେରିତ କରେଇ ନେଉଥିବା ବେଦନାଟିଏ । ଯାହା ଜ୍ଞାନର ସ୍ପର୍ଶ ପାଇଲା ମାତ୍ରେ ଉପଲବ୍ଧି ହୁଏ । କବି ଯଦିଓ ସେହି ମାୟାଜାଲରେ ଘାରି ହୋଇଛନ୍ତି, ତଥାପି ଖୁବ୍ ଶୀଘ୍ର ମୋହମୁକ୍ତ ମଧ୍ୟ ହୋଇଛନ୍ତି । ସଂସାର ବିପଣୀରେ ମୋହମାୟା ରୂପେ ଲୁଚି ରହିଥିବା ମହାକାଳ ବା ମୃତ୍ୟୁକୁ ଚିହ୍ନି ନପାରି; ସେଥିରେ ଲିପ୍ତ ରହି ନିଜର ବୃଥା ଅହଂକାର ଓ ଆତ୍ମବଡ଼ିମା ପିଷ୍ଟ ହୋଇଥିବାରୁ ଅନୁତପ୍ତ ହୋଇଛନ୍ତି । ପାର୍ଥିବ ଜଗତର କ୍ଷଣଭଙ୍ଗୁରତା ତାଙ୍କୁ ବିଷାଦବାଦୀ କରିଦେଇଛି:

"ପଉଷ ତରୁ ମୁଁ ଗୋ ପଳିତ ମୋ ପତର
ନିରାଶା ପରଷରେ ଝରିଛି ଅକାଳରେ,
ନାହିଁ ତ ତେବେ ତିଳେ ଶୋଚନା ଖେଦ ମୋର
ହୃଦୟମଣି ମୋର ସାଗର ଅତଳରେ
ପରାଣ କୁଞ୍ଜେ ତାର ମୁରଲୀ ଧ୍ୱନି ।
ପରାଣ ପବନ ଗୋ ତା ଶୁଭ ଆଗମନୀ ।"

କବି ନିଜକୁ ପଉଷ ମାସର ତରୁ ପରି ଧୀରେ ଧୀରେ କ୍ଷୟଶୀଳ ହେଉଥିବା ଅନୁଭବ କରି ଶୁଖିଲା ପତ୍ର ସମ ନିରାଶାରେ ଝଡ଼ିଯିବା ପରି ଅନୁଭବ କରିଛନ୍ତି ଅକାଳରେ । ଭଗବତ୍ ଗୀତାର ଦ୍ୱିତୀୟ ଅଧ୍ୟାୟର ଦ୍ୱାବିଂଶ ଶ୍ଳୋକ : "ବାସାଂସୀ ଜୀର୍ଣ୍ଣାନି ଯଥା ବିହାୟ/ନବାନି ଗୃହ୍ଣାତି ନରୋପରାଣି । / ତଥା ଶରୀରାର୍ଣ ବିହାୟ ଜୀର୍ଣ୍ଣା / ନ୍ୟନ୍ୟାନି ସଂୟାତି ନବାନି ଦେହୀ" ଅର୍ଥାତ୍ ଯେପରି ମନୁଷ୍ୟ ଜଗତରେ ପୁରାତନ ଜୀର୍ଣ୍ଣବସ୍ତ୍ରକୁ ତ୍ୟାଗ କରି ଅନ୍ୟ ନବୀନ ବସ୍ତ୍ର ଗ୍ରହଣ କରିଥାଏ; ଠିକ୍ ସେହିଭଳି ଜୀବାତ୍ମା ପୁରାତନ ଶରୀରକୁ ତ୍ୟାଗ କରି ନୂତନ ଶରୀର ଧାରଣ କରିଥାଏ । ଏହି

ଆଧ୍ୟାତ୍ମିକ ଜୀବନଚକ୍ରର ପ୍ରସଙ୍ଗଟିକୁ କବି ଆପଣାର କାବ୍ୟିକ ଅଭିବ୍ୟକ୍ତିରେ ଦେଇଛନ୍ତି ନୂତନ ରୂପ । ତେଣୁ ଅପସରି ଆସୁଥିବା ଜୀବନର ଅଭିବ୍ୟକ୍ତି ଭାବେ 'ପଉଷର ତରୁ' ଏବଂ 'ପଳିତ ପତର' ଭଳି ସାଂକେତିକ ଶାବ୍ଦିକ ରୂପକଙ୍କ ମାଧ୍ୟମରେ କବି ଜୀବନର ଉତ୍ତରାୟଣ, ଅତିକ୍ରମଣ ଏବଂ ନୂତନତାର ସମ୍ଭାବନାର ଦିଗନ୍ତକୁ ଉପଲବ୍ଧି କରିଛନ୍ତି । ସେହିଭଳି ମଧ୍ୟ ସେହି ନିରାଶା ମଧ୍ୟରେ ଆଲୋକ ବର୍ତ୍ତିକାଟିଏ ଜାଳି ଦେଇଛି ନିଜେ ନିଜ ଅନ୍ତର ମଧ୍ୟରେ ବାସ କରୁଥିବା ହୃଦୟମଣି ସମ୍ପର୍କରେ ସଚେତନ ହୋଇ ଥିବାରୁ ବୋଲି କବି ଉପଲକ୍ଷ୍ୟ କରିଛନ୍ତି । ବାହ୍ୟ ଚାକଚକ୍ୟଭରା ସଂସାରରେ ଯେଉଁ ମଣିର ବା ସୁଖର ସନ୍ଧାନ ସେ ପାଇପାରି ନାହାନ୍ତି । ତାହା ସେ ହୃଦୟର ଅତଳ ସାଗରରେ ଠାବ କରିଛନ୍ତି । ନିଜ ପରାଣ କୁଂଜରେ ପରମସତ୍ତାଙ୍କ ମୂରଲୀ ଧ୍ୱନିକୁ ସେ ଶୁଣି ପାରିଛନ୍ତି । କବିତାର ଉତ୍ତରଣ ମଧ୍ୟରେ କବି ନୈରାଶ୍ୟବାଦୀରୁ କ୍ରମଶଃ ଆଶାବାଦୀ ହୋଇ ଉଠିଛନ୍ତି । ଯାହାକି ତାଙ୍କର ଆଧିଭୌତିକ ଉତ୍ତରଣର ଉପଲବ୍ଧି ବୋଲି ଅଭିହିତ କରାଯାଇଥିଲା । ମୁକ୍ତିର ଶେଷ ସନ୍ଧାନଟିଏ ପାଇ ଆଶ୍ୱସ୍ତ ଅନୁଭବ କରିପାରିଛନ୍ତି କବି । କସ୍ତୁରୀ ମୃଗସମ ନିଜ ମଧ୍ୟରେ ଥିବା ସୁଗନ୍ଧକୁ ଜାଣି ନପାରି ଅକାରଣେ ଅନେକ ଘାରିହେବା ପରେ ଅମୃତମୟଙ୍କ ସନ୍ଧାନ କରିଛନ୍ତି ନିଜ ମଧ୍ୟରେ । ଯାହା ତାଙ୍କୁ ତୀବ୍ର ଆଶାବାଦୀ କରିତୋଳିଛି । ସେ ବୁଝିପାରିଛନ୍ତି ଯେ ଜୀବନର ଯେତେ ସବୁ ଦେଣାପାଉଣା ସେହି ଲୀଳାମୟଙ୍କର ହିଁ ଭିଆଣ । ସେହି ସବୁ କରି କରାଇ ଅଛନ୍ତି । ସେହି ପରମ ପ୍ରଭୁ ହିଁ ପରମ ଦୟାଳୁ । ସେହି ସମସ୍ତ କାର୍ଯ୍ୟ-କାରଣ, ଅସ୍ତି-ନାସ୍ତି ଆଉ ଜୀବନ-ମରଣର ଅସଲ ରହସ୍ୟ । ତେଣୁ ତାଙ୍କରି ପାଖରେ ଆତ୍ମସମର୍ପଣ ହିଁ କବିଙ୍କର କାମ୍ୟ । କବି ଉପଲବ୍ଧି କରିଛନ୍ତି ବିଭୂସ୍ପର୍ଶ ପାଇ ତାଙ୍କର ଜୀବନରୂପୀ ଜୀର୍ଣ୍ଣ ପଉଷ ତରୁ ପୁନଶ୍ଚପଲ୍ଲବିତ ହୋଇଉଠିବ । ଆଉ ତେବେ କି ଶୋଚନା !:

"ଜୀବନେ ଦେବା ନେବା ଭିଆଣ ସବୁ ତା'ର
ସେ ମହାଦାନୀ ହସେ ପରାଣେ ଦେଖୁ ନାହୁ ?
ତା' ପରଷେ ପଉଷ ଜୀର୍ଣ୍ଣ ଜୀବ ତରୁ
ପଲ୍ଲବିତ ଆହା ଶୋଚନା କିବା ଆଉ ?"

କବିତାଟିର ଏହି ପ୍ରସଙ୍ଗରେ କବିଚେତନାର ରୂପାନ୍ତରଣକୁ ସ୍ୱଷ୍ଟ ଲକ୍ଷ୍ୟ କରିହୁଏ । ମନୁଷ୍ୟ ଅଜ୍ଞାନ ସତ ହେଲେ ଚିରକାଳ ଅଜ୍ଞାନତାରେ ଘୂରିବୁଲିବା ତା'ର ଭବିତବ୍ୟ ନୁହେଁ; କବି ଏହି ପଂକ୍ତିରେ ସେକଥାଟିକୁ ସ୍ୱଷ୍ଟ କରିଦେଇଛନ୍ତି । ତେଣୁ କବି ଅନ୍ତର ପୁଲକିତ ହୋଇଉଠିଛି । ମୁକ୍ତିର ଦ୍ୱାର କ୍ରମେ ନିକଟରେ ବୋଲି ଆଶ୍ୱସ୍ତ ହୋଇଛନ୍ତି ସେ । ପାପପଙ୍କିଳ ଭରା ମର୍ତ୍ତ୍ୟଧାମରୁ ସେହି ପରମ ପ୍ରଭୁ ହିଁ ତାଙ୍କୁ ଉଦ୍ଧାର କରିବେ ତାହା ତାଙ୍କୁ ଆଶ୍ୱସ୍ତ ତଥା ଆନନ୍ଦିତ କରିଛି । କବି ପୁଲକିତ ହୋଇ ଗାଇଉଠିଛନ୍ତି:

"ଚାଲରେ ଚାଲ ମନ ନିତ୍ୟ ମଧୁବନ
ଦେଖିବୁ ପ୍ରିୟ ରାସ, ଅଦୂରେ ଗୋଲକରେ,
ଅଦୂର ପଥେ ଆଜି ମିଳନ ତା'ର ସାଥେ
ବିଜୟ ରଥେ ତୋର ଜୀବନ ଆଲୋକରେ ।"

ଥରେ ଜୀବର ଅନ୍ତଃସ୍ଥଳରେ ବିରାଜିତ ଥିବା ଚୈତ୍ୟସତ୍ତା ବା ଅନନ୍ତ ସତ୍ତା ସମ୍ପର୍କରେ ଜାଗିଉଠିଲେ, ସବୁ ବାଧା, ବିଘ୍ନ,ଦ୍ୱନ୍ଦ୍ୱ ଆପେ ମିଳେଇ ଯାଏ । ଘନ କୁହେଳି ଘେରା ପଥ ଆଲୋକସ୍ପର୍ଶରେ ସ୍ୱଷ୍ଟ ଦେଖାଗଲା ପରି ଜୀବର ଗନ୍ତବ୍ୟ ପଥ ପରିଷ୍କାର ହୋଇଉଠେ; ସିଧା ସଳଖ ଅନ୍ତରାତ୍ମାର ଜାଗ୍ରତ ହେଲା ପରେ । ଶ୍ରୀଅରବିନ୍ଦଙ୍କ ଦର୍ଶନ ଅନୁରୂପ ଏଠାରେ କବିଙ୍କ ଚେତନାରେ ସ୍ୱଷ୍ଟ ଅନୁଭବ ବାରି ହୋଇପଡ଼େ । ଦିବ୍ୟକୃପା ବଳରେ ଏବଂ ବ୍ୟକ୍ତିର ସଚେତନ ଆସ୍ପୃହା ଫଳରେ ସେ ଦିନେ ତା'ର କ୍ଷୁଦ୍ର ସତ୍ତାରୁ ମୁକ୍ତହୋଇ ବୃହତ୍ତର ଏବଂ ଅନନ୍ତସତ୍ତାଙ୍କ ସହ ଲୀନ ହୋଇ ପାରିବ ତା'ର ସମ୍ଭାବନା ସମୂହ ନିଜ ମଧ୍ୟରେ ହିଁ ରହିଛି । କେବଳ ସଚେତନତା ଏବଂ ଆସ୍ପୃହା ଆବଶ୍ୟକ । ବ୍ୟାକୁଳତା ବି ଲୋଡ଼ା, ଯାହା କବି ବୈକୁଣ୍ଠନାଥଙ୍କ ଅନ୍ତରରେ ଜାଗ୍ରତ ହୋଇଛି । ସେ ଶାନ୍ତିର ସନ୍ଧାନ ପାଇଛନ୍ତି ବିଭୁଙ୍କ ଚରଣ ତଳେ । ତେଣୁ ବ୍ୟାକୁଳିତ ସେ ପରମଙ୍କ ସ୍ପର୍ଶ ପାଇଁ:

"ଧନ୍ୟ ହେବୁ ଆଜି ପୁଣ୍ୟ ଦରଶନେ,
କ୍ଷୁର୍ଣ୍ଣ ସବୁ ପାପ ଦୁଷ୍କୃତିର ରାହୁ ।
ଜୀବନ ଦେବତା ମୋ ଜୀବନ ପଥେ ବିଜେ,
ତରଣୀ ମୋର ତା'ର ସାଗରେ ବହିଯାଉ ।"

କବି ପରମ ଆନନ୍ଦରେ ଗାଇ ଉଠିଛନ୍ତି ପରମ ପୁରୁଷଙ୍କ କରୁଣା ଏବଂ ଲୀଳାମୟତାକୁ । ତାଙ୍କର ପୁଣ୍ୟ ଦର୍ଶନରେ ଧନ୍ୟ ହୋଇଯାଇଥିବା କହିଛନ୍ତି କବିତାରେ । ଗୁଣିଆର ସ୍ପର୍ଶରେ ବିଷ ଝଡିଗଲା ପରି ସତେକି ଈଶ୍ୱରଙ୍କ ସ୍ପର୍ଶରେ ସବୁ ପାପ-କଳୁଷତା ତାଙ୍କର ଧୋଇ ହୋଇଯାଇଛି । ଦୃଷ୍କୃତିର ରାହୁ ତାଙ୍କୁ ମୁକ୍ତ କରିଦେଇଛି, ଏହି ସକଳ ଆଶା ତାଙ୍କୁ ପୁଲକିତ କରିଛି । ଜୀବନ ଦେବତା କବିଙ୍କ ଜୀବନପଥରେ ବିଜେ କରିଛନ୍ତି, ଆଉ କି ଦୁଃଖ, କି ଶୋଚନା ଜୀବନ ତରଣୀ ତାଙ୍କ ଭବସାଗର ପାରି ହୋଇଯିବ ପରମେଶ୍ୱରଙ୍କ କୃପାରୁ । ଶ୍ରୀ ଅରବିନ୍ଦଙ୍କ 'ସାବିତ୍ରୀ'ର ଉକ୍ତି "All can be done if god touch is there" ଏଠାରେ

ଅତ୍ୟନ୍ତ ପ୍ରଯୁଜ୍ୟ ମନେହୁଏ । ସବୁକିଛି ସମ୍ଭବ ଯଦି ଈଶ୍ୱରଙ୍କ ସ୍ପର୍ଶ ରହିଛି ଭଳି ଅଭିବ୍ୟକ୍ତି ବି ବେଶ୍ ଆସ୍ତିକତାରେ ପରିପୁଷ୍ଟ ଯଥୋଚିତ ।

କବି ବୈକୁଣ୍ଠନାଥଙ୍କର କବିତାର ଏହି ଶେଷ ପଂକ୍ତି ଭିତରେ ପୁନଶ୍ଚ ସେଇ ଆକୁତି ଯେ: ତାଙ୍କର ଜୀବନ ରୂପକ ନୈକାଟି ତା'ର ଉତ୍ତରିତ ପରିଣତି ଆଡ଼କୁ ସ୍ୱଚ୍ଛନ୍ଦରେ ପ୍ରବାହିତ ହୋଇ ଅନନ୍ତଗମ୍ୟକୁ ଯାତ୍ରା କରୁ । ବୈକୁଣ୍ଠଙ୍କର ଏ ଅଭିବ୍ୟକ୍ତିରେ ଭରି ରହିଛି ଅନ୍ତହୀନ ଆତ୍ମ ସମର୍ପଣ ଅନନ୍ତ ପ୍ରମାଣବୋଧ; ଯାହା ଭାରତୀୟ ଦାର୍ଶନିକ ଓ ଆଧ୍ୟାତ୍ମିକ ପରମ୍ପରାରବାହକ ଅଟେ ।

ଅତୀତରେ ବୈକୁଣ୍ଠନାଥଙ୍କର ଏ କବିତାଟି ଅନେକ ପ୍ରେକ୍ଷାରେ ଆଲୋଚିତ ହୋଇଛି । ଆଉ ଯେତେ ଆଲୋଚିତ ହୋଇଛି; ସେତେବେଶୀ ଭାବଗମ୍ଭୀର ହୋଇଉଠିଛି ତାଙ୍କର କାବ୍ୟାଭିବ୍ୟକ୍ତି । ସପ୍ରସଙ୍ଗ ରବୀନ୍ଦ୍ରନାଥ ଠାକୁରଙ୍କର ରାଗ-ରାମକେଲୀ, ତାଳ-ଦାଦରାରେ ୧୯୩୯ ମସିହାରେ ଲିଖିତ "ଆମାର ଜୀବନପାତ୍ର ଉଚ୍ଛୁଲିଗୟା" ଗୀତଟିକୁ ଉଦ୍ଧାର କରାଯାଇପାରେ । ଯାହାର ଆରମ୍ଭ ଓ ଶେଷର ଦୁଇଟି ପଂକ୍ତି ବେଶ୍ ସମତା ରଖେ ଯାତ୍ରାସଂଗୀତର ଅଭିବ୍ୟକ୍ତିରେ : "ଆମାର ଜୀବନପାତ୍ର ଉଚ୍ଛୁଲିୟା ମାଧୁରୀ କରେଛୁ ଦାନ.../ତୁମି ଦାନ ନାଇ, ତୁମି ଜନ ନାଇ,/ ତୁମି ଜାବନାଇ ତାର ମୂଲ୍ୟେର ପରିମାଣ/ ଘଙ୍ଘ ବିଦାୟ ନେବାର ସମୟ ଏ ବାର ହଲ.../ ମଧୁର ମରନେ ପୂର୍ଣ୍ଣ କରିୟା ସାଂପିଆ ଯାବ ପ୍ରାନ ଚରନେ ।/ ଘଙ୍ଘ ତାର ଗୋପନେ ବ୍ୟଥାର ନୀରବ ରାତ୍ରି ହୋକ ଆଜ ଅବସାନ ।"

ରବୀନ୍ଦ୍ରଙ୍କର ଏହି କବିତାରେ 'ଜୀବନ ପାତ୍ରକୁ ଉଚ୍ଛୁଳାଇ ଯେଉଁ ଜୀବନ ମାଧୁରୀ ପାନ କରିବାର କଥା ସହ ବିଭୁପ୍ରତି ଯେଉଁ କୃତଜ୍ଞତା ରହିଛି; ତାର ପରୀପୂର୍ଣ୍ଣତା ଓ ଆତ୍ମ ସମର୍ପଣବୋଧରୁ କବି ଜୀବନର ସମଗ୍ର ଗୋପନ ବ୍ୟଥାକୁ ନୀରବ ରାତ୍ରି ମଧ୍ୟରେ ପ୍ରସନ୍ନ ଚିତ୍ତରେ ମୁଦ୍ରିତ ଚକ୍ଷୁ ବିହୁନେ ଅବସାନ ହେଉ ବୋଲି ଅଭିବ୍ୟକ୍ତିର ସମଗ୍ରତାର ରହସ୍ୟମୟ ଜୀବନ ସଂଗୀତର ଉନ୍ମୀଳନ ବୈକୁଣ୍ଠର ଭାକ୍ତିକ ପରମ ଆକୁତି ଭିତରେ ପ୍ରାୟତଃ ଏକୀଭୂତ ଏବଂ ସମାନ୍ତରିତ । ଦୁଇ ବଳିଷ୍ଠ ଆଧ୍ୟାତ୍ମବାଦୀଙ୍କର ଦାର୍ଶନିକ, ଆଧ୍ୟାତ୍ମିକ, ଭାକ୍ତିକ ବିଭୁବୋଧର ଜିଜ୍ଞାସା ଓ ପ୍ରତ୍ୟାଶା ବେଶ୍ ଏକାତ୍ମ !

ବୈକୁଣ୍ଠନାଥ ପଟ୍ଟନାୟକଙ୍କର କାବ୍ୟଚିନ୍ତନ ଏବଂ ଉତ୍ତରାୟଣର ଏକ ସମଷ୍ଟିଭୂତ ଏକକ ଭାବେ 'ଯାତ୍ରାସଙ୍ଗୀତ' କବିତାଟିକୁ ଗ୍ରହଣ କରାଯାଇପାରେ । ଏପରିକି 'ଯାତ୍ରାସଙ୍ଗୀତ'ର ଚିରକାଳିକ ଆସ୍ପୃହାର ପ୍ରଚ୍ଛନ୍ନରେ ସଂଯୁକ୍ତ ପାଞ୍ଚଟି ସ୍ୱତନ୍ତ୍ର ଅଭିବ୍ୟକ୍ତି ଅର୍ଥାତ୍ ବିବାଦବୋଧ, ରହସ୍ୟମୟତା, ଦାର୍ଶନିକତା, ଆଧ୍ୟାତ୍ମିକତା ସହିତ ଚିରନ୍ତନ ଆଶାବାଦ ବା ଆନନ୍ଦବୋଧକୁ ଏକତ୍ର ମିଶାଇ ଅନୁଧ୍ୟାନ କଲେ ହିଁ ଉପଲବ୍ଧି କରାଯାଇପାରିବ ବୈକୁଣ୍ଠନାଥଙ୍କର କାବ୍ୟାଭିବ୍ୟକ୍ତିକୁ ବୋଲି ଅକାତରେ ସ୍ୱୀକାର କରାଯାଇପାରେ ।

ଅଧ୍ୟାପିକା, ଓଡ଼ିଆ ବିଭାଗ,
ସେମିଳିଗୁଡ଼ା ମହାବିଦ୍ୟାଳୟ,
କୋରାପୁଟ

ISSN -2583-147X(P), Vol.- 8, Issue No. IV, July 2022
Bastabatara Pariprakash Prachee
*Peer Reviewed and Referred Research Journal*

# କଥାକାର ପ୍ରଦୀପ ଦାଶଙ୍କ ଉପନ୍ୟାସରେ ପ୍ରତିଫଳିତ ପ୍ରାକୃତିକ ବିପର୍ଯ୍ୟୟ

**କାମିନୀ ଦେହୁରୀ**

ସଂପ୍ରତି ଓଡ଼ିଆ କଥା ସାହିତ୍ୟକୁ ନୂତନ ରୂପ ଦେବାରେ ଯେଉଁ ବିଶିଷ୍ଟ କଥାଶିଳ୍ପିମାନେ ନିରନ୍ତର ପ୍ରୟାସ ଚଳାଇଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ପରିଚିତ ପ୍ରତିଭା ହେଉଛନ୍ତି କଥାକାର ପ୍ରଦୀପ ଦାଶ । ଉଭୟ ଗଳ୍ପ ଓ ଉପନ୍ୟାସରେ ସେ କଥାଭିବ୍ୟକ୍ତିର ନୂତନ ଭାବ, ଭଙ୍ଗୀ ଓ ଭାଷାର ପ୍ରୟୋଗ କରି ପାଠକୀୟ ଆଦର ଅର୍ଜନ କରିଛନ୍ତି । କଥାକାର ପ୍ରଦୀପ ଦାଶଙ୍କ ଉପନ୍ୟାସଗୁଡ଼ିକରେ ଅନୁଭବ କରିହୁଏ ଇତିହାସ, ରାଜନୀତି, ଧର୍ମ, ସଂସ୍କୃତି ଓ ଜୀବନ ବଞ୍ଚିବାର ସଂଘର୍ଷର ନିଛକ ଛବି । ତାଙ୍କଦ୍ୱାରା ରଚିତ ଉପନ୍ୟାସଗୁଡ଼ିକ ହେଲା ଯଥା– 'ସୁବର୍ଣ୍ଣା ଆଁରେ ଗାଁ' (୨୦୦୭), 'ପେଟ ପାଟଣା' (୨୦୧୩) ଓ 'ଚରୁ,ଚୀବର ଓ ଚର୍ଯ୍ୟା' (୨୦୧୮), 'ତ୍ରିଭୁବନ ମହାଦେବୀ'(୨୦୨୨) । କଥାକାରଙ୍କର ପ୍ରଥମ ତିନୋଟି ଉପନ୍ୟାସରେ ପ୍ରାକୃତିକ ବିପର୍ଯ୍ୟୟର ଜୀବନ୍ତ ଛବି ପରିଲକ୍ଷିତ ହୋଇଥାଏ ।

ଆମ ସଂସ୍କୃତିରେ ନଦୀକୁ ଜୀବନ ରେଖା ବୋଲି କୁହାଯାଏ । ଯାହାକୁ ଆଧାର କରି ଏକ ଗୋଷ୍ଠୀ ଓ ସଂସ୍କୃତିର ଉତ୍‌ଥାନ ଏବଂ ପତନ ମଧ୍ୟ ହୋଇଥାଏ । ନଦୀର ସେଇ ରୂପକୁ ସଂଦର୍ଶନ କରି ହୁଏ ପ୍ରଦୀପ ଦାଶଙ୍କ 'ସୁବର୍ଣ୍ଣ ଆଁରେ ଗାଁ' (୨୦୦୭) ଉପନ୍ୟାସରେ । ପ୍ରୋକ୍ତ ଉପନ୍ୟାସରେ ବର୍ଣ୍ଣିତ କୁମରପୁର ଗାଁ ପାଇଁ ସୁବର୍ଣ୍ଣରେଖା ସାଜିଛି ଜୀବନ ରେଖା । ନଦୀକୂଳିଆ ଏହି କୁମରପୁର ଗାଁର ଉତ୍‌ଥାନ, ପତନ ଓ ପୁଣି ତାର ଉତ୍‌ଥାନର କାରଣ ସାଜିଛି ସୁବର୍ଣ୍ଣରେଖା ନଦୀ । ପ୍ରକୃତିର କୁରୂପ ହିଁ ଏହି କୁମାରପୁରିଆଙ୍କ ଭାଗ୍ୟକୁ ପରିବର୍ତ୍ତନ କରିଦେଇଛି । ଜଳ ବହୁଳେ ଜୀବନ ନଷ୍ଟ, ଜଳ ବିହୁନେ ଜୀବନ ନଷ୍ଟର ଉକ୍ତିଟି କୁମରପୁରିଆଙ୍କ କୁମପୁରିଆଙ୍କ ପାଇଁ ଯଥାର୍ଥ ମନେ ହୁଏ । ଉପନ୍ୟାସରେ ବର୍ଷାର ଅଭାବ, କାଳବୈଶାଖୀ ବର୍ଷା ଓ ତତ୍‌ପରେ ସୁବର୍ଣ୍ଣରେଖାରେ ବନ୍ୟା କୁମରପୁର ଗାଁର ଭିତ୍ତିକୁ ଦୋହଲାଇ ଦେଇଛି ବୋଲି କୁହାଯାଇପାରେ ।

ପ୍ରକୃତିର ପରିବର୍ତ୍ତିତ ରୂପ କୁମରପୁର ଗ୍ରାମର କରାଳତାର କାରଣ ସାଜିଛି । ପ୍ରଥମେ ବର୍ଷାଭାବ ଯୋଗୁଁ କୁମରପୁର ବାସିନ୍ଦାଙ୍କ ଜୀବନ କଷ୍ଟଦାୟକ ହୋଇ ପଡ଼ିଛି । ବର୍ଷାର ଆଶା ନେଇ ଆକାଶକୁ ଅନାଇ ଅନାଇ ଗାଁ ଲୋକଙ୍କ ଆଖିର ପାଣି ମଧ୍ୟ ଶୁଖିଗଲା । ତଥାପି ସୂର୍ଯ୍ୟ ଦେବଙ୍କ ପ୍ରଚଣ୍ଡ ରୂପରେ କୌଣସି ପରିବର୍ତ୍ତନ ଆସି ନାହିଁ । ସରଳ ଗ୍ରାମବାସୀ ସୂର୍ଯ୍ୟଦେବଙ୍କର ଏହି ଭୟାନକ ରୂପକୁ ତାଙ୍କର ରାଗ ବୋଲି ମନେ କରିଛନ୍ତି । ସେଇ ରାଗର କାରଣ ହିଁ ସେମାନଙ୍କର ଚିନ୍ତାର ବିଷୟ । ସେଥିପାଇଁ ସେମାନେ ସୂର୍ଯ୍ୟ ଦେବଙ୍କୁ ସନ୍ତୁଷ୍ଟ କରିବା ପାଇଁ ଯଜ୍ଞର ଆୟୋଜନ କରିଲେ । ସେହି ଯଜ୍ଞରେ ମହଣ ମହଣ ଘିଅର ଆହୁତି ଦିଆଗଲା, ସାତ ଜଣ ବ୍ରାହ୍ମଣ ଆଠ/ନଅ ଘଣ୍ଟା କାଳ ସ୍ତୁତି କରିଲେ, ଅର୍ଘ୍ୟ ଅର୍ପଣ କରିଲେ ତଥାପି ବସୁମାତା, ଇନ୍ଦ୍ରଦେବ ଓ ସୂର୍ଯ୍ୟଦେବ କେହି ମଧ୍ୟ ଶାନ୍ତ ହେଲେ ନାହିଁ । ଏଭଳି ହାହାକାର ଓ ସର୍ବତ୍ର ଉତ୍ତାପରେ ବିତି ଗଲା ଗୋଟିଏ ପକ୍ଷ । ଜଳୁଥିଲା ସମଗ୍ର ଗିରି-ବନ-ଲତା-ଗୁଳ୍ମ ଓ ତା' ସହିତ ମଣିଷର ଜୀବନ । ଜଳୁଥିଲା ସମଗ୍ର ଗାଁ ଭୂଇଁ କୁମରପୁରର ପ୍ରତ୍ୟେକ କୋଣ-ଅନୁକୋଣ ଓ ପ୍ରତ୍ୟେକ ଜୀବନ ପ୍ରକୃତିର ସେହି କଠୋର ରୂପର ପ୍ରଭାବରେ ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି ।

ସେହିପରି ଉପନ୍ୟାସର ଘଟଣାକ୍ରମେ ଯେତେବେଳେ ଘର ଭିତରେ ବାଷ୍ପୀଭୂତ ଓ ବାହାରେ ଝଡ ପବନ ହେବାଭଳି ଅନୁଭୂତି ହେବା ବେହେ ହିଁ କୁମପୁରର ଉତ୍ତର ପଶ୍ଚିମ ଆକାଶରେ ଦେଖା ଦେଇଛି । କଳାହାଣ୍ଡିଆ ମେଘ । ଆଉ ତା' ସହ ଭୀଷଣ ବିଜୁଳି ସମଗ୍ର ମଣ୍ଡଳକୁ ପ୍ରକମ୍ପିତ କରିଛି । କାଳବୈଶାଖୀର ଆଗମନର ସମସ୍ତ ଲକ୍ଷଣ ଦେଖି ସମସ୍ତେ ଆଶ୍ୱସ୍ତି ମନେ କରିଛନ୍ତି । ବର୍ଷା ତ ନୁହଁ ହୁମା ପବନ ଓ ତା' ସହିତ ବଡ଼ ବଡ଼ ବରକୋଳିଆ ବର୍ଷାର ଟୋପା । ଏହି କାଳବୈଶାଖୀ ସମଗ୍ର ଅଂଚଳରେ ଅନେକ କ୍ଷୟକ୍ଷତି ଘଟାଇବା ଆରମ୍ଭ କରି ଦେଇଥିଲା । ବର୍ଷା ସାଙ୍ଗକୁ ପବନ ହେତୁ

ଗଛପତ୍ର ଭାଙ୍ଗି ପଡିବା ଓ ଘଡ଼ଘଡ଼ି ବିଜୁଳିର ଶବ୍ଦ ସମସ୍ତଙ୍କୁ ଭୟଭିତ କରାଇଲା । ଏହି ସମସ୍ତ କରାଳ ଭିତରେ କଥାନାୟକ ପରାଶର ବର୍ଷାକୁ ନେଇ ସଚେତନ ନ ଥିବା ବେଳେ ତାଙ୍କ ଘର ଝରକା ଦେଇ ମୂଷଳ ଧାରାରେ ଧସେଇ ପସିଛି ବର୍ଷାଜଳ । କେବଳ ପରାଶରର ନୁହଁ ସେ ଅଂଚଳର ସମସ୍ତଙ୍କ ଘରର ଚାଳ ଉଡ଼ି ଘର ଭିତରେ ଅନର୍ଗଳ ବର୍ଷାଜଳ ପ୍ରବେଶ କରିଛି । ଆକାଶରେ ଗୁରୁଗୁରୁ ହୋଇ ଗରଜି ଚାଲିଥିଲା ଅଛିଣ୍ଡା ମେଘ । ପ୍ରକୃତିର କରାଳ ରୂପ ବହନ କରି କୁମରପୁରିଆଙ୍କ କାଳରାତି ଅତିକ୍ରାନ୍ତ ହୋଇ ନୂଆଁ ଦିନ ଆରମ୍ଭ ହୋଇଛି । ଏହି ସକାଳଟି ଚିରାଚରିତ । କିନ୍ତୁ ଗତରାତିର ତାଣ୍ଡବ ଲୀଳାର କ୍ଷୟକ୍ଷତି ବିଚଳିତ କରି ପକାଇଛି କୁମରପୁରିଆଙ୍କୁ । ଭାଙ୍ଗି ପଡିଛି ଶହ-ଶହ ଦ୍ରୁମ-ମହାଦ୍ରୁମ,ଗଛ-ବୃଛ, ଉଡ଼ି ଯାଇଛି ଲୋକଙ୍କ କୋଠିରୁ ଛାଳ ଛପର ଟିଣ । ଏପରିକି ଆମ୍ବଗଛମାନଙ୍କରେ ଗୋଟିଏ ହେଲେ ଆମ୍ବ ନଥିଲା । ଯେଉଁ ଦିଗକୁ ଆଖି ଗଲେ କେବଳ କ୍ଷୟକ୍ଷତି ସଂପୂର୍ଣ୍ଣ ଭାବେ ବଦଳି ଯାଇଥିଲା କୁମରପୁରର ମାନଚିତ୍ର । କାଳବୈଶାଖୀର କାଳ ରୂପ ସବୁକିଛି ବଦଳାଇ ଦେଇଥିଲା କୁମରପୁର ଆକଶରେ ଆଷାଢର ବାଦଲ ଦେଖାଦେଲା । ବର୍ଷା ହେତୁ ସୁବର୍ଣ୍ଣା ଫୁଲିବାକୁ ଲାଗିଲା ପୁଣି ସଜାଡି ହେବାକୁ ଲାଗୁଥିଲା । କୁମରପୁର ଅନାବୃଷ୍ଟିର ବିକଳତା ପଶ୍ଚାତ୍ ବହୁ ବର୍ଷା ଯୋଗୁଁ କୁମରପୁର ପୁଣି ପ୍ରକୃତିର କୁରୂପର ପରିଣତିକୁ ସାମ୍ନା କରିଛି । କାରଣ କୁମରପୁର ପାଇଁ ଏଥରକର ବର୍ଷା ଥିଲା ସଂପୂର୍ଣ୍ଣ ଭିନ୍ନ ଯାହା ନେଇଥିଲା ଭୟଙ୍କର ବନ୍ୟାର ରୂପ । ବର୍ଷାର ଆଧିକ୍ୟ ଯୋଗୁଁ ସୁବର୍ଣ୍ଣା ଧାରଣ କରିଛି ଅତି ଭୟଙ୍କର ରୂପ । ଯାହା ଥିଲା ବେଶ୍ ପ୍ରକାୟାଙ୍କାରୀ ଗତ; ଚାଳିଶ ବର୍ଷ ମଧ୍ୟରେ ସୁବର୍ଣ୍ଣାର ଏଭଳି ରୂପ କେହି ଦେଖି ନ ଥିଲେ । ବନ୍ୟା କମି ଯାଇଥିଲେ ମଧ୍ୟ ସୁବର୍ଣ୍ଣା ଭରି ହୋଇ ରହିଥିଲା । ରାଗରେ ରବେଇ ଖବେଇ ହେଲା ଭଳି ସୁବର୍ଣ୍ଣା ବ୍ୟବହାର କରିଥିଲା । ଯାହାଦ୍ୱାରା ପାଗଳ ଓ କ୍ଷୁଧାବର୍ବର ଭଳି ସୁବର୍ଣ୍ଣା ଖାଇ ଚାଲିଥିଲା ଦୀର୍ଘକାୟ ମାଟି ଅତଡା । ସମଗ୍ର ଅଞ୍ଚଳରେ ଅତଡା ଖସିବାର ଶବ୍ଦ ହିଁ ଗୁଞ୍ଜରିତ । ଫଳରେ ବୁଡ଼ିବାକୁ ଲାଗିଲା କୁମରପୁର । ନିଜର ଭିଟାମାଟିରୁ ଅନ୍ୟତ୍ର ପଳାୟନ କରିବାକୁ । ବାଧ୍ୟ ହୋଇଥିଲେ ଲୋକେ । ସେଇ ଭିଟାମାଟି ସାଜିଲା ମଗ୍ନାମାଟି । ଯେଉଁ ବଢିପାଣି ନଈରୁ ଆସି କୁମରପୁରକୁ ବୁଡାଇଲା ତାହା ପୁଣି ନଈକୁ ହିଁ ଫେରିଗଲା । କିନ୍ତୁ ଇତି ମଧ୍ୟରେ କୁମରପୁର ହରାଇ ସାରିଥିଲା ନିଜର ପୁରୁଣା ଗୌରବ, ଗାରିମା । ପ୍ରଥମେ ବର୍ଷାର ଅଭାବ ଓ ପରେ ବର୍ଷାର ଆଧିକ୍ୟ ହିଁ କୁମରପୁର ଗ୍ରାମର ସ୍ଥିତି, ଅବସ୍ଥିତି ଏବଂ ପରିସ୍ଥିତିକୁ ବଦଳାଇ ଦେଇଛି । ତେଣୁ ବର୍ଷା ହିଁ ସମଗ୍ର ଉପନ୍ୟାସର କଥାଭାଗକୁ ପ୍ରଭାବିତ କରିଛି । ପ୍ରକୃତିର କୁରୂପର ଇତିକଥା କଥାକାର ଦାଶଙ୍କ ଲେଖନୀରେ ବେଶ୍ ମୁଖରିତ ଓ ପ୍ରଭାବିତ ପ୍ରତୀତ ହୋଇଛି ।

'ପେଟପାଟଣା' ଉପନ୍ୟାସରେ ସ୍ୱାଧୀନ ଭାରତର ଅମଲାତନ୍ତ୍ର ଓ ବ୍ୟବସ୍ଥାର ନଗ୍ନ ରୂପ ବର୍ଣ୍ଣିତ ହୋଇଛି । କିନ୍ତୁ ପ୍ରୋକ୍ତ ଉପନ୍ୟାସରେ କଥାକାର ଦଶ ଏକ ପ୍ରଚଣ୍ଡ ଘୂର୍ଣ୍ଣିଝଡ଼ର ଛବି ବର୍ଣ୍ଣନା କରିଛନ୍ତି । ଯାହା ଭୟାବହ ଓ ଲୋମହର୍ଷକାରୀ ଅଟେ । ପ୍ରକୃତିର ରୂପର ଏକ ଜୀବନ୍ତ ଛବି ବେଶ୍ ହୃଦୟସ୍ପର୍ଶୀ ଭାବେ ଏଠାରେ ବର୍ଣ୍ଣିତ ଉପନ୍ୟାସର ଘଟଣାନୁସାରେ ଉପନ୍ୟାସର ମୁଖ୍ୟ ଚରିତ୍ର ଅଭିମାନ ଜିଲ୍ଲାପାଳଙ୍କ ଫୋନ୍ ବାରମ୍ବାର ଆସିଛି । କିନ୍ତୁ ଚରିତ୍ର ଅଳକା ସହ କୌଣସି ବିଷୟରେ ଦୁହିଁଙ୍କ ଯୁକ୍ତିତର୍କ ଚାଲିଥିଲା । ଫଳରେ ଅଭିମାନ ପାଇଁ ଆସୁଥିବା ଫୋନକୁ ଅଳକା ଉଠାଇବାକୁ ଦେଲାନି । ଯାହାଦ୍ୱାରା ଅଭିମାନଙ୍କୁ ବାରମ୍ବାର ଫୋନ୍ ଆସିଛି ଏବଂ ସେ କୌଣସି ଫୋନର ଉତ୍ତର ଦେଇ ପାରିନାହାଁନ୍ତି । ଶେଷରେ ଜିଲ୍ଲାପାଳ ଡ୍ରାଇଭରକୁ ଜିପ୍ ଧରି ଅଭିମାନଙ୍କୁ ତୁରନ୍ତ ହାଜର ହେବା ପାଇଁ ଖବର ପଠାଇଛନ୍ତି । ତେଣୁ ଡ୍ରାଇଭରଙ୍କ ବାର୍ତ୍ତା ପାଇ ଅଭିମାନ ନିଜର ଟୁର୍ ବ୍ୟାଗଟି ଧରି ଶୀଘ୍ର ଶୀଘ୍ର ବାହାରି ପଡ଼ିଲା । ଜିପ୍‌ରେ ଯିବା ସମୟରେ ରାସ୍ତାରେ ହିଁ ଗୋରବପେଣ୍ଠ ଗାଁରେ ଘଟିଥିବା ଝଡର କରାଳତା ସେମାନେ ଜାଣି ପାରିଛନ୍ତି । ଗୋବରପେଣ୍ଠ ଗାଁରେ ଝଡ଼ା ଆସିଛି କିନ୍ତୁ ତା'ର ପ୍ରଭାବ ପାଂଚ କିଲୋମିଟର ଦୂରରେ ମଧ୍ୟ ତାର ତାଣ୍ଡବ ଲୀଳା ସେମାନେ ଦେଖି ପାରିଛନ୍ତି । କାରଣ ଗୋବରପେଣ୍ଠ ଗାଁର ପ୍ରାୟ ପାଞ୍ଚ କିଲୋମିଟର ଦୂରରେ ରାସ୍ତାରେ ବିରାଟକାୟ ଗଛଗୁଡ଼ିକର ଡାଳ ଭାଙ୍ଗି ଝଡରେ ଉଡି ଆସି ପଡ଼ିଛି । ଗୋବରପେଣ୍ଠ ଗାଁ ଯେତେ ପାଖେଇ ଆସୁଥିଲା ଝଡର କରାଳ ଦୃଶ୍ୟ ସେତେ ସ୍ପଷ୍ଟ ହୋଇଯାଉଥିଲା । ରାସ୍ତାସାରା ଆଜବେଷ୍ଟସ୍, ଟିଣ, ଟାଇଲ, ଡାଳ, ନଡ଼ା ଇତ୍ୟାଦି ଅସ୍ତବ୍ୟସ୍ତ ହୋଇ ପଡ଼ିଛି । ଏହା ବ୍ୟତୀତ ଅଜସ୍ର ଗୃହପାଳିତ ପଶୁ ପେଟ ଫୁଲାଇ ରାସ୍ତାରେ ମରି ପଡ଼ିଛନ୍ତି । ରାସ୍ତାରେ ଏହି ସବୁ ପଡିଥିବା ଯୋଗୁଁ କେବଳ ଗୋଟିଏ ଗାଡି ହିଁ ଯିବାକୁ ସ୍ଥାନ ଥିଲା । ଗାଁ ନିକଟରେ ପହଞ୍ଚିବାର କିଛି ବାଟ ପୂର୍ବରୁ ସଂପୂର୍ଣ୍ଣ ଭାବେ ରାସ୍ତା ବନ୍ଦ ହୋଇଯାଇଛି । ରାସ୍ତାରେ ଲାଇନ୍‌ରେ ଠିଆ ହୋଇଛନ୍ତି ଅନେକ ବସ୍ ଓ କାର୍ । ଆଗକୁ ବଢିବା ଅଭିମାନ ପାଇଁ ସମ୍ଭବ ହେଲା ନାହିଁ । ସେଥିପାଇଁ ଗାଡ଼ିରୁ ଓହ୍ଲାଇ ଅଭିମାନ ଚାଲି ଚାଲି ଆଗକୁ ଗଲେ । ସେଠାରେ ପହଞ୍ଚି ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ପୁଣିଥାରେ ଜିପ୍‌କୁ ଫେରି ଆସି ନିଜର ପୋଷାକ ପରିବର୍ତ୍ତନ କରି ସେଠାକାର ଜନ ସାଧାରଣଙ୍କୁ ଉଦ୍ଧାର କରିବା ପାଇଁ ଯୋଜନା ମାନ ପ୍ରସ୍ତୁତ କରିଲେ । କିନ୍ତୁ ସେମାନଙ୍କର ସେଇ ଉଦ୍ଧାରକାର୍ଯ୍ୟରେ ଅନେକ ବାଧା ସୃଷ୍ଟି ହୋଇଛି । ସେମାନେ ସେଠାକାର ସ୍ଥାନୀୟ ଲୋକଙ୍କୁ ମଧ୍ୟ ସହଯୋଗ ପାଇଁ ନିବେଦନ କରି ପାରି ନ ଥିଲେ । କାରଣ ଲୋକମାନେ ରାସ୍ତାରେ ପଡ଼ି ଚିତ୍କାର କରୁଥିଲେ କିଛି ଲୋକ ଚିତ୍ ହୋଇ ପଡିଛନ୍ତି, କିଛି

ଆହତ ହୋଇ ପଡ଼ିଛନ୍ତି । ଅଭିମାନର ଯୋଜନାରେ ସମ୍ମତ ହୋଇ ଜିଲ୍ଲାପାଳ କ୍ଷତାକ୍ତ ଲୋକଙ୍କୁ ଚିକିତ୍ସାଳୟକୁ ପଠାଇବା ପାଇଁ ବ୍ୟବସ୍ଥା କରିଲେ । ସେମାନଙ୍କର ସେହି ଯୋଜନାକୁ ରୂପ ଦେବାବେଳେ ସେମାନେ ବିଭିନ୍ନ ଅସୁବିଧାର ସାମ୍ନା କରିଛନ୍ତି । କାରଣ ରାସ୍ତାରେ ସ୍ତୁପୀକୃତ ହୋଇ ପଡ଼ିଥିବା ଡାଳପତ୍ର, ଗୋରୁ, ଗାଇଁ, ସ୍କୁଟର, ମୋଟର ସାଇକେଲ ଭିତରୁ ବିଭିନ୍ନ ପ୍ରକାର ଯନ୍ତ୍ରଣାର ଚିତ୍କାର ଭାସି ଆସିଛି । ସେହି ଦିଗକୁ ଅଭିମାନ ଓ ତାଙ୍କ ସହଯୋଗୀମନେ ଯାଇ ଲୋକଙ୍କୁ ଉଦ୍ଧାର କରି ଚିକିତ୍ସାଳୟକୁ ପଠାଇଲେ । ଏହି ସବୁ ଭିତରେ ଅଭିମାନ ବ୍ୟସ୍ତ ହୋଇ ପଡ଼ିଥିଲେ । କାରଣ ସଞ୍ଜ ମାଡ଼ି ଆସିଲାଣି ଓ ସେହି ଗାଁରେ ଆଉ କେତେ କ୍ଷୟକ୍ଷତି ହୋଇଛି ଏବଂ କେତେ ପରିମାଣରେ ଜନସାଧାରଣ ହତାହତି ହୋଇଛନ୍ତି, ତାହା ଅନୁମାନ କରିବା ସହଜ ନଥିଲା । ସେଇ ଉଦ୍ଧାର କାର୍ଯ୍ୟଟି ପରଦିନ ସକାଳ ପର୍ଯ୍ୟନ୍ତ ଅନବରତ ଚାଲିଲା । ସେଠାରେ ରାତିରେ କେତୋଟି ସ୍ୱେଚ୍ଛାସେବୀ ଦଳ, ଅଗ୍ନିଶମ ଦଳ, ଓଡ୍ରାଫ୍ ଦଳ, ଆଖ ପାଖ ଅଂଚଳର ବହୁତ ଯୁବକ ଓ ପୁରୁଷମାନେ ଉଦ୍ଧାର କର୍ମରେ ଯୋଗ ଦେଇଥିଲେ । ସେମାନେ ସମସ୍ତେ ମିଶି କେଉଁ କାନ୍ଥ ତଳେ, ଭଙ୍ଗା ଛପର ତଳେ, ଗଡ଼ିଆ ଭିତରେ, ଓଲଟି ପଡ଼ିଥିବା ମରେଇ ତଳୁ, ଘର ଭିତରୁ ଓ ସ୍କୁଲ ଭିତରୁ ଏଭଳି ବିଭିନ୍ନ ସ୍ଥାନରୁ ମର ଶରୀରମାନ ଉଦ୍ଧାର କରିଲେ । ରାତିର ଏହି ଭୟାବହ ସମୟ ଅତିବାହିତ ହୋଇ ସକାଳ ହୋଇଗଲା । ସେତେବେଳେ ଧ୍ୱଂସର ଚିତ୍ର ବେଶ୍ ସ୍ପଷ୍ଟ ଓ ବିଶଦ ଭାବରେ ପ୍ରତୀତ ହେଲା । ସେଠାରେ କେତେକ ଗାଡ଼ିଆ ପୁରା ଶୁଖା ଦେଖାଯାଇଥିଲା । ଗାଡ଼ିଆର ମାଛ, ବେଙ୍ଗ, କଙ୍କଡା ଓ ଜଳଚର ଜୀବମାନେ ଗଛର ଡାଳମାନଙ୍କରେ ଝୁଲୁଥିଲେ । ବାସ୍ତବରେ ପ୍ରକୃତିର ତାଣ୍ଡବ ଏଠାରେ ବେଶ୍ ପ୍ରଚଣ୍ଡ ଜଳର ଜୀବମାନେ ସ୍ଥଳରେ ବା ବୃକ୍ଷରେ ଆସି ଲଟକିଛନ୍ତି । ସେହିପରି ବେଶ୍ ଆଶ୍ଚର୍ଯ୍ୟ ଭାବରେ କିଛି କିଛି ଅର୍ଜୁନ ଗଛ, ଆମ୍ବଗଛ ଓ ଚାକୁଣ୍ଡାଗଛ ଉପରେ ପାଞ୍ଚୋଟି ଟ୍ରକ୍‌ର ଡାଲା ଆସି ଲଟକିଥିଲା । ଏକ କୋଠାଘରର ଧ୍ୱଂସ ସ୍ତୁପଉପରେ ମାଡ଼ି ବସିଥିଲା ଗୋଟିଏ ଟ୍ରକ ଇଞ୍ଜିନ୍, ସେଇ ଇଞ୍ଜିନ୍ ଭିତରୁ କାଟି-କୁଟି ଏକ ଲୋକର ଶବକୁ ଉଦ୍ଧାର କରାଗଲା । ପ୍ରକୃତିର ଏଭଳି କୁରୂପ ଅସହନୀୟ; ଗୋଟିଏ ଲୋକର ଶବ ଗୁଣ୍ଠି ହୋଇ ଯାଇଥିଲା ଭାଙ୍ଗି ପଡ଼ିଥିବା ଏକ ଶିମୁଳିଗଛର କେନାରେ ସେହିପରି ପୋଖରୀ ମଝିରେ ଧରାଧରି ହୋଇ ଫୁଲି ଭାସୁଥିବା ସ୍ତ୍ରୀ ଓ ପୁରୁଷର ଶବର ଦୃଶ୍ୟ ଅତ୍ୟନ୍ତ ମର୍ମନ୍ତୁଦ । ସକାଳ ପର୍ଯ୍ୟନ୍ତ ଛପର ଘରର ଅଳିଭା ନିଆଁରୁ ଏହି ସ୍ପଷ୍ଟ ଯେ, ରାତିରେ ପ୍ରଚଣ୍ଡ ବିଜୁଳି ଯୋଗୁଁ ଏହା ଘରଗୁଡ଼ିକ ଜଳି ପାଉଁଶ ହୋଇ ଯାଇଛି । ପ୍ରୋକ୍ତ ଗାଁରେ କେବଳ ତିନୋଟି ପକାଘର ଥିଲା,ସେଥି ମଧ୍ୟରୁ ଦୁଇଟି ଘର ଗୋଟିଏ ପଟକୁ ଢଳି ପଡିଥିଲା । ଏହାଛଡା ସେଇ ଗାଁହରେ କୌଣସି ଘର ଅତୁଟ ବା ଅଖଣ୍ଡ ନ ଥିଲା । ଖୋଲି ହୋଇ ଯାଇଥିଲା ସମସ୍ତ ଡିହ । ପ୍ରକୃତିର ଏହି ତାଣ୍ଡବ ଲୀଳାରେ କୌଣସି ଗୃହପାଳିତ ପଶୁ-ପକ୍ଷୀ ଜୀବିତ ନ ଥିଲେ । ଆଶ୍ରୟ ନେବାକୁ ଯିଏ ଯେଉଁଠି ସାହାର ନେଇଛି, ସେଇ ସାହାରା ହିଁ ତା'ର ମୃତ୍ୟୁର କାରଣ ମଧ୍ୟ ସାଜିଛି । ସେଥିପାଇଁ ଗଛ ତଳେ ଚାପି ହୋଇ ପ୍ରାୟ ଲୋକ ମୃତ୍ୟୁବରଣ କରିଛନ୍ତି । ଏଭଳି ଏକ ହୃଦୟ ବିଦାରକ ତଥା କରାଳ ଝଡ଼ରେ ଯେଉଁମାନେ ବଂ ଯାଇଛନ୍ତି, ସେମାନେ ହିଁ ପ୍ରତ୍ୟକ୍ଷଦର୍ଶୀ ଏହି ଝଡ଼ର । ସେମାନେ ହିଁ କେତେ ପ୍ରକାରର ଅନୁଭୂତି ବଖାଣି ଚାଲିଲେ । ଅଭିମାନ ଏହି ଝଡ଼ର କାରଣ ପଚାରି ଶୁଣିବାକୁ ପାଇଥିଲେ, ଯେ "କ'ଣ କହିବି ଆଜ୍ଞା, ଭାତଖିଆ ବେଳ କଥା, ମୁଁ ଆମ ମଇଁଷୀ ଧରି ନଈରୁ ଉପରକୁ ଉଠିଆସିଛି । ହଠାତ୍ ଗୋଟାଏ କାନ ଅତଡା ଶବ୍ଦ ଶୁଣି ପଛକୁ ଅନାଇ ଦେଲି ସେ ଉତ୍ତର ପଟନରେ ଉପରେ । ଝଲ୍ କିନା ଖସି ପଡିଲା ଏକ ହାଲୋଳମୟ ନିଆଁ ପିଣ୍ଡୁଳା । ଆଉ ତା ପରେ ପରେ ଆରମ୍ଭ ହୋଇଗଲା ସୁ ସୁ ଶବ୍ଦ । ବାଲି ଉପରେ ଠିଆ ହୋଇଥିଲା ପାଂ ଛଅଟା ବାଲିଟ୍ରକ୍ । ହଠାତ୍ ଗୋଟାଏ ଟ୍ରକ୍ ଓଲଟି ପଡ଼ି ଗଡିଯିବା ଦେଖି ମୁଁ ଦୌଡିଲି । ଯୋଗକୁ ଆଗରେ ଏଇ ତେନ୍ତୁଳି ଗଛଟା ପାଇଲି ଯେ ତା ଗଣ୍ଡିକୁ ଜାବୁଡ଼ି ଧରି ପଡ଼ି ରହିଲି ତଳେ । ମୋର ଆଗରେ ଉଡ଼ିଗଲେ ମଇଁଷି ପଲ । ଉଡ଼ି ଆସୁଥିବା ବାଲି ବିଛାଇ ପଡୁଥିଲା ମୋ ଉପରେ ଅବସ୍ଥା ଦେଖି ଠିଆ ଠିଆରେ ଗଛଟିକୁ ଜାବୁଡ଼ି ଧରିଲି । କ୍ରମଶଃ ବାଲିରେ ଅଣ୍ଟା ପର୍ଯ୍ୟନ୍ତ ମୁଁ ପୋତି ହୋଇଗଲି ଓ ଅଟକି ଗଲି । କେତେ ସମୟ ? ମାତ୍ର ପନ୍ଦର କି କୋଡ଼ିଏ ମିନିଟର କଥା ଅତି ବେଶୀ ହେଲେ ଅଧଘଣ୍ଟାଏ ହେବ । ମୋରି ଆଗରେ ଉଡି ଯାଉଥିଲେ ସବୁ । ମୁଁ ଆଉ ଅନାଇ ନ ପାରି ଆଖି ବୁଜି ପକାଇଲି । ଖାଲି କଡ଼ କଡ଼ ମଡ଼ ମଡ଼ ଶବ୍ଦ ଶୁଭୁଥିଲା କାନକୁ । ଘଡ଼ ଘଡ଼ି ଶବ୍ଦରେ ଦୁଲୁକି ଯାଉଥିଲା ଛାତି ବିଜୁଳି ମାରୁଥିଲା ଛର୍‌ର ଛର୍‌ରା ଭୟରେ ଆଖିବୁଜି ଦେଇଥିଲେ ବି ବିଜୁଳି ଧାସରେ ଚମକି ଉଠୁଥିଲି ମୁଁ ।"

"କୁହାଯାଏ ଯେ ଇତିହାସ ସତ୍ୟ ନୁହେଁ; ଏହା ଅର୍ଦ୍ଧ ସତ୍ୟ । ସତ୍ୟ ହେଉଛି ଇତିହାସକୁ ଆଶ୍ରାକରି ରଚିତ ହୋଇଥିବା ଉପନ୍ୟାସ । ଉପନ୍ୟାସ ହିଁ ସତ୍ୟର କେନ୍ଦ୍ରବିନ୍ଦୁରେ ପହଂ । ସମୟ ଓ ସମାଜର ଅସ୍ଥି-ମଜ୍ଜାକୁ ଛୁଏ - ମର୍ମ ସ୍ପର୍ଶ କରେ ।" (ଭୂମିକା-ଚରୁ, ଚୀବର ଓ ଚର୍ଯ୍ୟା) । ଇତିହାସ ଓ ଉପନ୍ୟାସକୁ ଆଧାର କରି କଥାକାର ପ୍ରଦୀପ ଦାଶଙ୍କ ଏହି ଉକ୍ତିଟି ବେଶ୍ ବାସ୍ତବ । ଇତିହାସକୁ ନେଇ ଅନେକ ଉପନ୍ୟାସ ରଚିତ ହୋଇଛି । କିନ୍ତୁ ସେହି ଐତିହାସିକୁ ଉପନ୍ୟାସଗୁଡ଼ିକର ଇତିହାସ କେବଳ ଅର୍ଦ୍ଧ ସତ୍ୟ ଅଟେ । ଇତିହାସକୁ ଆଧାର କରି କଥାକାର ଯେଉଁ କଥା ଜଗତର ସଂରଚନା କରେ

ତାହା ହିଁ ସତ୍ୟ; ଯେଉଁଠି ପ୍ରତିଫଳିତ ହୁଏ ସମୟ ସମାଜ ଓ ମଣିଷର ପ୍ରତ୍ୟେକ ମର୍ମ । ଇତିହାସ ଓ କଥାକାରିତାର ସେହିଭଳି ଏକ ଅଭିନବ ମିଶ୍ରଣ ପରିଲକ୍ଷିତ ହୋଇଛି କଥାକାର ପ୍ରଦୀପ ଦାଶଙ୍କ 'ଚରୁ, ଚୀବର ଓ ଚର୍ଯ୍ୟା' ଉପନ୍ୟାସରେ । ଏହି ଉପନ୍ୟାସଟି ୨୦୧୮ ମସିହାରେ ବୁଦ୍ଧ ପୂର୍ଣ୍ଣିମା ଅବସରରେ ପ୍ରକାଶିତ ହୋଇ ୨୦୧୯ ମସିହାରେ ୪୦ତମ ସାରଳା ପୁରସ୍କାରରେ ସମ୍ମାନିତ ହୋଇଛି । ପ୍ରୋକ୍ତ ଉପନ୍ୟାସରେ ଭୌମକର ରାଜବଂଶର ବୌଦ୍ଧ ଚର୍ଯ୍ୟା ଓ ପରିଚର୍ଯ୍ୟାର ପରିବର୍ତ୍ତିତ ରୂପ ସହ ଅନୁଭବୀ ହୁଏ ସେମାନଙ୍କର ରାଜତନ୍ତ୍ରର ହିଂସା-ପ୍ରତିହିଂସା, ଦ୍ୱନ୍ଦ୍ୱ-ବିବାଦ, ବିଦ୍ରୋହ-କ୍ଷମତାଲିପ୍ସା, ପ୍ରତିଷ୍ଠା ତଥା ପରାଜୟ - ଦିଗ୍‌ବିଜୟର ଅଭିନବ ଛବି, ଏହା ଅପେକ୍ଷା ଏହି ଉପନ୍ୟାସରେ ବର୍ଣ୍ଣିତ ହୋଇଛି ପ୍ରେମ-ବିବାହ, ତ୍ୟାଗ-ପ୍ରତାରଣା ଓ ପ୍ରବଂଚନାର ନିଛକ ଚିତ୍ର ।

ଓଡ଼ିଶା ଇତିହାସର ଅଷ୍ଟମ-ନବମ ଶତାବ୍ଦୀର କାଳଖଣ୍ଡକୁ ଏକ ସୁବର୍ଣ୍ଣ ଯୁଗ ବୋଲି କୁହାଯାଏ । ଏହି କାଳଖଣ୍ଡରେ ପ୍ରାୟ ଦୁଇ ଶହ ବର୍ଷ କାଳ ଶାସନ କରିଥିବା ଭୌମକର ରାଜବଂଶର କଳା, ସ୍ଥାପତ୍ୟ, ଧର୍ମ, ଶିକ୍ଷା ଓ ବାଣିଜ୍ୟ ଥିଲା ଶୀର୍ଷରେ । ଏହି କାଳଖଣ୍ଡରେ ହିଁ ରାଜ-ପୃଷ୍ଠପୋଷକତା ପ୍ରାପ୍ତ କରିଥିଲା ପ୍ରସିଦ୍ଧ ଓ ପ୍ରଖ୍ୟାତ ଶିକ୍ଷାୟତନ ରତ୍ନଗିରି ମହାବିହାର ନାଳନ୍ଦା ବିଶ୍ୱବିଦ୍ୟାଳୟ । ଏହି ସମସ୍ତ ପ୍ରସଙ୍ଗ ଅପେକ୍ଷା ଆଲୋଚ୍ୟ ଉପନ୍ୟାସରେ ସ୍ଥାନ ପାଇଛି ଭୌମକର ରାଜବଂଶର ଶାସନ କାଳର ଏକ ଲୋମହର୍ଷକାରୀ ପ୍ରାକୃତିକ ବିପର୍ଯ୍ୟୟର ଛବି । ଯୁଗ ଯୁଗ ଧରି ପ୍ରକୃତିର କରାଳ ରୂପ ମାନବ ସମାଜକୁ କ୍ଷତ-ବିକ୍ଷତ କରିଛି । ପ୍ରକୃତିର ସେଇ ପ୍ରକୋପରୁ ବାଦ୍ ପଡିନି ଇତିହାସର ପୃଷ୍ଠା । ଘଟଣାକ୍ରମେ ଉପନ୍ୟାସରେ ପରିଲକ୍ଷିତ ହୋଇଛି ଅନାବୃଷ୍ଟିର ଏକ ଭୟଙ୍କର ଛବି । ଯାହା ସଂପୂର୍ଣ୍ଣ ଭାବେ ଦୋହଲାଇ ଦେଇଥିଲା ଭୌମକର ରାଜବଂଶର ଭିତ୍ତିପ୍ରସ୍ତକୁ । ତାହା ହିଁ ହେଉଛି ଏହି ଆଲେଖ୍ୟର ମୁଖ୍ୟ ଉପଜୀବ୍ୟ ।

ଉପନ୍ୟାସର ଘଟଣାକ୍ରମେ ବୃଷମାସ ଯାଇ ମିଥୁନ ମାସ ମଧ୍ୟ ଯିବାକୁ ବସିଲା, କିନ୍ତୁ ଟୋପାଏ ବି ବର୍ଷା ବର୍ଷି ନାହିଁ ଭୌମକର ସାମ୍ରାଜ୍ୟରେ । ଯାହା ସମଗ୍ର ଚାଷୀକୂଳ ପାଇଁ ସୃଷ୍ଟି କରିଲା ଗଭୀର ଚିନ୍ତା । ଅକ୍ଷିର ଧାନ ଶୁଖି ହେଲା ଠଣ୍ ଠଣ୍ । ଫସଲ ଶୁଖି ହୋଇଗଲା ଅଗାଡ଼ି । ଚାଷୀଙ୍କୁ  ଚାରି ଭାଗରୁ ଭାଗେ ଫସଲ ପ୍ରାପ୍ତ ହେଲା । ଗୋଚର ଜମିଗୁଡ଼ିକ ଜଳିଗଲା । ଖାଦ୍ୟ ନ ପାଇ ଗାଇ-ଗୋରୁ କଙ୍କାଳରେ ପରିଣତ ହୋଇଗଲେ । ପାଣି ଟୋପାଏ ପିଇବା ପାଇଁ ହନ୍ତସନ୍ତ ହୋଇ ପଡ଼ିଲେ ଜୀବ-ଜନ୍ତୁ । ଏପରିକି ରାଜା ଖୋଳାଇଥିବା ବଡ ବଡ ପୋଖରୀଗୁଡିକ ମଧ୍ୟ ଶୁଖିଗଲା । ଅନାବୃଷ୍ଟିର ପ୍ରକୋପ ଏତେ ଭୟଙ୍କର ଥିଲା ଯେ, ଚାଷ ଜମି, ପୋଖରୀ, ମଣିଷର ଲୁହ, ଲହୁ ସହ ଦୁଗ୍ଧବତୀ ଗାଈର ପହ୍ନାର କ୍ଷୀର ମଧ୍ୟ ଶୁଖିଗଲା । ସବୁ ଦିଗରେ କେବଳ ମରୀଚିକା ହିଁ ମରୀଚିକା । ଅନାବୃଷ୍ଟି ଯୋଗୁଁ ଚାରିଦିଗରେ କେବଳ ହାହାକାର ।

ଭୌମକର ସାମ୍ରାଜ୍ୟରେ ଅନାବୃଷ୍ଟିର ପ୍ରଭାବ ଯୋଗୁଁ ସେଇ ରାଜବଂଶର ସୁବର୍ଣ୍ଣ ଯୁଗର ପରିସମାପ୍ତିର ବେଳ ଆସିଗଲା ବୋଲି ସମସ୍ତେ ଅନୁମାନ କରିବାକୁ ଲାଗିଲେ । ଅନାବୃଷ୍ଟି ଯୋଗୁଁ ଯେଉଁ ଦିଗରେ ନଜର ଗଲା ସେଇ ଦିଗରେ କେବଳ ଖାଁ ଖାଁ ଉତ୍ତପ୍ତ ପବନ । ଏଭଳି ମନେ ହେଲା ଯେପରି କି ସୂର୍ଯ୍ୟଦେବ ଆକଶ ଛାଡ଼ି ତଳକୁ ଓହ୍ଲାଇ ଆସିଲେ । ପବନର ଉତ୍ତାପ ଏତେ ମାତ୍ରାରେ ଅସହ୍ୟ ହୋଇ ପଡ଼ିଲା ଯେ ଅଂଶୁଘାତର ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଲା । ଦୀର୍ଘଦିନର ଏହି ଅନାବୃଷ୍ଟି ମହାପ୍ରଳୟର ସଙ୍କେତ ଦେଲା । ଭୌମନଗରୀର ପଂ ସରୋବର ମଧ୍ୟ ଶୁଖିଗଲା । ଅନାବୃଷ୍ଟି ଯୋଗୁଁ ପୃଥିବୀର ବକ୍ଷ ବିଦୀର୍ଣ୍ଣ ହୋଇପଡି ସେଇ ଫାଟରୁ ଅଗ୍ନି ଝରି ଆସୁଛି ଭଳି ମନେ ହେଲା । ଜଳ ବିହୀନ ଜୀବନ କେତେ ଯେ ବେଦନାଯୁକ୍ତ ତାହା କଥାକାର ଅତି ଚମତ୍କାର ଭାବରେ ଏହି ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି ।

ପ୍ରକୃତି ସଦାବେଳେ ମାନବ ଜୀବନକୁ ନିୟନ୍ତ୍ରଣ କରୁଛି ଏହା ଏକ ନିରାଟ ସତ୍ୟ କଥା । ମଣିଷର ବାହ୍ୟ ପ୍ରକୃତି ତା'ର ଅନ୍ତଃ ପ୍ରକୃତିକୁ ପ୍ରଭାବିତ କରେ ତାହା ମଧ୍ୟ ବାସ୍ତବ । ପ୍ରକୃତିରେ ଆସିଥିବା ସାମାନ୍ୟ ପରିବର୍ତ୍ତନ କି ଭଳି ସମଗ୍ର ମାନବ ସମାଜକୁ ଦୋହଲାଇ ଦିଏ ତାହା ସର୍ବବିଦିତ । ଆଲୋଚ୍ୟ ଉପନ୍ୟାସରେ ପ୍ରକୃତିର ଏଭଳି ପ୍ରକୋପ ପଡିଛି ଯେ, ସମଗ୍ର ଭୌମକର ସାମ୍ରାଜ୍ୟର ସାମାଜିକ ତଥା ପାରିବାରିକ ଜୀବନ ଓ ଜୀବନ ବଂଚିବାର ମାନଦଣ୍ଡ ହିଁ ଭୁସୁଡି ପଡିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଜଳର ଅଭାବରେ ସେଠାରେ ମାନବିକତାର ହିଁ ଅଭାବ ହୋଇ ପଡ଼ିଛି । ଜଳାଭାବ ଯୋଗୁଁ ରୋଗାକ୍ରାନ୍ତ ହେଉଥିବା ଲୋକଙ୍କୁ ଶୁଶ୍ରୂଷା ମଧ୍ୟ ଆଶାନୁରୂପ ହୋଇପାରିଲା ନାହିଁ । ସୂର୍ଯ୍ୟ ଉଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ନିଜ ନିଜର ଘରରେ ଆଶ୍ରୟ ନେବା ହିଁ ପ୍ରାଣ ରକ୍ଷା କରିବାର ଏକମାତ୍ର ଉପାୟ ଥିଲା । ସନ୍ଧ୍ୟାକାଳୀନ ସମୟରେ ନିଜର ବସାରୁ ବାହାରିଲେ କେବଳ ମୃତ୍ୟୁର ଖବର ହିଁ ଶୁଣିବାକୁ ମିଳୁଥିଲା । କାରଣ ଅନାବୃଷ୍ଟିର ସେଇ ପବନରେ ହିଁ ଉଡିବୁଲୁ ଥିଲା ମୃତ୍ୟୁର ଖବର । ଭୌମକର ସାମ୍ରାଜ୍ୟର ପ୍ରତ୍ୟେକ ଦିଗରେ କେବଳ କାନ୍ଦ ବୋବାଳିର ପରିବେଶ ସୃଷ୍ଟି ହେଲା । ଯାହା ପ୍ରଥମେ ପ୍ରଥମେ ବେଶ୍ କାରୁଣ୍ୟ ମନେ ହେଲା ସେଠାକାର ଲୋକଙ୍କ ପାଇଁ, କିନ୍ତୁ ଏଭଳି ଘଟଣା ପ୍ରତିଦିନ ଘଟିତ ହେବା ଯୋଗୁଁ କ୍ରମଶଃ ସେହି

ବେଦନାମାନ ଦେହସୁହା ମଧ୍ୟ ହୋଇଗଲା । ପ୍ରକୃତିର ଏଭଳି ଭୟାବହ ବ୍ୟବହାର ମଣିଷକୁ ଆଉ ମଣିଷ ହୋଇ ରହିବା ସୁଯୋଗ ଦେଲା ନାହିଁ । ଯେତେବେଳେ ଆତ୍ମରକ୍ଷା ହିଁ ଜରୁରୀ ହୋଇପଡ଼ିଛି । ସେତେବେଳେ ସେଠାରେ ଆପେ ଆପେ ସମ୍ପର୍କର ଡୋର ହୁଗୁଳି ପଡ଼ିଛି । କେବଳ ପାଣିକୁ କେନ୍ଦ୍ରକରି ମଣିଷ ବଦଳି ଯାଇଛି । କେହି କାହାର ନିୟନ୍ତ୍ରଣରେ ନାହାଁନ୍ତି । କାହାରି ପ୍ରତି କାହାର ମନରେ ଦୟା ନାହିଁକି ମମତା ନାହିଁ । କେହି କାହାକୁ ବିଶ୍ୱାସ ମଧ୍ୟ କରୁ ନାହାଁନ୍ତି । ଏମିତି ମନେ ହୋଇଛି ଯେ, ସେମାନେ ସବୁ ଅଲଗା ଗ୍ରହରୁ ଓହ୍ଲାଇ ଆସିଥିବା ଭିନ୍ନ ଭିନ୍ନ ମଣିଷ । କେହି କାହାରିକୁ ଚିହ୍ନି ନାହିଁନ୍ତି । କାହାର ସମ୍ପର୍କରେ କେହି ଆବଦ୍ଧ ନାହାନ୍ତି । ଅନାବୃଷ୍ଟି ଯୋଗୁଁ ବେଶ୍ ଅଦ୍‌ଭୁତ ଭାବେ ପ୍ରତିତ ହୋଇଛି ମାନବ ଜୀବନ ଓ ତା'ର ଜୀବନ ଚର୍ଯ୍ୟା । ଅନାବୃଷ୍ଟିର ଏହି କରାଳତା କେବଳ ମଣିଷର ମନକୁ ନୁହଁ, ବରଂ ତା'ର ରୂପ ବୈଶିଷ୍ଟ୍ୟରେ ମଧ୍ୟ ଆଣି ଦେଇଛି ଅଦ୍‌ଭୁତ ପରିବର୍ତ୍ତନ । ନାରୀ ପୁରୁଷ ନିର୍ବିଶେଷରେ କାହାଠାରେ ମଧ୍ୟ ଯୌବନ ଥିବା ଭଳି ମନେ ହୁଏ ନାହିଁ । ଯୌବନର ଔଜ୍ଜ୍ୱଲ୍ୟ ଓ ଉଦ୍ଦାମତା କୌଣସି ଶରୀରରେ ଦେଖାଦେଲା ନାହିଁ । ସମସ୍ତେ କେବଳ ବୃଦ୍ଧ ପ୍ରାୟ ମନେହେଲେ, ମଣିଷମାନଙ୍କ ହାତ ଗୋଡ଼ର ଚମଡ଼ା ଉପରେ ଶିରା ପ୍ରଶିରାଗୁଡ଼ିକ ବାହାରି ଆସିବା ଭଳି ମନେ ହେଲା । ମୁହଁ ଦେଖି କାହାର ବୟସର କଳନା କରିବା ସହଜ ସାଧ୍ୟ ହେଲା ନାହିଁ, ଏମିତି ମନେ ହୁଏ ଯେ, ସୂର୍ଯ୍ୟଦେବ କେବଳ ମାଟିରୁ, ବାଲିରୁ, ପୋଖରୀରୁ, ନଈରୁ ନୁହଁ ବରଂ ଦେହରୁ ଓ ମନରୁ ମଧ୍ୟ ସମସ୍ତ ରସ ଶୋଷି ଚାଲିଛନ୍ତି ତଥାପି ଅତୃପ୍ତ । ସୂର୍ଯ୍ୟଦେବଙ୍କ ଏହି ଅତୃପ୍ତି ମଧ୍ୟରେ ମଣିଷର ଅତୃପ୍ତତାର ଦୂରୀକରଣ ନିମନ୍ତେ ଜଳ ହିଁ ଏକମାତ୍ର ଆବଶ୍ୟକ ହୋଇ ପଡିଛି । ଦିନରେ ସୂର୍ଯ୍ୟଙ୍କ ପ୍ରକୋପ ହେତୁ ରାତି ହେବା ମାତ୍ରେ ଜଳର ସନ୍ଧାନରେ ସମସ୍ତେ ଛୁଟି ଚାଲନ୍ତି ନଈକୁ । ନଈ ମଧ୍ୟ ଶୁଖି ଶୁଖି ଛୋଟ ଧାରରେ ପରିଣତ ହୋଇଛି । ଜଳ ଟିକକ ପାଇଁ ପରିବାରର ବାପା, ମାଆ, ଭାଇ, ଭଉଣୀ, ବୋହୂ କିମ୍ବା ଛୋଟ ପିଲାମାନେ ଲାଗି ପଡନ୍ତି ନଈର ବାଲି ଖୋଳିବାରେ । କାରଣ ମାଟିର ଉପର ଜଳ ସୂର୍ଯ୍ୟଦେବ ଶୋଷି ନେଇଥିଲେ ମଧ୍ୟ ନଈର ବାଲିକୁ ତିନି-ଚାରି ଫୁଟ ଖୋଳିବାଦ୍ୱାରା ଉପରକୁ ଉଠି ଆସେ ଜଳ । ଏହା ଅତି କଷ୍ଟଦାୟକ ହେଲେ ମଧ୍ୟ ଜଳ ନିମନ୍ତେ ଦ୍ୱିତୀୟ କୌଣସି ବିକଳ୍ପ ମଧ୍ୟ ନଥିଲା କିନ୍ତୁ ନଈମାନଙ୍କରେ ଲୋକଙ୍କ ହାଉଜାଉ ଅଧିକ । ତେଣୁ ସମସ୍ତେ ପର୍ଯ୍ୟାପ୍ତ ଜଳ ପାଇବା ମଧ୍ୟ ସମ୍ଭବ ନ ଥିଲା । ଅନାବୃଷ୍ଟି ମଣିଷ ଜୀବନକୁ ଏତେ ମାତ୍ରାରେ ପ୍ରଭାବିତ କରିଦେଇ ଥିଲା ଯେ, ସେଠାରେ ଜୀବନ ଓ ମୃତ୍ୟୁ ମଧ୍ୟରେ କୌଣସି ପାର୍ଥକ୍ୟ ରହିଲା ନାହିଁ ।

ଅନାବୃଷ୍ଟିର ଏହି ତାଣ୍ଡଲୀଳା ପ୍ରକୃତିର ନିୟମକୁ ହିଁ ସଂପୂର୍ଣ୍ଣ ପରିବର୍ତ୍ତନ କରିଦେଇଥିଲା ବୋଲି କୁହାଯାଇପାରେ । କାରଣ ସେହି ସମୟରେ ଦିନଟି ରାତି ଓ ରାତିଟି ଦିନରେ ପରିବର୍ତ୍ତିତ ହୋଇସାରିଥିଲା । ସୂର୍ଯ୍ୟଦେବଙ୍କ ପ୍ରକୋପରୁ ରକ୍ଷା ପାଇବା ପାଇଁ ଲୋକମାନେ ଦିନର ସମସ୍ତ କାମ ରାତିରେ କରୁଥିଲେ । କୃଷି କାର୍ଯ୍ୟ ବନ୍ଦ ହୋଇଯିବା ହେତୁ ଶ୍ରମଜୀବୀମାନେ ସଂପୂର୍ଣ୍ଣ ଭାବେ ରୋଜଗାରହୀନ ହୋଇପଡ଼ିଲେ । ସେମାନଙ୍କ ପାଖରେ ଯେଉଁ ସ୍ୱଳ୍ପ ସଞ୍ଚିତ ଆହାର ଥିଲା, ସେସବୁ ସାମୟିକ ଆହାର କିମ୍ବା ଅନେକ ସମୟରେ ଅଳ୍ପାହାରରେ ସରିଯାଇଥିଲା । ସେଥିପାଇଁ ସେମାନେ ଅଧିକାଂଶ ସମୟ ଚୋରି, ଅପହରଣ ଭଳି କର୍ମରେ ବ୍ୟସ୍ତ ରହିବାକୁ ଲାଗିଲେ । ଯେହେତୁ ଅନାବୃଷ୍ଟି ତଥା ସୂର୍ଯ୍ୟଙ୍କ ତାପ ଯୋଗୁଁ ଲୋକମାନେ ରାତ୍ରିରେ ଅଧିକ ସଜାଗ ଓ ସକ୍ରିୟ ରହୁଥିଲେ । ତେଣୁ ରାତ୍ରିକାଳୀନ ସମୟରେ ଚୋରି କରିବା ବେଳେ ଧରାପଡ଼ି ଚୋରମାନେ ଦଣ୍ଡ ପାଉଥିଲେ । ଅପରପକ୍ଷରେ ସେମାନଙ୍କର ପରିବାରର ଲୋକମାନେ ମଧ୍ୟ ଅନାହାର ଓ ଅର୍ଦ୍ଧାହାରରେ ଜୀବନ ବଂଚୁଥିଲେ । ଫଳରେ ସେହି ଅଂଚଳମାନଙ୍କରେ ସର୍ବଦା ମୃତ୍ୟୁର କରାଳ ଛାଇ ଦେଖିବାକୁ ମିଳିଲା । ଭୌମକର ସାମ୍ରାଜ୍ୟରେ କ୍ରମଶଃ ଅନ୍ନଛତ୍ର ଓ ଜଳଛତ୍ରଗୁଡ଼ିକ ବନ୍ଦ ହେବାକୁ ଲାଗିଲା । ଯାହାଦ୍ୱାରା ଅନାହାରର ଏକ ଲହରୀ ଖେଳିଗଲା ସମଗ୍ର ସାମ୍ରାଜ୍ୟରେ, ଖଣ୍ଡ ମଣ୍ଡଳରେ ସର୍ବତ୍ର କେବଳ ତ୍ରାହି ଓ କରୁଣ ଛବି ।

ଅନାବୃଷ୍ଟିର କରାଳ ଛାୟା କେବଳ ମାନବ ସମାଜକୁ ସର୍ବହରା କରି ନାହିଁ ବରଂ ପଶୁ ଜଗତକୁ ମଧ୍ୟ କରିଛି କ୍ଷତାକ୍ତ । ଜଙ୍ଗଲଗୁଡ଼ିକ ଜଳିଯିବା ଓ ନଈଗୁଡ଼ିକ ଶୁଖି ଯିବା ଯୋଗୁଁ ଜଙ୍ଗଲୀ ପଶୁମାନେ ମାଡି ଆସିଲେ ଜନପଦକୁ । କେବଳ ଶିକାର କରିବା ନୁହଁ ତୃଷ୍ଣା ନିବାରଣ କରିବା ପାଇଁ ସେମାନେ ଜନପଦକୁ ଓହ୍ଲାଇ ଆସିଥିଲେ । ଅନ୍ୟପକ୍ଷରେ ଅନେକ ଛୋଟ ଛୋଟ ପଶୁପକ୍ଷୀ ଜଳ ଓ ଆହାର ନ ପାଇ ଅକାଳ ମୃତ୍ୟୁ ପ୍ରାପ୍ତ ହୋଇପଡ଼ିଲେ । ଶୁଖିଲା ଝରଣା, ନଈ କୂଳମାନଙ୍କରେ ପଶୁପକ୍ଷୀଙ୍କ ମୃତ ଦେହ । ବଢ଼ ବିଭତ୍ସ ସମଗ୍ର ବାତାବରଣ । ପ୍ରକୃତିର ଏହି ନିର୍ଦ୍ଦୟ ବ୍ୟବହାର ସହି ନ ପାରି କିଛି ଶକ୍ତିଶାଳୀ ପଶୁପକ୍ଷୀ ଚାଲିଗଲେ ଗଭୀର ବନକୁ । କିଛି ଅସମର୍ଥ ପଶୁପକ୍ଷୀ ରାସ୍ତାକୁ ଓହ୍ଲାଇ ଆସି ମୃତ୍ୟୁବରଣ କରିଲେ । ଫଳରେ ରାସ୍ତାଘାଟରେ ଦେଖାଗଲା କୁଢ଼ କୁଢ଼ ପଶୁପକ୍ଷୀଙ୍କ ଶବ । ସୂର୍ଯ୍ୟଙ୍କ ତୀବ୍ର ଉତ୍ତାପ ଯୋଗୁଁ ସେହି ପଶୁପକ୍ଷୀଙ୍କ ମୃତ ଦେହ ପଚି ସଢ଼ି ଯିବା ପୂର୍ବରୁ ଶୁଖି ପଡୁଥିଲା । ସେଥିପାଇଁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବାର ସୁଯୋଗ ମଧ୍ୟ ନ ଥିଲା । ସେହିପରି ଦିନ ପ୍ରତିଦିନ ଶହ ଶହ ସଂଖ୍ୟକ ହିଂସ୍ର ପଶୁ ରାଜରାସ୍ତାକୁ ମାଡ଼ି ଆସିବା ଯୋଗୁଁ କ୍ରମଶଃ ଦୁର୍ଘଟଣା ବଢ଼ି ଚାଲିଲା । ସେହି ଦୁର୍ଘଟଣାମାନ କେବଳ

ରାତ୍ରି ସମୟରେ ହିଁ ଅଧିକ ଘଟିତ ହେଉଥିଲା । କାରଣ ହିଂସ୍ର ପଶୁମାନେ ମଧ୍ୟ ରାତ୍ରି ସମୟରେ ଜଳ ପାଇଁ ନଈକୁ ମାଡି ଆସୁଥିଲେ । ସେଠାରେ ଜନଗହଳି ଦେଖି ପାଖକୁ ନ ଗଲେ ମଧ୍ୟ ନିରୋଳାରେ କୌଣସି ସେମାନଙ୍କ ମଣିଷ ସେମାନଙ୍କ ସମ୍ମୁଖରେ ପଡିଗଲେ । ତାକୁ ଟାଣି ନେଇ ଯାଉଥିଲେ ସେହି ହିଂସ୍ର ପଶୁମାନେ । ଯାହାଦ୍ୱାରା ସେମାନଙ୍କର ଉଭୟ କ୍ଷୁଧା ଓ ପିପାସା ମେଣ୍ଟି ଯାଉଥିଲା । ଏକଦା ଭୌମକର ନରପତି ଶିବକର ଗୋଟିଏ ମଣିଷଖିଆ ସିଂହ ସହ ଲଢ଼ି ତାକୁ ନିପାତ କରିଥିଲେ । କିନ୍ତୁ ଅନାବୃଷ୍ଟି ହେତୁ ସବୁ ସମୀକରଣ ପରିବର୍ତ୍ତନ ହୋଇ ଯାଇଛି । ଉତ୍ତପ୍ତ ଜଙ୍ଗଲରୁ ବାହାରି ଅନେକ ବାରହା, ଭାଲୁ, ହେଟା, କଲରାପତରିଆ, ହୁଣ୍ଡାଳ ପ୍ରଭୃତି ହିଂସ୍ର ଜନ୍ତୁ ମାତି ଉଠିଛନ୍ତି ନରରକ୍ତର ପିପାସାରେ । ଯାହାକୁ ସମଗ୍ର ରାଜଶକ୍ତି ନିୟନ୍ତ୍ରଣ କରିବାରେ ବିଫଳ ହୋଇ ପଡିଛି । ପ୍ରକୃତିର ରୂପ ଏଭଳି ଭୟାବହ ହୋଇପାରେ ବୋଲି କେହି କେବେ କଳନା ମଧ୍ୟ କରି ନ ଥିଲେ ।

ଭୌମକର ରାଜବଂଶ ତଥା ସାମ୍ରାଜ୍ୟର ଏଭଳି ଦୁଃସ୍ଥିତି ଓ ପ୍ରକୃତିର କରାଳ ରୂପର କାରଣ ଜାଣି ତା'ର ପ୍ରତିକାର କରିବା ନିମନ୍ତେ, ସମସ୍ତେ ଶତଚେଷ୍ଟା କରି ବିଫଳ ହୋଇପଡ଼ିଲେ । ସାମ୍ରାଜ୍ୟରେ ବ୍ୟାପିଥିବା ଏହି ହାହାକାରର କୌଣସି ସମାଧାନ କାହାର ନିକଟରେ ନ ଥିଲା । ଅନାବୃଷ୍ଟି ଯୋଗୁଁ କେବଳ ରାଜ୍ୟର ସାଧାରଣ ପ୍ରଜା ଓ ଜୀବଜଗତ କ୍ଷତିଗ୍ରସ୍ତ ହୋଇ ନାହାଁନ୍ତି । ବରଂ ଅନାବୃଷ୍ଟିର ସମାଧାନ ପାଇଁ ସାମ୍ରାଜ୍ୟର ନରପତି ଶୁଭକର ଓ ବୌଦ୍ଧଗୁରୁ ରାହୁଳ ରୁଚି ମଧ୍ୟ ଅକାଳରେ ଝଡ଼ି ପଡ଼ିଲେ । ସେହିପରି ଅନାବୃଷ୍ଟିର କାରଣ ଗ୍ରହ ନକ୍ଷତ୍ରମାନଙ୍କଠାରେ ସନ୍ଧାନ କରିବା ସମୟରେ ଜ୍ୟୋତିର୍ବିତ୍ ଆଚାର୍ଯ୍ୟ ପରାସର ସୁନିଙ୍କ ଦୃଷ୍ଟିଶକ୍ତି ଚାଲିଗଲା । ପରିଶେଷରେ ସେ ଭୌମକର ସାମ୍ରାଜ୍ୟ ତ୍ୟାଗ କରି ଚାଲିଗଲେ । ପ୍ରକୃତି ସର୍ବଦା ମାନ ସମାଜରେ ଅନେକ ପରିବର୍ତ୍ତନର କାରଣ ସାଜିଥାଏ । ପ୍ରକୃତି ସୁପ୍ରଭାବ ମାନବ ସମାଜକୁ ସୁନ୍ଦର ଓ ଆନନ୍ଦମୟ କରି ଗଢ଼ି ତୋଳେ । କିନ୍ତୁ ପ୍ରକୃତିର କୁପ୍ରଭାବ ସମଗ୍ର ଜୀବ ଜଗତକୁ କିଭଳି ବିବର୍ଣ୍ଣ ଓ ବିଭସ୍ତ କରିଦିଏ ତାର ଜୀବନ୍ତ ରୂପ ଅନୁଭବୀ ହୁଏ ପ୍ରୋକ୍ତ ଉପନ୍ୟାସରେ ବର୍ଣ୍ଣିତ ଅନାବୃଷ୍ଟି ପ୍ରସଙ୍ଗରେ । ଏହି ଉପନ୍ୟାସରେ ଅନାବୃଷ୍ଟି ସାଜିଛି ଭୌମକର ସାମ୍ରାଜ୍ୟର ସୁବର୍ଣ୍ଣ ଯୁଗର ପତନର କାରଣ । ଅନାବୃଷ୍ଟି ଯୋଗୁଁ ହିଁ ଭୌମକର ରାଜବଂଶ ହରାଇଛି ନିଜର ସୁଦକ୍ଷ ନରପତି ଶୁଭକରଙ୍କୁ । ଏହା ଅପେକ୍ଷା ଅନାବୃଷ୍ଟି ଯୋଗୁଁ ହିଁ ଭୌମକର ସାମ୍ରାଜ୍ୟର ଶହ ଶହ ପ୍ରଜା, ପଶୁ-ପକ୍ଷୀ ଓ ବୌଦ୍ଧ ଶ୍ରେଷ୍ଠୀମାନେ ନିଜର ପ୍ରାଣ ମଧ୍ୟ ହରାଇଛନ୍ତି । ପ୍ରକୃତିର ଏଭଳି ବ୍ୟବହାର ସମଗ୍ର ଭୌମକର ସାମ୍ରାଜ୍ୟକୁ ସଂପୂର୍ଣ୍ଣ ଭାବରେ କ୍ଷତାକ୍ତ କରିଦେଇଛି । ଯାହା ଇତିହାସର ପୃଷ୍ଠା ଓ ଉପନ୍ୟାସର ପୃଷ୍ଠାରେ ବେଶ୍ ଜୀବନ୍ତ ଭାବେ ବର୍ଣ୍ଣିତ ହୋଇଛି ବୋଲି କୁହାଯାଇପାରେ ।

ଗବେଷିକା

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ